بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ସାପ୍ତାହିକ
# ବଦର
Weekly BADAR Qadian
କାଦିଆନ
Odia

www.akhbarbadarqadian.in

ଖଣ୍ଡ 6 | ସଂଖ୍ୟା 27

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

08 ଜୁଲାଇ 2021 | 08 ୱଫା 1400 ହି.ଶ | 27 ଜୁଲ୍‌କାଦା 1442 ହି.କ

## ଅଲ୍ଲାଃ ତାଲାଙ୍କ ବାଣୀ

اِنَّ الَّذِیۡنَ کَفَرُوۡا لَوۡ اَنَّ لَہُمۡ مَّا فِی الۡاَرۡضِ جَمِیۡعًا وَّمِثۡلَہٗ مَعَہٗ لِیَفۡتَدُوۡا بِہٖ مِنۡ عَذَابِ یَوۡمِ الۡقِیٰمَۃِ مَا تُقُبِّلَ مِنۡہُمۡ ۚ وَلَہُمۡ عَذَابٌ اَلِیۡمٌ (سورۃ المائدہ:37)

ଅନୁବାଦ- ଯେଉଁମାନେ ଅବିଶ୍ୱାସକାରୀ ଅଟନ୍ତି, ଯଦି ସେମାନେ ପୃଥିବୀରେ ଥିବା ସମସ୍ତ ପଦାର୍ଥ ଓ ତତୁଲ୍ୟ ପଦାର୍ଥକୁ କୟାମତ ଦିନ ଶାସ୍ତି ବଦଳରେ ପ୍ରଦାନ କରନ୍ତି ତେବେ ମଧ୍ୟ ତାହା ସେମାନଙ୍କଠାରୁ ଗୃହୀତ ହେବନାହିଁ ଏବଂ ସେମାନଙ୍କ ପାଇଁ ଯନ୍ତ୍ରଣାଦାୟକ ଶାସ୍ତି (ନିୟତ) ଅଛି ।

*(ଅଲ୍‌ମାଇଦା: ୩୭)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱରଅ.ବଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଅ.ବଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ହଜ୍‌ରତ୍ ମୁହମ୍ମଦ ସ:ଆ:ସଙ୍କ ସାହାବାମାନେ ଏପରି ଭକ୍ତି ଓ ଆନ୍ତରିକତାର ନମୁନା ଦେଖାଇଲେ, ଯାହାର ଦୃଷ୍ଟାନ୍ତ ଏ ପୃଥିବୀ ଇତିହାସରେ ଅନ୍ୟ କେଉଁଠି ମିଳିପାରିବ ନାହିଁ ।**

**ମୁଁ ଦେଖୁଅଛି ଯେ ଅଲ୍ଲାଃ ତାଲା ମୋ ଜମାତ୍‌କୁ ମଧ୍ୟ ଏକ ପ୍ରକାର ଜୋଶ୍ (ଉତ୍ସାହ) ପ୍ରଦାନ କରିଛନ୍ତି ଏବଂ ସେମାନେ ଭକ୍ତି ଓ ନିଷ୍ଠାର ନମୁନା ଦେଖାଇଛନ୍ତି ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ଏକ ଆନ୍ତରିକ ଓ ବିଶ୍ୱସ୍ତ ଜମାତ୍

ମୁଁ ଈଶ୍ୱରଙ୍କର କୃତଜ୍ଞତା ଜ୍ଞାପନ କରୁଅଛି ଯେ ସେ ମତେ ଗୋଟିଏ ଆନ୍ତରିକ ଓ ବିଶ୍ୱସ୍ତ ଜମାତ୍ (ସଂପ୍ରଦାୟ) ପ୍ରଦାନ କରିଛନ୍ତି । ମୁଁ ଏହା ଅବଲୋକନ କରୁଛି ଯେ ମୁଁ ଯେଉଁ କାର୍ଯ୍ୟ ଓ ଉଦ୍ଦେଶ୍ୟ ପାଇଁ ସେମାନଙ୍କୁ ଡ଼ାକିଥାଏ, ସେମାନେ ଯଥାଶିଘ୍ର ପରସ୍ପରକୁ ଅତିକ୍ରମ କରିବାକୁ ପ୍ରୟାସ କରି ନିଜର ଶକ୍ତି ଓ ସାମର୍ଥ୍ୟ ମୁତାବକ ଉତ୍ସାହିତ ହୋଇ ଆଗକୁ ବଢ଼ିଥାନ୍ତି । ମୁଁ ଦେଖିପାରୁଛି ଯେ ସେମାନଙ୍କ ଭିତରେ ଭକ୍ତିଭାବ ଓ ଆନ୍ତରିକତା ରହିଛି । ମୋ ତରଫରୁ ଯେବେ କୌଣସି ଆଦେଶ ମିଳୁଛି, ସେମାନେ ତାହା ମାନିବାକୁ ପ୍ରସ୍ତୁତ ଅଛନ୍ତି । ବାସ୍ତବିକ କୌଣସି ଜାତି ଓ ସଂପ୍ରଦାୟ ସେ ପର୍ଯ୍ୟନ୍ତ ପ୍ରସ୍ତୁତ ହୋଇନଥାଏ ଯେପର୍ଯ୍ୟନ୍ତ ତା' ମଧ୍ୟରେ ନିଜ ଇମାମ୍ (ଆଧ୍ୟାତ୍ମିକ ଗୁରୁ)ଙ୍କୁ ମାନିବା ଓ ଅନୁସରଣ କରିବା ନିମନ୍ତେ ଉତ୍ସାହ, ଭକ୍ତି ଓ ଆନ୍ତରିକତାର ଆତ୍ମା ଧାରଣ ନ ହୋଇଛି । ହଜ୍‌ରତ୍ ମସିହ୍ ଆ:ସଙ୍କୁ ଯେଉଁ ଦୁଃଖ କଷ୍ଟ ଓ ଅସୁବିଧାର ସମ୍ମୁଖିନ ହେବାକୁ ପଡ଼ିଲା ତାହା ତାଙ୍କ ସମ୍ପ୍ରଦାୟର ଦୁର୍ବଳତା ଓ ଆନିଚ୍ଛାକୃତ ସ୍ୱଭାବ ଯୋଗୁଁ ହେଲା । ସୁତରାଂ ଯେବେ ଯିଶୁଙ୍କୁ ଗରିଫ କରାଗଲା ସେତେବେଳେ ତାଙ୍କର ଜଣେ ବଡ଼ ଶିଷ୍ୟ ପିତ୍‌ରସ୍ ନିଜ ଗୁରୁ ଓ ମାର୍ଗଦର୍ଶକଙ୍କ ସମ୍ମୁଖରେ ଅସ୍ୱୀକାର କରିଦେଲା ଓ ନା କେବଳ ଅସ୍ୱୀକାର କଲା ବରଂ ତିନିଥର ଅଭିଷାପ ପ୍ରେରଣ କରିଦେଲା ଏବଂ ଯୀଶୁଙ୍କୁ ତାଙ୍କର ଅଧିକାଂଶ ଶିଷ୍ୟ (ହୱାରି) ଛାଡ଼ି ପଳାଇଗଲେ । ଏହାର ବିପରୀତ ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସଙ୍କ ସାହାବାଗଣ ଏପରି ଭକ୍ତି ଓ ବିଶ୍ୱସ୍ତତାର ଉଦାହରଣ ଦେଖାଇଛନ୍ତି, ଯାହାର ଦୃଷ୍ଟାନ୍ତ ପୃଥିବୀ ଇତିହାସରେ ଦେଖିବାକୁ ମିଳିପାରିବ ନାହିଁ । ସେମାନେ ମହାଭାଗ ସ:ଆ;ସଙ୍କ ଖାତିର୍ ସବୁ ପ୍ରକାରର ଦୁଃଖ ଓ କଷ୍ଟକୁ ବହନ କରିବାକୁ ସହଜ ମଣିଲେ । ଏପରି କି ନିଜର ପ୍ରିୟ ମାତୃଭୁମିକୁ ଛାଡ଼ିଲେ ନିଜର ଧନସମ୍ପତି, ଜିନିଷପତ୍ର ଓ ସାଙ୍ଗସାଥିକୁ ପରିତ୍ୟାଗ କଲେ । ପରିଶେଷରେ ଆପଣ ସ:ଆ:ସଙ୍କ ଖାତିର୍ ଜୀବନ ଦେବାକୁ ଦ୍ୱିଧା ବୋଧ କଲେନାହିଁ କି ପଶ୍ଚାତାପ କଲେନାହିଁ । ଏହି ବିଶ୍ୱସ୍ତତା ଓ ଭକ୍ତି ଥିଲା, ଯାହା ସେମାନଙ୍କୁ ଶେଷରେ ସମୃଦ୍ଧି ଓ ସଫଳତା ପ୍ରଦାନ କରିଥିଲା । ସେହିଭଳି ବର୍ତମାନ ମୁଁ ଦେଖୁଅଛି ଯେ ଅଲ୍ଲାଃ ତାଲା ମୋ ଜମାତକୁ ମଧ୍ୟ ତା'ର ସ୍ଥିତି ଓ ପଦବୀ ଅନୁସାରେ ଏକ ଉତ୍ସାହ ପ୍ରଦାନ କରିଛନ୍ତି ଏବଂ ସେମାନେ ବିଶ୍ୱସ୍ତତା ଓ ଆନ୍ତରିକତାର ନମୁନା ପ୍ରଦର୍ଶନ କରୁଛନ୍ତି । ଯେଉଁ ଦିନ ମୁଁ ନସିବୈନ୍‌କୁ ଏକ ପ୍ରତିନିଧି ଦଳ ପଠାଇବାକୁ ସ୍ଥିର କଲି, ପ୍ରତ୍ୟେକ ବ୍ୟକ୍ତି ଏହି ସେବାକାର୍ଯ୍ୟ କରିବା ପାଇଁ ମନୋନୀତ ହେବାକୁ ଇଚ୍ଛା ପ୍ରକାଶ କଲେ ଓ ଯେଉଁମାନେ ଏହି ଉଦ୍ଦେଶ୍ୟ ପାଇଁ ମୋନନୀତ ହୋଇଥିଲେ, ସେମାନଙ୍କୁ ଈର୍ଷାଳୁ ଦୃଷ୍ଟିରେ ଦେଖିଲେ । ସେ ସମସ୍ତଙ୍କର ଏ ଇଚ୍ଛା ଯେ ଯଦି ଏମାନଙ୍କ ବଦଳରେ ଆମକୁ ପଠାଯାଆନ୍ତା ତା'ହେଲେ ଏହା ଆମର ସୌଭାଗ୍ୟ ହୁଅନ୍ତା । ଆମର ଅନେକ ବନ୍ଧୁ ଏହି ଯାତ୍ରାରେ ଯିବାପାଇଁ ନିଜକୁ ପେଶ୍ କରିଥିଲେ । ମୁଁ ସେମାନଙ୍କ ଅନୁରୋଧ ପୂର୍ବରୁ ମିର୍ଜା ଖୁଦା ବଖ୍‌ଶ୍ ସାହେବଙ୍କୁ ଏହି ଯାତ୍ରା ପାଇଁ ଚୟନ କରିସାରିଥିଲି ଏବଂ ମୌଲବୀ କୁତୁବୁଦ୍ଦିନ୍ ଓ ମିଆଁ ଜମାଲୁଦ୍ଦିନ୍‌ଙ୍କୁ ତାଙ୍କ ସହିତ ଯିବା ପାଇଁ ନିଷ୍ପତି କରିସାରିଥିଲି । ସେଥିଯୋଗୁଁ ମତେ ଏହି ବନ୍ଧୁମାନଙ୍କର ଅନୁରୋଧକୁ ପ୍ରତ୍ୟାଖାନ କରିବାକୁ ପଡ଼ିଲା । ତଥାପି ମୁଁ ନିଶ୍ଚିତ ଯେ ଯେଉଁମାନେ ସମ୍ପୂର୍ଣ୍ଣ ଆନ୍ତରିକତା ଓ ବିଶ୍ୱସ୍ତତା ସହିତ ଏହି ସେବା କାର୍ଯ୍ୟ କରିବା ନିମନ୍ତେ ନିଜକୁ ପେଶ୍ କରିଥିଲେ, ଅଲ୍ଲାଃ ତାଲା ସେମାନଙ୍କର ପବିତ୍ର ଉଦ୍ଦେଶ୍ୟର ପୁରସ୍କାରକୁ ନଷ୍ଟ କରିବେନାହିଁ ଓ ସେମାନେ ନିଜର ଆନ୍ତରିକତା ଅନୁଯାୟୀ ପୁରସ୍କୃତ ହେବେ ।

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୩୦୬-୩୦୭ ମୁଦ୍ରଣ ପ୍ରକାଶନ୨୦୧୮ କାଦିୟାନ)***

## ନବୀ ସ:ଆ:ସଙ୍କ ବାଣୀ

### ମୟତ୍ (ଅର୍ଥାତ ମୃତକ)ର ପ୍ରଶଂସା କରିବା

(୧୩୬୭) ହଜ୍‌ରତ୍ ଅନସ୍ ବିନ୍ ମାଲିକ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ଲୋକମାନେ ଗୋଟିଏ ଜନାଯାଃ (ଅନ୍ତିମ ସଂସ୍କାର ପାଇଁ ଯାଉଥିବା ଶବ) ନିକଟ ଦେଇ ଯାଉଥିଲେ ଏବଂ ସେମାନେ ତାହାର ଭଲ ପ୍ରଶଂସା କଲେ । ଏଥିରେ ନବୀ ସ:ଆ:ସ କହିଲେ: ୱାଜିବ୍ ହୋଇଗଲା ପୁଣି ଆଉ ଏକ ଜନାଯାଃ ନିକଟ ଦେଇ ଗଲେ, ସେମାନେ ତାହାର ନିନ୍ଦା କଲେ । (ନବୀ ସ:ଆ:ସ) କହିଲେ: ୱାଜିବ୍ ହୋଇଗଲା । ହଜ୍‌ରତ୍ ଉମର୍ ବିନ୍ ଖତାବ ର:ଅ କହିଲେ: କ'ଣ ୱାଜିବ୍ ହୋଇଗଲା ? ମହାଭାଗ ସ:ଆ:ସ କହିଲେ: ଯାହାର ତୁମେ ଭଲ ପ୍ରଶଂସା କଲ, ତା' ପାଇଁ ଜନ୍ନତ (ବୈକୁଣ୍ଠ) ଧାର୍ଯ୍ୟ ହୋଇଗଲା ଓ ଯାହାର ତୁମେ ନିନ୍ଦା କଲ ତା' ପାଇଁ ନର୍କ ଧାର୍ଯ୍ୟ ହୋଇଗଲା । ତୁମେମାନେ ଏ ପୃଥିବୀରେ ଅଲ୍ଲାଃ ତାଲାଙ୍କର ସାକ୍ଷୀ ।

(୧୩୬୮) ଅବୁଲ୍ ଅସ୍‌ୱଦ୍‌ଙ୍କଠାରୁ ବର୍ଣ୍ଣିତ ଅଛି ଯେ ମୁଁ ମଦିନା ଗଲି ଓ ସେଠାରେ ରୋଗ ବ୍ୟାପି ଥିଲା । ମୁଁ ହଜ୍‌ରତ୍ ଉମର୍ ବିନ୍ ଖତାବ୍ ର:ଅଙ୍କ ନିକଟରେ ବସିଥିଲି । ତାଙ୍କ ନିକଟ ଦେଇ ଗୋଟିଏ ଜନାଯାଃ ଗଲା । ସେହି ଜନଯାଃର ଭଲ ପ୍ରଶଂସା କରାଗଲା । ହଜ୍‌ରତ୍ ଉମର୍ ର:ଅ କହିଲେ: ୱାଜିବ୍ ହୋଇଗଲା ଆଉ ଏକ ଯନାଜାଃ ଗଲା, ତାହାର ମଧ୍ୟ ଭଲ ପ୍ରଶଂସା ହେଲା । ହଜ୍‌ରତ୍ ଉମର୍ ର:ଅ କହିଲେ: ୱାଜିବ୍ ହୋଇଗଲା । ପୁଣି ଆଉ ଏକ ତୃତୀୟ ଯନାଜାଃ ଗଲା । ତାହାର ନିନ୍ଦା କରାଗଲା । (ହଜ୍‌ରତ୍ ଉମର୍ ର:ଅ) କହିଲେ: ୱାଜିବ୍ ହୋଇଗଲା । ଅବୁଲ୍ ଅସ୍‌ୱଦ୍ କହୁଥିଲେ: ମୁଁ କହିଲି, ହେ ଅମୀରୁଲ୍ ମୁମିନିନ୍ ! କ'ଣ ୱାଜିବ୍ ହୋଇଗଲା ? ସେ କହିଲେ: ମୁଁ ସେହି କଥା କହିଲି ଯେଉଁ କଥା ନୀବ ସ:ଆ:ସ କହିଥିଲେ । ଯଦି ଜଣେ ମୁସଲମାନ ପାଇଁ ଚାରିଜଣ ମୁସଲମାନ ମଧ୍ୟ ଭଲ ସାକ୍ଷ୍ୟ ଦେଇଦେବେ, ଅଲ୍ଲାଃ ତାଲା ତାକୁ ବୈକୁଣ୍ଠରେ ପ୍ରବେଶ କରାଇଦେବେ । ଆମେ କହିଲୁ: ଯଦି ତିନିଜଣ ସାକ୍ଷ୍ୟ ଦିଅନ୍ତି ? ମହାଭାଗ ସ:ଆ:ସ କହିଲେ: ତିନି ଜଣ ମଧ୍ୟ । ଆମେ କହିଲୁ: ଯଦି ଦୁଇଜଣ ସାକ୍ଷ୍ୟ ଦିଅନ୍ତି ? ଆପଣ ସ:ଆ:ସ କହିଲେ ଦୁଇଜଣ ମଧ୍ୟ । ପୁଣି ତା'ପରେ ଆମେ ଆପଣ ସ:ଆ:ସଙ୍କୁ ଜଣେ ଲୋକର ସାକ୍ଷ୍ୟ ଦେବା ସମ୍ବନ୍ଧରେ ପଚାରିଲୁ ନାହିଁ । ***(ସହି ବୁଖାରୀ, ଖଣ୍ଡ-୨, କିତାବୁଲ୍ ଜନାଇୟ, ମୁଦ୍ରଣ ୨୦୦୬ କାଦିଆନ୍)***

**ଆସନ୍ତାକୁ ହିନ୍ଦୁସ୍ତାନର ଭାଷା ଉର୍ଦ୍ଦୁ ଭାଷା ହେବ ଏବଂ ଅନ୍ୟ କୌଣସି ଭାଷା ତାହାର ମୁକାବିଲାରେ ଛିଡ଼ା ହୋଇପାରିବେ ନାହିଁ ।**

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ ର:ଅ ସୁରଃ ଇବ୍ରାହିମ୍‌ର ଆୟତ ନଂ-୫ **ୱମା ଅର୍‌ସଲ୍‌ନା ମିର୍ ରସୁଲିନ୍ ଇଲ୍ଲା ବିଲିସାନି କୌମିହି ଲିୟୁବୟିନା ଲହୁମ୍- ଫୟୁଜିଲ୍ଲୁଲ୍ଲାହୁ ମଇଁ ୟଶାଉ ୱ ୟହ୍‌ଦି ମଇଁ ୟଶାଉ ୱ ହୁୱଲ ଅଜିଜୁଲ୍ ହକିମ୍** ର ବ୍ୟାଖ୍ୟା କରି କହିଛନ୍ତି:-

**ଇଲ୍ଲା ବିଲିସାନି କୌମିହିର** ଅର୍ଥ କିଛି ଲୋକେ ତ ଏହା କରିଛନ୍ତି ଯେ ରସୁଲଙ୍କ ୱହି (ଅର୍ଥାତ ଐଶିବାଣୀ) କେବଳ ତାଙ୍କ ମାତୃଭାଷାରେ ହେବା ଉଚିତ । କିନ୍ତୁ ଏହା ଠିକ୍ ନୁହେଁ । ହଁ ଏକଥା ଠିକ୍ ଯେ ତାଙ୍କ କୌମ୍‌ର (ଅର୍ଥାତ ମାତୃ) ଭାଷାରେ ଜରୁର୍ ହେବା ଉଚିତ କାରଣ ସେ ଯେଉଁ ବାର୍ତା ନିଜ ରାଷ୍ଟ୍ରର ଲୋକମାନଙ୍କୁ ପହଂଚାଇବାକୁ ଚାହୁଁଛନ୍ତି, ଯଦି ତାହା ଅନ୍ୟ ଭାଷାରେ ହୁଏ ତେବେ ତାଙ୍କ ପକ୍ଷରେ ତବ୍‌ଲିଗ୍ କରିବା କଷ୍ଟକର ହୋଇଯିବ । କିନ୍ତୁ ଯଦି ଅନ୍ୟ କୌଣସି ଭାଷାରେ ନିଦର୍ଶନ ଓ ଐଶିଚମତ୍କାର ସ୍ୱରୁପ ଏଲ୍‌ହାମ୍ (ଐଶିବାଣୀ) ହୁଏ ତେବେ ଏଥିରେ କୌଣସି ଅସୁବିଧା ନାହିଁ ।

କିଛି ଲୋକେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବା ଏଲ୍‌ହାମ୍ (ଐଶିବାଣୀ) ଗୁଡ଼ିକ ଉପରେ ଏହି ଆୟତକୁ ଉପସ୍ଥାପନ କରି ଆପତି କରୁଛନ୍ତି । ଯଦିଓ ଆରବୀ ଏବଂ ଉର୍ଦ୍ଦୁ ଭାଷା ବ୍ୟତୀତ ଆପଣ ଆ:ସଙ୍କୁ ଅନ୍ୟ ଯେଉଁ ଭାଷାଗୁଡ଼ିକରେ ଏଲ୍‌ହାମ୍ ହୋଇଛି ତାହା ନିଦର୍ଶନ ଓ ଐଶୀଚମତ୍କାର ରୂପେ ହୋଇଅଛି । ଆରବୀ ଭାଷାରେ ତାଙ୍କ ଉପରେ ଏଥିଯୋଗୁଁ ଏଲ୍‌ହାମ୍ ହୋଇଛି ଯେ ତାହା ହେଉଛି ଇସ୍‌ଲାମ୍‌ର ଧାର୍ମିକ ଭାଷା ସେହିପରି ତାହା ହେଉଛି ମୁସଲମାନମାନଙ୍କର ଜାତୀୟ ଭାଷା । ଉର୍ଦ୍ଦୁ ଭାଷାରେ ଏଥିଯୋଗୁଁ ଏଲ୍‌ହାମ୍ ହେଲା ଯେ ଆପଣ ଆ:ସଙ୍କ ସମ୍ମୁଖରେ ଉର୍ଦ୍ଦୁଭାଷୀ ଲୋକେ ଥିଲେ ଏବଂ ଯଦି ଦେଖାଯାଏ ତା'ହେଲେ ଆପଣ ଆ:ସଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବା ସମସ୍ତ ଏଲ୍‌ହାମ୍ ଗୁଡ଼ିକର ମୂଳ ଅଂଶ ହେଉଛି ଆରବୀ ବା ଉର୍ଦ୍ଦୁ ଭାଷା । ଅନ୍ୟ ଭାଷାଗୁଡ଼ିକରେ ଯେଉଁ ଏଲ୍‌ହାମ୍ ହୋଇଛି, ତାହା ଏପରି ନୁହେଁ ଯେ ତା ବିନା ତବ୍‌ଲିଗ୍‌ରେ କୌଣସି ପ୍ରତିବନ୍ଧକ ସୃଷ୍ଟି ହେବ । ତାହା କେବଳ ଆଗକୁ ଏକ ସାହାଯ୍ୟ, ସମର୍ଥନ ଓ ନିଦର୍ଶନ ପାଇଁ ହୋଇଛି ।

ଖ୍ରୀଷ୍ଟିଆନ୍‌ମାନେ, ବିଶେଷ ରୂପେ ୱେରୀ ଏହି ଆୟତ ଦ୍ୱାରା ରସୁଲେ୍ କରିମ୍ ସ:ଆ:ସଙ୍କ ଉପରେ ଆପତି କରିଛି । ୱେରୀ ସାହେବ କହୁଛନ୍ତି ଯେ ଏହି ଆୟତରୁ ଜଣାପଡୁଛି ଯେ ମୁହମ୍ମଦ ରସୁଲୁଲ୍ଲାଃ ସ:ଅ:ସ କେବଳ ଆରବ ଦେଶ ପାଇଁ ଥିଲେ । କିନ୍ତୁ ତତ୍‌ସହିତ ଏହା ମଧ୍ୟ ଲେଖିଛନ୍ତି ଯେ ଏହି ଆୟତରୁ ପ୍ରମାଣ ହେଉଅଛି ଯେ ପବିତ୍ର କୁର୍‌ଆନ୍‌ର ଅନୁବାଦ ହେବା ଉଚିତ । ତାଙ୍କର ଏହି ଦୁଇଟି କଥା ପରସ୍ପର ବିରୋଧି ଅଟେ । ଯଦି ନବୀ କରିମ୍ ସ:ଆ:ସ କେବଳ ଆରବ ଦେଶପାଇଁ ଥିଲେ ତେବେ ଅନୁବାଦ କରିବାର ପ୍ରଶ୍ନ ହିଁ କେଉଁଠୁ ଆସିଲା । ଯେବେ ଅନ୍ୟ କୌମ୍ (ଜାତି)ଗୁଡ଼ିକ ସହିତ ଏହାର ସମ୍ବନ୍ଧ ହିଁ ନାହିଁ, ତେବେ ଅନୁବାଦ କରିବାର ଆବଶ୍ୟକ ହିଁ ନାହିଁ । କିନ୍ତୁ ଯଦି ଏହି ଆୟତରୁ ଅନୁବାଦ କରିବା ଉଚିତ ପ୍ରମାଣିତ ହେଉଅଛି ତେବେ ଜଣାପଡ଼ିଲା ଯେ ମହଭାଗଙ୍କ ରିସାଲତ୍ (ଅବତାରତ୍ୱ) ଅନ୍ୟ କୌମ୍ ( ରାଷ୍ଟ୍ର ଓ ଜାତିର) ଲୋକମାନଙ୍କ ପାଇଁ ମଧ୍ୟ ଥିଲା । ଏହି ପ୍ରଶ୍ନର ପ୍ରକୃତ ଉତର ହେଉଛି ଏହା କି ଏପରି ଭାବାର୍ଥ ଏହି ଆୟତର ହୋଇ ହିଁ ନପାରେ ଯେ ଆଁ ହଜ୍‌ରତ୍ ସ:ଆ:ସ ଆରବ ଦେଶ ପାଇଁ ଥିଲେ କାରଣ ପବିତ୍ର କୁର୍‌ଆନ୍‌ର ଅନ୍ୟ ସ୍ଥାନରୁ ସ୍ପଷ୍ଟ ଭାବରେ ପ୍ରମାଣ ହେଉଅଛି ଯେ ଆପଣ ସ:ଆ:ସ ସାରା ଦୁନିଆ ପାଇଁ ଆବିର୍ଭୁତ ହୋଇଥିଲେ........

ଏହି ଆୟତରୁ ଏହା ମଧ୍ୟ ଜଣାପଡୁଛି ଯେ ଆରବୀ ଭାଷା ହେଉଛି **ଉମ୍ମୁଲ୍ ଅଲ୍‌ସିନା** (ସମସ୍ତ ଭାଷାର ଉତ୍ପତିର ଉତ୍ସ) କାରଣ ଯେଉଁ ରସୁଲ୍ ଆରବରେ ଆସିଲେ ତାହାଙ୍କ ନିକଟରେ ସାରା ଦୁନିଆକୁ ସୁଧାରିବାର କାର୍ଯ୍ୟ ନ୍ୟସ୍ତ କରାଯାଇଥିଲା । ତେଣୁ ଆରବୀରେ ଅବତୀର୍ଣ୍ଣ ହୋଇଥିବା ଐଶିବାଣୀକୁ ସମଗ୍ର ବିଶ୍ୱ ପାଇଁ ମାର୍ଗଦର୍ଶନ ଅଭିହିତ କରାଇବା ଦ୍ୱାରା ଏହା ପ୍ରମାଣିତ ହେଉଛି ଯେ ଆରବୀ କୌଣସି ନା କୌଣସି ପ୍ରକାରେ ସମସ୍ତ ଭାଷାଗୁଡ଼ିକର ମା' ଅଟେ ଏବଂ ଅନ୍ୟ ସମସ୍ତ ଭାଷାଗୁଡ଼ିକ ହେଉଛନ୍ତି ତାହାର ଝିଅ ପରି ।

ଏହି ଆୟତରୁ ଆର୍ଯ୍ୟମାନଙ୍କର ଏହି ଆପତି ଓ ଅଭିଯୋଗ ଖଣ୍ଡନ ହୋଇଯାଉଛି ଯେ କଲାମେ ଏଲାହୀ (ଅର୍ଥାତ ଈଶ୍ୱରଙ୍କର ବାଣୀ) ଏମିତି ଭାଷାରେ ଅବତୀର୍ଣ୍ଣ ହେବା ଉଚିତ ଯାହାକୁ କେହି କହୁନଥିବେ ଫଳତଃ ସମସ୍ତଙ୍କ ମଧ୍ୟରେ ସମାନତା ରହିବ କିନ୍ତୁ ପବିତ୍ର କୁର୍‌ଆନ୍ ଏହା କହୁଅଛି ଯେ ଏମିତି ଭାଷାରେ ୱହି (ଐଶିବାଣୀ) ହେବା ଉଚିତ ଯେଉଁ ଭାଷାକୁ ଲୋକମାନେ କହୁଥିବେ । ଫଳତଃ ନବୀ ସେମାନଙ୍କୁ ବୁଝାଇପାରିବେ ଓ ସେମାନେ ବୁଝିପାରିବେ । ଯେଉଁ ଭାଷାକୁ ଦୁନିଆର ଲୋକମାନେ କହିପାରୁନଥିବେ ନା ବୁଝିପାରୁନଥିବେ, ସେହି ଭାଷାରେ ଐଶିବାଣୀ ଅବତୀର୍ଣ୍ଣ ହେଲେ କ'ଣ ଲାଭ ମିଳିବ । ଆର୍ଯ୍ୟମାନଙ୍କର ଏହି ବିଶ୍ୱାସ ଏପରି ମଧ୍ୟ ଭୁଲ୍ ଯେ ଯେବେ ବେଦ ଅବତୀର୍ଣ୍ଣ ହେଲା ଯଦି ସେତେବେଳେ ଋଷିମାନେ ତାହାକୁ ବୁଝିଲେ ନାହିଁ ତା'ହେଲେ ତାହାର ଅବତୀର୍ଣ୍ଣ ହେବା ବ୍ୟର୍ଥ ହୋଇଯାଉଛି ଏବଂ ଯଦି ସେହି ଋଷିମାନଙ୍କୁ ବେଦ ବୁଝାଇ ଦିଆଯାଇଥିଲା, ତେବେ ପୁଣି ସମାନତା ରହିଲା ନାହିଁ, ଏବଂ ଯଦି ସେ ସମୟରେ ଲୋକମାନେ ଥିଲେ ଓ ସେମାନଙ୍କୁ ମଧ୍ୟ ବୁଝାଇ ଦିଆଯାଇଥିଲା ତା'ହେଲେ ଯଦିଚ ସେ ସମୟର ଲୋକମାନଙ୍କ ପାଇଁ ସମାନତା ହୋଇଯାଇଥିଲା କିନ୍ତୁ ପରେ ଯେଉଁମାନେ ଜନ୍ମ ହେଲେ, ସେମାନଙ୍କ ପାଇଁ ସମାନତା କେଉଁଠି ରହିଲା ? ଏବେବି ପଣ୍ଡିତମାନେ ମଧ୍ୟ ବେଦର ଭାଷାକୁ ଜାଣୁନାହାନ୍ତି ।

ଯେହେତୁ ଏ ଯୁଗର ସଂସ୍କାରକ ହଜ୍‌ରତ୍ ମସିହ୍ ଆ:ସଙ୍କ ଉପରେ ଆରବୀ ପରେ ଉର୍ଦ୍ଦୁ ଭାଷାରେ ଐଶିବାଣୀ ବହୁଳ ମାତ୍ରାରେ ଅବତୀର୍ଣ୍ଣ ହୋଇଛି, ମୁଁ ଭାବୁଛି ଯେ ଏହି ଆୟତକୁ ଆଖି ଆଗରେ ରଖି କୁହାଯାଇପାରେ କି ହିନ୍ଦୁସ୍ତାନର ପରବର୍ତୀ ଭାଷା ଉର୍ଦ୍ଦୁ ଭାଷା ହେବ ଓ ଅନ୍ୟ କୌଣସି ଭାଷା ଏହା ସହିତ ପ୍ରତଦ୍ୱନ୍ଦିତା କରିପାରିବ ନାହିଁ ।

**ଲିୟୁବୟିନା ଲହୁମ୍** ପରେ **ୟୁଜିଲ୍ଲୁଲ୍ଲାହୁ** ଆଣି ଅଲ୍ଲାଃ ତାଲା ଏ ଇସାରା କରିଛନ୍ତି ଯେ ବୁଝିବାର ସମସ୍ତ ଉପକରଣ ନଥାଏ, ତା'ହେଲେ ଅଲ୍ଲାଃ ତାଲା ତାହାକୁ ପଥଭ୍ରଷ୍ଟ ହେବାରଅଭିହିତ କରନ୍ତି ନାହିଁ । ଅଭିଯୋଗ ସର୍ବଦା ସେତେବେଳେ ହିଁ କରାଯାଇଥାଏ ଯେତେବେଳେ ପୂର୍ବରୁ ବୁଝାଇ ଦିଆଯାଇଥିବ । ଅର୍ଥାତ ସ୍ପଷ୍ଟ ଭାବରେ ବୁଝାଇ ଦିଆଯିବା ପରେ ହିଁ ପଥଭ୍ରଷ୍ଟ ହେବାର ଫତୁଆ ଜାରି କରାଯାଇପାରିବ ।

ଏଥିରୁ ଜଣାପଡ଼ିଲା ଯେ ପର୍ଯ୍ୟନ୍ତ ଗୋଟିଏ ଜାତିକୁ କୌଣସି କଥାର ନିଶ୍ଚିତ ଜ୍ଞାନ ନ ଦିଆଯାଇଛି, ସେ ପର୍ଯ୍ୟନ୍ତ ତାକୁ ନମାନିବା ଯୋଗୁଁ ଦଣ୍ଡ ଦିଆଯାଇପାରିବ ନାହିଁ । ଏ ସନ୍ଦର୍ଭରେ ମୁଁ ସେହି ଅଭିଯୋଗକୁ ମଧ୍ୟ ଦୁର କରିବାକୁ ଚାହିଁବି ଯେଉଁ ଅଭିଯୋଗ ଗୈର୍ ମୁବାଇନ୍‌ମାନଙ୍କ ତରଫରୁ ଆମ ଉପରେ ଲଗାଯାଉଅଛି ଯେ, ଯେପରି ଆମେ ପ୍ରତ୍ୟେକ ବ୍ୟକ୍ତିକୁ ଦଣ୍ଡନୀୟ ବୋଲି ବିବେଚନା କରିଥାଉଁ ସେମାନଙ୍କୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଦାଓ୍ୱା (ଦାବି)ର ଖବର ପହଂଚିଥାଉ କି ନ ପହଂଚିଥାଉ । ଏହି ଅଭିଯୋଗ ଭୂଲ୍ । ଆମେ ଏପରି ବିଶ୍ୱାସ କିପରି ରଖିପାରିବୁ, ଯେବେ କି ପବିତ୍ର କୁର୍‌ଆନ୍‌ରେ ସ୍ପଷ୍ଟ ଭାବରେ ପ୍ରକାଶ କରାଯାଇଛି ଯେ ବିନାଶର ଫତ୍‌ୱା ସେତେବେଳେ ଲଗାଯିବ, ଯେତେବେଳେ ସ୍ପଷ୍ଟ ଭାବରେ ବର୍ଣ୍ଣନା କରାଯାଇଥିବ ।

**ୱ ହୁଓ୍ୱଲ୍ ଅଜିଜୁଲ୍ ହକିମ୍** ଅର୍ଥାତ ସେ ହିଁ ମହାନ ପରାକ୍ରମୀ । ଦଣ୍ଡ ଦେଇପାରେ କିନ୍ତୁ **ହକିମ୍** ଅଟେ । ସେଥିଯୋଗୁଁ ଯେ ପର୍ଯ୍ୟନ୍ତ ଦଣ୍ଡର କାରଣ ନାହିଁ ସେ ପର୍ଯ୍ୟନ୍ତ ସେ ଦଣ୍ଡ ଦିଅନ୍ତି ନାହିଁ । ***(ତଫ୍‌ସୀର୍ କବୀର୍, ଖଣ୍ଡ-୩, ପୃ-୪୪୨-୪୪୪.......୨୦୧୦ କାଦିଆନ୍)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୧ ର ଅବଶିଷ୍ଟାଂଶ ......*

**୨୬ ଅକ୍ଟୋବର ୨୦୧୯ (ଶନିବାର)**

ହଜୁର ଅନଓ୍ୱର ଅ:ବ:ଅ ଭୋର ୭:୦୦ରେ ମସ୍‌ଜିଦ୍ ବଇତୁଲ୍ ବସିର୍ ରେ ପଦାର୍ପଣ କରି ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳ ବେଳା ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି ଡ଼ାକ, ଚିଠି ଏବଂ ରିପୋର୍ଟସ ଇତ୍ୟାଦିର ତଦାରଖ କଲେ ଓ ସେଥିରେ ହିଦାୟତ (ନିର୍ଦ୍ଦେଶମାନ) ପ୍ରଦାନ କଲେ । ଏହିପରି ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

ପ୍ରୋଗ୍ରାମ ମୁତାବକ ଠିକ୍ ୧୧ଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ନିଜ ଦଫ୍‌ତରକୁ ଆସିଲେ ଓ ସେଠାରେ ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହେଲା । ଆଜି ସକାଳର ଏହି ସେସନ୍‌ରେ ୪୦ଟି ଫ୍ୟାମିଲିରୁ ୧୪୧ ଜଣ ସଦସ୍ୟ ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସାକ୍ଷାତ କରିବାକୁ ଆସିଥିବା ଏହି ଫ୍ୟାମିଲିଗୁଡ଼ିକ ଜର୍ମାନୀ ଭିନ୍ନ ଭିନ୍ନ ୨୨ଟି ଯମାତ୍‌ରୁ ଆସି ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାପାଇଁ ଏଠାରେ ଆସି ପହଂଚିଥିଲେ । ଏତଦ୍‌ବ୍ୟତିତ ବେଲ୍‌ଜିୟମ୍‌ରୁ ଆସିଥିବା ଗୋଟିଏ ଫ୍ୟାମିଲି ମଧ୍ୟ ସାକ୍ଷାତ କରିବାର ସୌଭାଗ୍ୟ ପାଇଲା ।

ସାକ୍ଷାତକାର କରିଥିବା ଏହି ସମସ୍ତ ସଦ୍ୟମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ଦେଲେ ଓ ଛୋଟ ଛୋଟି ପୁଅ ଝିଅମାନଙ୍କୁ ଚକୋଲେଟ ପ୍ରଦାନ କଲେ । ସାକ୍ଷାତକାରର ଏହି ପ୍ରୋଗ୍ରାମ ଦିନ ୧:୨୦ ମିନିଟ ପର୍ଯ୍ୟନ୍ତ ଜାରି ରହିଲା । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ବଇତୁଲ୍ ବସିର୍‌ର ବାହ୍ୟ ପ୍ରାଙ୍ଗଣରେ ପହଂଚି ଅର୍ନାମେଂଟାଲ୍ ଚେରୀର ଗୋଟିଏ ଚାରା ରୋପଣ କଲେ । ଏହି ଚାରାଟିକୁ ଜାପାନୀଜ୍ ଚେରି ବ୍ଲୋସମ୍ ମଧ୍ୟ କୁହାଯାଏ । ତା'ପରେ ଫଟୋ ଉଠାଇବା କାର୍ଯ୍ୟକ୍ରମ ଆରମ୍ଭ ହେଲା । ନିମ୍ନଲିଖିତ ଗ୍ରୁପଗୁଡ଼ିକ ଜଣ ଜଣ ହୋଇ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ ।

ମଜ୍‌ଲିସ୍ ଆମେଲା ଯମାତ୍ ମେହେଦୀ ଆବାଦ୍, ଗ୍ରୁପ୍ ସଦସ୍ୟଗଣ ଯେଉଁମାନଙ୍କୁ ଓ୍ୱକାରେ ଅମଲ୍ କରିବାର ସୌଭାଗ୍ୟ ମିଳିଛି, ମଜ୍‌ଲିସ୍ ଆମେଲା Badsege Berg ଯମାତ୍, MTA ଜର୍ମାନୀର ଟିମ୍, MTA International Team, Media and Press, ହଜୁର ଅନଓ୍ୱର ଅ:ବ:ଅଙ୍କ କାଫିଲାର ସଦସ୍ୟମାନେ, ଜିୟାଫତ୍ ବିଭାଗର କର୍ମୀଗଣ, କାଫିଲାର କିଛି ସଦସ୍ୟ ରହିଯାଇଥିଲେ ତେଣୁ ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ପୁର୍ନବାର କାଫିଲାର ସଦସ୍ୟମାନଙ୍କୁ ଫଟୋ ଉଠାଇବା ପାଇଁ ଅବସର ପ୍ରଦାନ କଲେ । ମଖ୍‌ଜନେ ତସାଓ୍ୱିର୍ ଏବଂ ସାକ୍ଷାତକାର ବିଭାଗର କର୍ମୀମାନେ ଫଟୋ ଉଠାଇଲେ ।

*କ୍ରମଶଃ......*

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

ରସୁଲୁଲ୍ଲାଃ ସ:ଆ:ସ କହିଲେ: ମୋ ଉପରେ ଏବେ ଏପରି ଏକ ସୁରଃ ଅବତୀର୍ଣ୍ଣ ହୋଇଅଛି, ଯାହା ଏ ଦୁନିଆରେ ସକଳ ବସ୍ତୁଠାରୁ ମତେ ପ୍ରୀୟ । ପୁଣି ଆପଣ ସ:ଆ:ସ ସୁରଃ ଫତଃର ଆୟତଗୁଡ଼ିକୁ ଆବୃତି କଲେ । ହଜ୍‌ରତ୍ ଉମର୍ ର:ଅ ନିବେଦନ କଲେ ଯେ ହେ ଅଲ୍ଲାଃଙ୍କ ରସୁଲ୍ ! କ'ଣ ଏହି ସନ୍ଧି/ଚୁକ୍ତି ନାମା ବାସ୍ତବିକ ଇସ୍‌ଲାମ୍‌ର ବିଜୟ ଅଟେ ? ମହାଭାଗ ସ:ଆ:ସ କହିଲେ: ହଁ ଅବଶ୍ୟ ଏହା ଆମର ବିଜୟ ।

ଆମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଭବିଷ୍ୟବାଣୀ ମୁତାବକ ଓ ଆପଣ ସ:ଆ:ସଙ୍କୁ ଅଲ୍ଲାଃ ତାଲା ଯେଉଁ ପ୍ରତିଶୃତି ଦେଇଛନ୍ତି, ତା' ମୁତାବକ ବିଗତ ୧୧୩ ବର୍ଷ ହେବ ଅଲ୍ଲାଃ ତାଲାଙ୍କ କୃପାକୁ ଅକ୍ଷରେ ଅକ୍ଷରେ ପୂରଣ ହେଉଥିବାର ଦେଖୁଅଛେ ।

ସୁଲାହ୍ ହୁଦବିୟା ଅବସରରେ ମୁସଲମାନ ଓ ମକ୍କାର କୁରୈଶ୍‌ମାନଙ୍କ ମଧ୍ୟରେ ଯେଉଁ ସନ୍ଧି/ଚୁକ୍ତି ହେଲା, ସେଥିରେ ହଜ୍‌ରତ୍ ଉମର୍ ର:ଅଙ୍କର ମଧ ଦସ୍ତଖତ ଥିଲା ।

ବନୁ ମୁସ୍‌ତଲିକ୍ ଯୁଦ୍ଧ ଦିନ ନମାଜଗୁଡ଼ିକ କଜା ହେବା ସମ୍ବନ୍ଧରେ ରିୱାୟତ ଉପରେ ଆଲୋକପାତ

ପାଂଚଜଣ ମର୍‌ହୁମୀନ୍: ମୋକରମ୍ ମଲକ୍ ମୁହମ୍ମଦ୍ ୟୁସୁଫ୍ ସଲିମ୍ ସାହେବ ସାବିକ୍ ଇନ୍‌ଚାର୍ଜ ଜୁଦୋ ନୱେସି ରବ୍‌ୱା, ମୋକରମ୍ ଶୋଏବ୍ ଅହ୍‌ମଦ୍ ସାହେବ୍ ୱାକିଫେ ଜିନ୍ଦେଗୀ କାଦିଆନ୍, ମୋକରମ୍ ମକ୍‌ସୁଦ୍ ଅହ୍‌ମଦ୍ ଭଟ୍ଟି ସାହେବ୍ ମୁବଲ୍ଲିଗ୍ ସିଲ୍‌ସିଲା କାଦିଆନ୍, ମୋକରମ୍ ଜାୱେଦ୍ ଇକ୍‌ବାଲ୍ ସାହେବ୍ ଫୈସଲାବାଦ୍ ଏବଂ ମୋକରମା ମଦିହା ନୱାଜ୍ ସାହିବା ପତ୍ନୀ ନୱାଜ୍ ଅହ୍‌ମଦ୍ ସାହେବ୍ ମୁରବୀ ସିଲ୍‌ସିଲା ଘାନାଙ୍କ ଉତମ ଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ପାଠ ।

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍** ଅ.ବ
**(ପ୍ରଦତ୍: ୪ ଜୁନ ୨୦୨୧ ଅନୁଯାୟୀ ୦୪ ଏହ୍‌ସାନ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّا اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - اِيَّاكَ نَعْبُدُ وَاِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ଗତ ଖୁତ୍‌ବାରେ ହଜ୍‌ରତ୍ ଉମର୍ ର:ଅଙ୍କର ଚର୍ଚ୍ଚା ଚାଲିଥିଲା ଏବଂ ଯୁଦ୍ଧ ଓ ସିରିୟା ସମ୍ପର୍କରେ ଚର୍ଚ୍ଚା ଚାଲିଥିଲା । ହମ୍‌ରାଉଲ୍ ଅସଦ୍ ଯୁଦ୍ଧ ସମ୍ପର୍କରେ ଏହା ଉଲ୍ଲେଖ ରହିଛି ଯେ, ୱହଦ୍ ଯୁଦ୍ଧ ପରେ ରସୁଲେ୍ କରିମ୍ ସ:ଆ:ସ ମଦିନାକୁ ଫେରି ଆସିଥିଲେ ଏବଂ ମକ୍କାର ଅବିଶ୍ୱାସକାରୀମାନେ ମକ୍କା ପ୍ରତ୍ୟାବର୍ତନ କଲେ କିନ୍ତୁ ଆପଣ ସ:ଆ:ସଙ୍କୁ କୁରୈଶ୍‌ର ସୈନ୍ୟସାମନ୍ତ ପୁନର୍ବାର ପ୍ରସ୍ତୁତ ହେବାର ଖବର ମିଳିଲା ତେଣୁ ଆଁ ହଜ୍‌ରତ୍ ସ:ଆ:ସ ସାହାବାମାନଙ୍କ ସହିତ ହମ୍‌ରାଉଲ୍ ଅସଦ୍ ସ୍ଥାନ ପର୍ଯ୍ୟନ୍ତ ଯାଇଥିଲେ ବା ବାହାରିଥିଲେ । ହମ୍‌ରାଉଲ୍ ଅସଦ୍ ମଦିନାଠାରୁ ଆଠମାଇଲ ଦୂରବର୍ତୀ ଏକ ସ୍ଥାନର ନାମ ଅଟେ ।

ଉକ୍ତ ଯୁଦ୍ଧ ସମ୍ପର୍କରେ ହଜ୍‌ରତ୍ ମିର୍ଜା ବଶିର ଅହେମଦ୍ ସାହେବ ଯାହା ଉଲ୍ଲେଖ କରିଥିଲେ ତାହାର କେତେକାଂଶ ମୁଁ ଏଠାରେ ବର୍ଣ୍ଣନା କରିଦେଉଛି । ପ୍ରକାଶ୍ୟ ଭାବରେ କହିବାକୁ ଗଲେ କୁରୈଶ୍‌ର ସୈନ୍ୟମାନେ ମକ୍କା ଅଭିମୁଖେ ବାହାରିଥିଲେ ତେଣୁ ଏ ସନ୍ଦେହ ଥିଲା ଯେ ସେମାନଙ୍କର ଏପରି ଆଚରଣ କରିବା ମୁସଲମାନମାନଙ୍କୁ ଯେପରି ଅବଚେତନ କରିଦେବାର ଉଦ୍ଦେଶ୍ୟରେ ନ ହେଉ ଏବଂ ଏହା ନ ହେଉ କି ସେମାନେ ହଠାତ୍ ଫେରି ମଦିନା ଉପରେ ପୁନଃ ଆକ୍ରମଣ କରିଦିଅନ୍ତୁ । ଅତଏବ ସେହି ରାତ୍ରିରେ ମଦିନାରେ ପହରା ଦେବାର ବ୍ୟବସ୍ଥା କରାଗଲା ଏବଂ ବିଶେଷ କରି ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଘରେ ସାହାବାମାନେ ପହରା ଦେଲେ । ଯେତେବେଳେ ସକାଳ ହେଲା ସେତେବେଳେ ସେମାନଙ୍କର ସେହି ସନ୍ଦେହ ଘନୀଭୂତ ହେଲା ଏବଂ ତାହା କାଳ୍ପନିକ ନଥିଲା ବରଂ ଫଜର୍ ନମାଜ ପୂର୍ବରୁ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଏହି ସୂଚନା ପ୍ରାପ୍ତ ହେଲା ଯେ, କୁରୈଶ୍‌ର ସୈନ୍ୟଦଳ ମଦିନାରୁ କିଛି ଦୂରତାରେ ଯାଇ ଅଟକି ଯାଇଛି । କୁରୈଶ୍‌ର ଅଧିପତିମାନଙ୍କ ମଧ୍ୟରେ ବିବାଦ ଜାରି ରହିଛି ଯେ ସେମାନେ ଉକ୍ତ ଅବସରରୁ ଲାଭ ଉଠାଇ କାହିଁକି ମଦିନା ଉପରେ ଆକ୍ରମଣ ନ କରିବେ । କେତେକ କୁରୈଶ୍‌ମାନେ ପରସ୍ପରକୁ ବ୍ୟଙ୍ଗ ବିଦ୍ରୁପ କରି ଏହା କହୁଥିଲେ ଯେ, ନା ତୁମେମାନେ ମୁହମ୍ମଦ ସ:ଆ:ସଙ୍କୁ ହତ୍ୟା କଲ ନା ମୁସଲମାନମାନଙ୍କର ସ୍ତ୍ରୀମାନଙ୍କୁ ଦାସୀ କଲ ଓ ନା ହିଁ ସେମାନଙ୍କର ଧନସମ୍ପତି ଉପରେ ଅଧିକାର କଲ ବରଂ ଯେତେବେଳେ ତୁମେମାନେ ସେମାନଙ୍କ ଉପରେ ପ୍ରଭୁତ୍ୱ ଲାଭ କଲ ଏବଂ ତୁମମାନଙ୍କୁ ଏହି ସୁବର୍ଣ୍ଣ ସୁଯୋଗଟି ମିଳିଥିଲା ଯେ ତୁମେମାନେ ମୁସଲମାନମାନଙ୍କୁ ଧ୍ୱଂସ କରିଦେଇଥାନ୍ତି କିନ୍ତୁ ତୁମେମାନେ ସେମାନଙ୍କୁ ଏହିପରି ଛାଡ଼ି ଚାଲିଆସିଲେ ଯଦ୍ୱାରା ସେମାନେ ଆହୁରି ସଂଗଠିତ ଓ ମଜ୍‌ବୁତ୍ ହୋଇଯିବେ । ଅତଏବ ତୁମମାନଙ୍କ ନିକଟରେ ବର୍ତମାନ ମଧ୍ୟ ସୁଯୋଗ ରହିଛି ତୁମେମାନେ ଫେରିଯାଅ ଏବଂ ମଦିନା ଉପରେ ଆକ୍ରମଣ କରି ମୁସଲମାନମାନଙ୍କର ମୂଳ ଉପାଡ଼ି ଦିଅ ବା ମୂଳପୋଛ କରିଦିଅ । ଅବିଶ୍ୱାସକାରୀଙ୍କ ମଧ୍ୟରୁ ଗୋଟିଏ ଗୋଷ୍ଠୀ ଏହା କହୁଥିଲା ଯେ, ଯାହା କିଛି ଘଟିଯାଇଛି ତାହାକୁ ସୌଭାଗ୍ୟ ମନେକରି ମକ୍କା ଫେରିଚାଲ ଅନ୍ୟଥା ଆମମାନଙ୍କୁ ଯୁଦ୍ଧରେ ଯେଉଁ ପ୍ରଶିଦ୍ଧି ବା କ୍ଷତି ପ୍ରାପ୍ତ ହୋଇଛି ତାହାକୁ ଆମେମାନେ ଯେପରି ହରାଇ ନ ବସୁ । ଏହି ବିଜୟ ପରାଜୟର ପରିସ୍ଥିତିରେ ପରିବର୍ତନ ନ ହୋଇଯାଉ । ପରିଶେଷରେ ଉତ୍ସାହିତ ଲୋକମାନଙ୍କର ପରାମର୍ଶ ବଳବତର ହେଲା ଏବଂ ସେମାନେ ମଦିନା ଆଡ଼କୁ ଫେରିବାପାଇଁ ପ୍ରସ୍ତୁତ ହୋଇଗଲେ । ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଯେତେବେଳେ ଏହି ଘଟଣା ସମ୍ପର୍କରେ ସୂଚନା ପ୍ରାପ୍ତ ହେଲା ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ଯଥାଶୀଘ୍ର ଘୋଷଣା କଲେ ଯେ, ମୁସଲମାନମାନେ ପ୍ରସ୍ତୁତ ହୋଇଯାଆନ୍ତୁ ଏବଂ ତତ୍‌ସହିତ ଆଁ ହଜ୍‌ରତ୍ ସ:ଆ:ସ ଏହା ମଧ ଆଦେଶ ଦେଲେ ଯେ, ଆମମାନଙ୍କ ସହିତ ସେହି ସାହାବାମାନେ ହିଁ ସାମିଲ ହେବେ ଯେଉଁମାନେ ୱହଦ୍ ଯୁଦ୍ଧରେ ସାମିଲ ହୋଇଥିଲେ । ଅନ୍ୟ କୌଣସି ସାହାବାମାନେ ଆମ ସହିତ ସାମିଲ ହେବେ ନାହିଁ କି ବାହାରିବେ ନାହିଁ ।

*(ମୁଅଜମୁଲ୍ ବୁଲ୍‌ଦାନ୍ ଖଣ୍ଡ-୨, ପୃ-୩୪୬ ହୁମ୍‌ରାଉଲ୍ ଅସଦ୍,..... ବେରୁତ)*
*(ସିରତ୍ ଖାତମୁନ୍ ନବିୟିନ୍, ପୃ-୫୦୪-୫୦୫)*

ଅନ୍ୟ ଏକ ହଦୀସ୍‌ରେ ଏହା ମଧ୍ୟ ବର୍ଣ୍ଣିତ ରହିଛି ଯେ, ଯେତେବେଳେ ରସୁଲେ୍ କରିମ୍ ସ:ଆ:ସଙ୍କୁ କୁରୈଶ୍‌ର ଏହି ପ୍ରସ୍ତାବ ଓ ମନୋଭାବ ସମ୍ପର୍କରେ ସୂଚନା ପ୍ରାପ୍ତ ହେଲା ସେତେବେଳେ ଆପଣ ସ:ଆ:ସ ଓ ହଜ୍‌ରତ୍ ଅବୁବକର ର:ଅ ଙ୍କୁ ଉକ୍ତ ପ୍ରସଙ୍ଗ ସମ୍ପର୍କରେ ଅବଗତ କଲେ । ହଜ୍‌ରତ୍ ଅବୁବକର ର:ଅ ହଜ୍‌ରତ୍ ଉମର୍ ର:ଅ ଉଭୟ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ପରାମର୍ଶ ଦେଲେ ଯେ, ଶତ୍ରୁପକ୍ଷର ପିଛା କରିବା ଉଚିତ ।

*(କିତାବୁଲ୍ ମଗାଜି ଲିୱାକ୍‌ଦି ଖଣ୍ଡ-୧, ପୃ-୨୭୮.... ବେରୁତ ୨୦୧୩)*

ଅତଏବ ୱହଦ୍ ଯୁଦ୍ଧରେ ଯୋଗ ଦେଇଥିବା ଯୋଦ୍ଧାମାନଙ୍କ ମଧ୍ୟରେ ଅନେକ ସାହାବାମାନେ ଆହତ ହୋଇଥିଲେ ଏବଂ ସେମାନେ ନିଜ ହାତରେ କ୍ଷତକୁ ବାନ୍ଧି ନିଜର ମୂନୀବଙ୍କ ସହିତ ଯୋଗ ଦେଇଥିଲେ । ବର୍ଣ୍ଣନାରେ ଏହା ମଧ ଉଲ୍ଲେଖ ରହିଛି ଯେ, ଉକ୍ତ ଅବସରରେ ମୁସଲମାନମାନେ ଏତେ ଆନନ୍ଦ ଓ ଉତ୍ସାହର ସହିତ ବାହାରିଲେ ଯେପରି କୌଣସି ବିଜୟୀଭବ ସୈନ୍ୟଦଳ ଶତ୍ରୁପକ୍ଷର ପଛେ ପଛେ ବାହାରିଥାଏ । ଆଠ ମାଇଲ ଦୂରତା ଅତିକ୍ରମ କରିବାପରେ ଆଁ ହଜ୍‌ରତ୍ ସ:ଆ:ସ ହମ୍‌ରାଉଲ୍ ଅସଦ୍ ପହଂଚିଲେ ଏବେ ଯେହେତୁ ଓ ସନ୍ଧ୍ୟା ସମୟ ହୋଇଯାଇଥିଲା କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସ ସେହିଠାରେ ହିଁ ଶିବିର ସ୍ଥାପନ ପାଇଁ ଆଦେଶ ଦେଲେ ଏବଂ କହିଲେ ଯେ, ରଣକ୍ଷେତ୍ରର ବିଭିନ୍ନ ସ୍ଥାନମାନଙ୍କରେ ଅଗ୍ନୀ ପ୍ରଜ୍ୱଳିତ କରିଦିଆଯାଉ । ଅତଏବ ଦେଖୁ ଦେଖୁ ହମ୍‌ରାଉଲ୍ ଅସଦର ଭୂମିରେ ୫୦୦ ମଶାଲ ପ୍ରଜ୍ୱଳିତ ହୋଇଗଲା ଏବଂ ମଶାଲଗୁଡ଼ିକ ଦୂରରୁ ଦେଖାଯାଉଥିବା ଫଳରେ ତାହା ଦୂରରୁ ଦେଖୁଥିବା ପ୍ରତ୍ୟେକ ବ୍ୟକ୍ତିକୁ ଭୟଭୀତ କରିଦେଉଥିଲା ବୋଧ ହୁଏ ଉକ୍ତ ଅବସରରେ ଖଜା କବିଲାର ମାଆବଦ୍ ନାମକ ଜଣେ ମୁଶ୍‌ରିକ୍ ଅଧିପତି ଆଁ ହଜ୍‌ରତ୍ ସ:ଆ:ସଙ୍କ ସେବାରେ ଉପସ୍ଥିତ

ହେଲା ଏବଂ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ସହିତ ଓ୍ୱହଦ୍ ଯୁଦ୍ଧରେ ଶହୀଦ ହୋଇଥିବା ସାହାବାମାନଙ୍କ ପ୍ରତି ସମବେଦନା ଜଣାଇଲା ଏବଂ ଏହାପରେ ସେ ନିଜ ପଥରେ ଅଗ୍ରସର ହେଲା । ଦ୍ୱିତୀୟ ଦିନ ସେ ଯେତେବେଳେ ରୌହା ନାମକ ସ୍ଥାନରେ ପହଂଚିଲା ସେତେବେଳେ ସେ ଏହା ଅବଲୋକନ କଲା ଯେ, କୁରୈଶ୍‌ର ସୈନ୍ୟଦଳ ସେଠାରେ ଶିବିର ସ୍ଥାପନ କରିଛି ଏବଂ ମଦିନା ଅଭିମୁଖେ ଯିବା ପାଇଁ ପ୍ରସ୍ତୁତ ହେଉଛି । ମାଆବଦ୍ ଶିଘ୍ର ଅବୁ ସୁଫିୟାନ୍ ନିକଟରେ ପହଂଚିଗଲା ଏବଂ ତାକୁ ଯାଇ କହିଲା ଯେ, ତୁମେ କ'ଣ କରିବାକୁ ଯାଉଛ ? ....... ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୁଁ ଏହି କ୍ଷଣି ଏବେ ଏବେ ମୁହମ୍ମଦ ସ:ଆ:ସଙ୍କ ସୈନ୍ୟଦଳକୁ ହମ୍‌ରାଉଲ୍ ଅସଦ୍‌ଠାରେ ଛାଡ଼ି ଆସିଛି ଏବଂ ଏତେ ଭୟଙ୍କର ସୈନ୍ୟଦଳ ମୁଁ କେବେ ହେଲେ ଦେଖିନାହିଁ । ଓ୍ୱହଦ୍ ଯୁଦ୍ଧରେ ପରାଜୟ ବରଣ କରିଥିବା ଯୋଗୁଁ ସେମାନେ ଏତେ ଉତ୍ସାହିତ ଅଛନ୍ତି ଯେ, ସେମାନେ ତୁମକୁ ଦେଖିବା ମାତେ ସେମାନେ୍ର ତୁମମାନଙ୍କୁ ଭଷ୍ମୀଭୁତ କରିଦେବେ । ଅବୁ ସୁଫିୟାନ ଓ ତାହାର ସାଥିମାନଙ୍କ ଉପରେ ମାଆବଦ୍‌ର ଏହି କଥା ଏତେ ପ୍ରଭାବ ପକାଇଲା କି ସେମାନେ ଭୟଭୀତ ହୋଇ ମଦିନା ଆଡ଼କୁ ଗସ୍ତ କରିବାର ଉଦ୍ଦେଶ୍ୟକୁ ପରିତ୍ୟାଗ କରି ଯଥାଶିଘ୍ର ମକ୍କା ଅଭିମୁଖେ ବାହାରି ପଡ଼ିଲେ । ଆଁ ହଜ୍‌ରତ୍ ସ:ଆ:ସଙ୍କୁ କୁରୈଶ୍‌ର ସୈନ୍ୟଦଳ ଏହିପରି ପଳାୟନ କରୁଥିବାର ସୁଚନା ଯେତେବେଳେ ପ୍ରାପ୍ତ ହେଲା ସେତେବେଳେ ଆପଣ ସ:ଆ:ସ ଅଲ୍ଲାଃ ତାଲାଙ୍କର କୃତଜ୍ଞତା ଜ୍ଞାପନ କଲେ ଏବଂ କହିଲେ ଯେ, ଏହା ହେଉଛି ଅଲ୍ଲାଃ ତାଲାଙ୍କର ଭୟ ଯାହାକୁ ସେ ଅବିଶ୍ୱାସୀକାରୀଙ୍କ ମନରେ ସ୍ଥାପନ କରିଦେଲେ । ଏହାପରେ ଆଁ ହଜ୍‌ରତ୍ ସ:ଆ:ସ ହମ୍‌ରାଉଲ୍ ଅସଦ୍‌ଠାରେ ଆଉ ଦୁଇ ତିନିଦିନ ପର୍ଯ୍ୟନ୍ତ ଅବସ୍ଥାପନ କରିଥିଲେ ।

***(ସିରତ୍ ଖାତମୁନ୍ ନବିୟିନ୍, ପୃ-୫୦୪-୫୦୫)***

ବନୁ ମୁସ୍ତଲିକ୍ ଯୁଦ୍ଧ ଶାବାନ୍ ମାସ ୫ ହିଜ୍‌ରୀରେ ହୋଇଥିଲେ । ଏହାକୁ ମୁରଇସିଇ ଯୁଦ୍ଧ ମଧ କୁହାଯାଏ । ହଜ୍‌ରତ୍ ମିର୍ଜା ବଶିର ଅହେମଦ୍ ସାହେବ ଉକ୍ତ ଯୁଦ୍ଧର ଚର୍ଚ୍ଚା କରି ଉଲ୍ଲେଖ କରି କୁହନ୍ତି: କୁରୈଶ୍‌ମାନଙ୍କର ବିରୋଧ ଦିନକୁ ଦିନ ଅତି ତିବ୍ର ତଥା ଅତି ଭୟଙ୍କର ରୂପ ଧାରଣ କରିବାକୁ ଲାଗିଲା । ସେମାନେ ନିଜର ଷଡ଼ଯନ୍ତ୍ର ଦ୍ୱାରା ଆରବର ଅନେକ ସମ୍ପ୍ରଦାୟଙ୍କୁ ଇସ୍‌ଲାମ୍ ଏବଂ ଇସ୍‌ଲାମ୍‌ର ସଂସ୍ଥାପକଙ୍କ ବିରୁଦ୍ଧରେ ଛିଡ଼ା କରିସାରିଥିଲେ କିନ୍ତୁ ବର୍ତମାନ ସେମାନଙ୍କର ଶତ୍ରୁତା ଏକ ଭୟଙ୍କର ରୂପ ସୃଷ୍ଟି କରିଦେଇଥିଲା ଏବଂ ତାହା ହେଉଛି ଏପରି ଯେ, ହିଜାଜ୍‌ର ସେହି ସମ୍ପ୍ରଦାୟ ଯିଏ ମୁସଲମାନମାନଙ୍କ ସହିତ ସୁସମ୍ପର୍କ ରଖିଥିଲେ ବର୍ତମାନ ସେମାନେ ମଧ କୁରୈଶ୍‌ମାନଙ୍କର ଏପରି ବିଦ୍ରୋହ ଓ ଉତେଜନା ଯୋଗୁଁ ମୁସଲମାନମାନଙ୍କ ବିରୁଦ୍ଧରେ ଛିଡ଼ା ହେବାକୁ ଆରମ୍ଭ କରିଦେଲେ । ଏହି ମାମଲାରେ ପ୍ରଥମେ ପଦକ୍ଷେପ ନେଇଥିବା କବିଲା ଥିଲା ବନୁ ଖୁଜାଆ ଯାହାର ଗୋଟିଏ ଶାଖା ବନୁ ମୁସ୍‌ତଲିକ୍ ମଦିନା ବିରୁଦ୍ଧରେ ଆକ୍ରମଣ କରିବାପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲା । ତାଙ୍କର ମୁଖିଆ ହାରିସ୍ ବିନ୍ ଅବୁ ଜିରାର୍ ଉକ୍ତ ଅଂଚଳର ଅନ୍ୟ କବିଲାଗୁଡ଼ିକୁ ଗସ୍ତ କରି କେତେକ କବିଲାକୁ ମଧ ନିଜ ସହିତ ମିଶାଇନେଲା । ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଯେତେବେଳେ ଉକ୍ତ ଘଟଣାର ସୁଚନା ମିଳିଲା ସେତେବେଳେ ଆପଣ ସ:ଆ:ସ ଅତିରିକ୍ତ ସର୍ତକତା ମୂଳକ ପଦକ୍ଷେପ ଗ୍ରହଣ କରି ନିଜର ଜଣେ ସାହାବି ଯାହାଙ୍କ ନାମ ବୁରୈଦାଃ ବିନ୍ ହୁସୈବ୍ ଥିଲା ତାଙ୍କୁ ପରିସ୍ଥିତି ବିଷୟରେ ବୁଝିବାପାଇଁ ତଥା ସନ୍ଧାନ ଲଗାଇବା ପାଇଁ ବନୁ ମୁସ୍‌ତଲିକ୍ କବିଲା ଆଡ଼କୁ ପ୍ରେରଣ କଲେ ଏବଂ ତାଙ୍କୁ ତାଗିଦ୍ କଲେ ଯେ, ଖୁବ୍ ଶିଘ୍ର ଫେରିଆସ ବାସ୍ତବିକ ଘଟଣା ସମ୍ପର୍କରେ ଆପଣ ସ:ଆ:ସଙ୍କୁ ଅବଗତ କରାନ୍ତୁ ବା ସୁଚନା ପ୍ରଦାନ କରନ୍ତୁ । ବୁରୈଦାଃ ଯେତେବେଳେ ଗଲେ ସେତେବେଳେ ଦେଖିଲେ ଯେ, ପ୍ରକୃତରେ ଏକ ବିଶାଳ ସୈନ୍ୟବାହିନୀ ଅତ୍ୟନ୍ତ ଆକ୍ରାମ୍‌କ ରୂପ ଧାରଣ କରି ମଦିନା ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ହେଉଛି । ସେ ଶିଘ୍ର ଫେରି ଆସି ଆଁ ହଜ୍‌ରତ୍ ସ:ଆ:ସ ସୁଚନା ଦେଲେ । ସୁତରାଂ ଆଁ ହଜ୍‌ରତ୍ ସ:ଆ:ସ ନିଜର ଅଭ୍ୟାସ ଅନୁଯାୟୀ ମୁସଲମାନମାନଙ୍କୁ ସର୍ତକତା ମୁଳକ ବନୁ ମୁସ୍‌ତଲିକ୍ ଅଭିମୁଖେ ଅଭିଯାନ କରିବାପାଇଁ ଆହ୍ୱାନ ଜଣାଇଲେ ଏବଂ ଅନେକ ସାହାବାମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ଏହି ଅଭିଯାନରେ ଗସ୍ତ କରିବା ପାଇଁ ପ୍ରସ୍ତୁତ ହୋଇଗଲେ କେବଳ ଏତିକି ନୁହେଁ ବରଂ ମୁନାଫିକ୍ ଅର୍ଥାତ କପଟବିଶ୍ୱାସୀ ଗୋଷ୍ଠି ମଧ୍ୟ ଯିଏ ଏହା ପୂର୍ବରୁ ଏତେ ସଂଖ୍ୟକ କେବେ ହେଲେ ଯୁଦ୍ଧରେ ସାମିଲ ହୋଇନଥିଲେ, ସେମାନେ ମଧ ଆଁ ହଜ୍‌ରତ୍ ସ:ଆ:ସଙ୍କ ସାଥିରେ ସାମିଲ ହୋଇଗଲେ । ଆଁ ହଜ୍‌ରତ୍ ସ:ଆ:ସ ନିଜ ପଛେ ଅବୁ ଜର୍‌ଗଫାରି କିମ୍ୱା ଅନ୍ୟ କେତେକ ବର୍ଣ୍ଣାନୁଯାୟୀ ଜୈଦ୍ ବିନ୍ ହାରିସଙ୍କୁ ମଦିନାର ଅମୀର ନିଯୁକ୍ତି କଲେ ଏବଂ ଶାବାନ୍ ମାସ ୫ ହିଜ୍‌ରୀରେ ମଦିନାରୁ ବାହାରିଲେ । ସେତେବେଳେ ମୁସଲମାନମାନଙ୍କ ସେନାରେ କେବଳ ତିରିଶିଗୋଟି ଅଶ୍ୱ ଥିଲା କିନ୍ତୁ ଓଟମାନଙ୍କର ସଂଖ୍ୟା ଅଶ୍ୱ ତୁଳନାରେ ଅଧିକ ଥିଲା ଏବଂ ଏହି ଅଶ୍ୱ ଏବଂ ଓଟ ଉପରେ ମିଳିମିଶି ମୁସଲମାନମାନେ ପାଳି କରି ଆରୋହଣ ହେଉଥିଲେ । ବାଟରେ ମୁସଲମାନମାନଙ୍କୁ କୁଫାର୍ ଅର୍ଥାତ ଅବିଶ୍ୱାସକାରୀଙ୍କର ଜଣେ ଗୁପ୍ତଚର ମିଳିଗଲା ଯାହାକୁ ମୁସଲମାନମାନେ ଧରି ଆଁ ହଜ୍‌ରତ୍ ସ:ଆ:ସଙ୍କ ସେବାରେ ଉପସ୍ଥିତ କଲେ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଉକ୍ତ ଅନୁସନ୍ଧାନ ପରେ ଜାଣିବାକୁ ପାଇଲେ ଯେ, ପ୍ରକୃତରେ ସେ ଜଣେ ଗୁପ୍ତଚର ତେଣୁ ତାହାଠାରୁ ଅବିଶ୍ୱାସକାରୀଙ୍କ ସମ୍ପର୍କିତ କିଛି ପରସ୍ଥିତି, ତଥ୍ୟ, ଗତିବିଦ୍ଧି ଏବଂ ଗତିବିଦ୍ଧି ସମ୍ପର୍କରେ ପଚାରିବା ଉଚିତ ମଣିଲେ । କିନ୍ତୁ ସେ କିଛି କହିବାକୁ ସ୍ପଷ୍ଟ ଅସ୍ୱୀକାର କରିଦେଲା ଏବଂ ତାହାର ଆଚରଣ ସନ୍ଦେହଜନକ ଥିଲା କିନ୍ତୁ ପ୍ରଚଳିତ ଯୁଦ୍ଧ ଆଇନ ବ୍ୟବସ୍ଥା ଅନୁଯାୟୀ ହଜ୍‌ରତ୍ ଉମର୍ ର:ଅ ତାଙ୍କୁ ବନ୍ଧ କରିଦେଲେ ଏବଂ ଏହାପରେ ଇସ୍‌ଲାମ୍‌ର ସୈନ୍ୟଦଳ ଆଗକୁ ଅଗ୍ରସର ହେଲା ବନୁ ମୁସ୍ତଲକକୁ ଯେତେବେଳେ ମୁସଲମାନମାନଙ୍କ ଆଗମନର ଖବର ବା ସୁଚନା ପ୍ରାପ୍ତ ହେଲା ଓ ସେମାନେ ଏ ଖବର ପାଇଲେ ଯେ, ସେମାନଙ୍କ ଗୁପ୍ତଚର ନୀହତ କରିଦିଆଯାଇଅଛି ସେମାନେ ସେତେବେଳେ ଭୟଭୀତ ହୋଇପଡ଼ିଲେ କାରଣ ସେମାନଙ୍କର ପ୍ରକୃତ ଅଭିପ୍ରାୟ ଏହା ଥିଲା ଯେ, କୌଣସି ପ୍ରକାର ହଠାତ୍ ମଦିନା ଉପରେ ଆକ୍ରମଣ କରିବାର ସୁଯୋଗ ପ୍ରାପ୍ତ ହୋଇଯାଉ । କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସଙ୍କ ଆଗୁଆ ପଦକ୍ଷେପ ଜାଗୃତ ତଥା ଉପସ୍ଥିତ ବୁଦ୍ଧି ଯୋଗୁଁ ବର୍ତମାନ ସେମାନଙ୍କୁ ନେବା ପରିବର୍ତେ ଦେବାକୁ ପଡ଼ିଯାଇଥିଲା । ଅତଏବ ସେମାନେ ଭୟଭୀତ ହୋଇଗଲେ ଏବଂ ଅନ୍ୟ କବିଲାମାନେ ଯେଉଁମାନେ ସେମାନଙ୍କୁ ସାହାଯ୍ୟ କରିବାପାଇଁ ସେମାନଙ୍କ ସହିତ ଏକତ୍ରିତ ହୋଇଥିଲେ, ସେମାନେ ସ୍ୱମୟ ଅଲ୍ଲାଃ ତାଲାଙ୍କର ଏହି ବ୍ୟବହାର ଅନ୍ତର୍ଗତ ଏପରି ଭୟଭୀତ ହେଲେ ଯେ, ତତ୍‌କ୍ଷଣାତ୍ ସେମାନଙ୍କର ସଙ୍ଗତା ପରିତ୍ୟାଗ କରି ନିଜ ଘରକୁ ଚାଲିଗଲେ କିନ୍ତୁ ବନୁ ମୁସ୍‌ତଲିକ୍‌କୁ କୁରୈଶ୍‌ର ମୁସଲମାନମାନେ ଶତୃତାର ଏପରି ମଦିରା ପାନ କରାଇଦେଇଥିଲେ ଯେ, ସେମାନେ ଯୁଦ୍ଧର ଇଚ୍ଛାକୁ ପରିତ୍ୟାଗ କରିପାରିଲେ ନାହିଁ ଏବଂ ପୂର୍ଣ୍ଣ ପ୍ରସ୍ତୁତି ସହିତ ଇସ୍‌ଲାମିୟ ସୈନ୍ୟଦଳର ମୁକାବିଲା ପାଇଁ ଉଦ୍ୟତ ରହିଲେ । ଆଁ ହଜ୍‌ରତ୍ ସ:ଆ:ସ ଯେତେବେଳେ ମରିସିଇଠାରେ ପହଂଚିଲେ ଯେଉଁଠି ବନୁ ମୁସ୍ତଲକ୍‌ର କବିଲା ଅବସ୍ଥାନ କରିଥିଲେ ଏବଂ ତାହା ସମୁଦ୍ରର ତଟସ୍ଥ ନିକଟବର୍ତୀ ମକ୍କା ଓ ମଦିନାର ଏକ ମଧ୍ୟବର୍ତୀ ସ୍ଥାନର ନାମ ଅଟେ । ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ସେଠାରେ ଶିବିର ସ୍ଥାପନ କରିବାକୁ ଆଦେଶ ଦେଲେ ଏବଂ ଯୁଦ୍ଧ ଧାଡ଼ି ଛିଡ଼ା କରିବାପାଇଁ ଏବଂ ଧ୍ୱଜାର ବଂଟନ ଆଦି ପରେ ଆଁ ହଜ୍‌ରତ୍ ସ:ଆ:ସ ଉମର ର:ଅଙ୍କୁ ଆଦେଶ ଦେଲେ ଯେ, ଆଗକୁ ବଢ଼ି ବନୁ ମୁସ୍‌ତଲିକ୍ ମଧ୍ୟରେ ଏ ଘୋଷଣା କରିଦିଅନ୍ତୁ ଯେ, ଯଦି ବର୍ତମାନ ବି ସେମାନେ ଇସ୍‌ଲାମ୍ ସହିତ ଶତୃତା ଆଚରଣ ପ୍ରଦର୍ଶନ କରିବାରୁ ଓହରି ଯିବେ ବା ପରିତ୍ୟାଗ କରିଦେବେ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ଶାସନକୁ ସ୍ୱୀକାର କରିନେବେ, ତାହେଲେ ସେମାନଙ୍କୁ ଶାନ୍ତି ପ୍ରଦାନ କରାଯିବ ଏବଂ ଏଠାରୁ ମୁସଲମାନମାନେ ଫେରିଯିବେ । କିନ୍ତୁ ଏହା ଶୁଣିବା ପରେ ମଧ ସେମାନେ କ୍ରୁରତା ପୂର୍ଣ୍ଣ ଭାବରେ ଏହି ସର୍ତକୁ ଅସ୍ୱୀକାର କଲେ ଏବଂ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଗଲେ । ଏପରି କି ଏହା ମଧ ଉଲ୍ଲେଖ ରହିଛି ଯେ, ଉକ୍ତ ଯୁଦ୍ଧରେ ସର୍ବପ୍ରଥମ ଯେଉଁ ତୀରଟି ଚାଲିଥିଲା ତାହା ସେହି ବ୍ୟକ୍ତି, ଅର୍ଥାତ ମୁସ୍ତଲକ୍ କବିଲାର ଅଧିପତି ହିଁ ଚଳାଇଥିଲେ । ଆଁ ହଜ୍‌ରତ୍ ସ:ଆ:ସ ଯେତେବେଳେ ତାଙ୍କର ଏହି ଅବସ୍ଥାକୁ ଦେଖିଲେ ସେତେବେଳେ ଆପଣ ମଧ ସାହାବାମାନଙ୍କୁ ଲଢ଼ିବାପାଇଁ ଆଦେଶ ଦେଲେ । ଏହି ଯୁଦ୍ଧର ଆରମ୍ଭ ଶତୃମାନଙ୍କ ତରଫରୁ ହିଁ ହୋଇଥିଲା । କିଛି ସମୟ ପର୍ଯ୍ୟନ୍ତ ଉଭୟ ପକ୍ଷଙ୍କ ମଧରେ ଖୁବ୍ ଧନୁତୀର ଚାଲିଲା ଏହାପରେ ଆଁ ହଜ୍‌ରତ୍ ସ:ଆ:ସ ସାହାବାମାନଙ୍କୁ ଅକସ୍ମାତ ଆକ୍ରମଣ କରିବାକୁ ଆଦେଶ ଦେଲେ ଏବଂ କହିଲେ ଯେ, ଏକାଥରକେ ଆକ୍ରମଣ କରିଦିଅ । ଏହି ହଠାତ୍ ଆକ୍ରମଣ ଫଳରେ ଅବିଶ୍ୱାସକାରୀଙ୍କ ପାଦ ଦୋହଲି ଗଲା ଅର୍ଥାତ ଆଉ ତିଷ୍ଠି ରହିପାରିଲେ ନାହିଁ କିନ୍ତୁ ମୁସଲମାନମାନେ ଏପରି ଚତୁରତାର ତଥା ସତର୍କତାର ସହିତ ସେମାନଙ୍କୁ ଘେରିଗଲେ ଯେ, ସମଗ୍ର ଜାତି ଅବରୋଦ୍ଧ ହୋଇ ପରିଶେଷରେ ଅସ୍ତ୍ର ପରିତ୍ୟାଗ କରି ଆତ୍ମସର୍ମପଣ କରିବାପାଇଁ ବାଧ୍ୟ ହୋଇଗଲେ । ଭୟଙ୍କର ରୂପ ଧାରଣ କରୁଥିବା ଏହି ଯୁଦ୍ଧରେ କେବଳ ଦଶଜଣ କୁଫାର ନିହତ ହେଲେ ଓ ଜଣେ ମୁସଲମାନ ଶହୀଦ ହେବାପରେ ଯୁଦ୍ଧର ପରିସମାପ୍ତି ଘଟିଥିଲା" ।

ହଜ୍‌ରତ୍ ମିର୍ଜା ବଶିର ଅହେମଦ୍ ସାହେବ ଉଲ୍ଲେଖ କରନ୍ତି ଯେ, ମୁଁ ଏ ପ୍ରସଙ୍ଗରେ ଏହା ମଧ ଚର୍ଚ୍ଚା କରିବା ଉଚିତ ବୋଲି ମନେ କରୁଛି ଯେ, ଏହି ଯୁଦ୍ଧ ସମ୍ପର୍କରେ ସହି ବୁଖାରୀରେ ଏକ ବର୍ଣ୍ଣନା ଉଲ୍ଲେଖ ରହିଛି ଯେ, ଆଁ ହଜ୍‌ରତ୍ ସ:ଆ:ସ ବନୁ ମୁସ୍ତଲକ୍ ସମ୍ପ୍ରଦାୟ ଉପରେ ଏଭଳି ସମୟରେ ଆକ୍ରମଣ କରିଥିଲେ ଯେ, ସେମାନେ ଅଜ୍ଞାତ ଅବସ୍ଥାରେ ପଶୁମାନଙ୍କୁ ଜଳପାନ କରାଉଥିଲେ । କିନ୍ତୁ ଦେଖିବାକୁ ଗଲେ ଉକ୍ତ ବର୍ଣ୍ଣନାଟି ଐତିହାସିକମାନଙ୍କ ବର୍ଣ୍ଣନା ବିରୁଦ୍ଧୀୟ ନୁହେଁ ବରଂ ବାସ୍ତବ ପକ୍ଷରେ ଏହି ଦୁଇଟି ବର୍ଣ୍ଣନା ଦୁଇଟି ଭିନ୍ନ ଭିନ୍ନ ସମୟର ବର୍ଣ୍ଣନା ଅର୍ଥାତ ଘଟଣାକ୍ରମଟି ଏହିପରି ଯେ, ଯେତେବେଳେ ଇସ୍‌ଲାମିୟ ସୈନ୍ୟ ବନୂ ମୁସ୍ତଲିକ୍‌ର ନିକଟବର୍ତୀ ହେଲା ସେତେବେଳେ ଯଦିଓ ସେମାନଙ୍କୁ ଏହା ଜ୍ଞାତ ନଥିଲା ଯେ, ମୁସଲମାନମାନେ ସେମାନଙ୍କର ଖୁବ୍ ନିକଟତର ହୋଇଯାଇଛନ୍ତି ବୋଲି । ଯଦିଚ ଯେପରି ସେମାନଙ୍କୁ ଇସ୍‌ଲାମିୟ ସୈନ୍ୟଦଳର ସୂଚନା ଅବଶ୍ୟ ପ୍ରାପ୍ତ ହୋଇଯାଇଥିଲା କିନ୍ତୁ ସେମାନେ ଆରମ୍ଭରେ ଅବ୍ୟବସ୍ଥିତ ଅବସ୍ଥାରେ ରହିଥିଲେ । ଏହି ଅବସ୍ଥା ସମ୍ପର୍କରେ ବୁଖାରୀର ବର୍ଣ୍ଣନାରେ ମଧ ଇଙ୍ଗିତ ରହିଛି । କିନ୍ତୁ ସେମାନଙ୍କୁ ଯେତେବେଳେ ମୁସଲମାନମାନଙ୍କ ପହଂଚିବାର ସୂଚନା ପ୍ରାପ୍ତ ହେଲା ସେତେବେଳେ ସେମାନେ ନିଜର ପୂର୍ବ ସ୍ଥାୟୀ ପ୍ରସ୍ତୁତି ଅନୁଯାୟୀ ଶିଘ୍ର ଧାଡ଼ି ବାନ୍ଧି ମୁକାବିଲା କରିବାପାଇଁ ପ୍ରସ୍ତୁତ ହୋଇଗଲେ ଏବଂ ଏହା ହିଁ ହେଉଛି ସେହି ଅବସ୍ଥା ଯେଉଁ ଅବସ୍ଥା ସମ୍ପର୍କରେ ଐତିହାସିକମାନେ ଚର୍ଚ୍ଚା କରିଛନ୍ତି ଏବଂ ଏହି ସମସ୍ୟାର ବ୍ୟାଖ୍ୟା ଅଲାମା ଇବ୍‌ନେ ହଜ୍‌ର ଓ ଅନ୍ୟ କେତେକ ଗବେଷକମାନେ କହିଛନ୍ତି । ଏହା ହିଁ ସଠିକ୍ ଜଣାପଡୁଛି ।

***(ସିରତ୍ ଖାତ୍‌ମୁନ୍ ନବିୟିନ୍....ପୃ-୫୫୭-୫୫୯)***

ବନୁ ମୁସ୍ତଲକ୍‌ରୁ ପ୍ରତ୍ୟାବର୍ତନ ପରେ ଆଉ ଏକ ଘଟଣା ମଧ ଘଟିଥିଲା ଏ ସମ୍ବନ୍ଧରେ ସହି ମୁସ୍‌ଲିମ୍‌ରେ ଏକ ରିଓ୍ୱାୟତ ରହିଛି । ଏହାର ବ୍ୟାଖ୍ୟା କରି ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃ ର:ଅ ବର୍ଣ୍ଣନା କରନ୍ତି ଯେ ଆମେ ନବୀ କରିମ୍ ସ:ଆ:ସଙ୍କ ସହିତ ଏକ ଯୁଦ୍ଧରେ ଥିଲୁ ଅର୍ଥାତ ବନୁ ମୁସ୍ତଲକ୍ ଯୁଦ୍ଧରେ ଯୋଗ ଦେଇଥିଲୁ । ମୁହାଜିରମାନଙ୍କ ମଧ୍ୟରୁ କୌଣସି ଜଣେ ଲୋକ ଅନ୍‌ସାର୍‌ର ଜଣେ ବ୍ୟକ୍ତିର ପିଠି ଉପରେ ମାଡ଼ ମାରିଲା । ଅନ୍‌ସାର କହିଲେ ହେ ଅନ୍‌ସାର ! ଏବଂ ମୁହାଜିର୍‌ମାନେ କହିଲେ ହେ ମୁହାଜିର୍‌ମାନେ ! ଅର୍ଥାତ ଦୁଇଟିଯାକ ଗୋଷ୍ଠୀ ନିଜ ନିଜ ଗୋଷ୍ଠିର ଲୋକମାନଙ୍କୁ ସାହାଯ୍ର କରିବାପାଇଁ ଡ଼ାକ ପକାଇଲେ ଅର୍ଥାତ ସାହାଯ୍ୟ ଲୋଡ଼ିଲେ । ସେଠାରେ କୋଳାହଳ ହୋଇଗଲା ଓ ଯେତେବେଳେ ଉକ୍ତ ଘଟଣାଟି ଆଁ ହଜ୍‌ରତ୍ ସ:ଆ:ସଙ୍କ ପର୍ଯ୍ୟନ୍ତ ପହଂଚିଲା ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ଏପରି ଅଶିକ୍ଷିତମାନଙ୍କ ପରି

କ'ଣ କୋଳାହଳ ଚାଲିଛି ? ସେମାନେ କହିଲେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୁହାଜିର୍‌ମାନଙ୍କର ଜଣେ ବ୍ୟକ୍ତି ଅନ୍‌ସାରଙ୍କ ଜଣେ ଲୋକର ପିଠି ଉପରେ ମାଡ଼ ମାରିଛି । ପ୍ରତ୍ୟୁତରରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ଏହି କଥାକୁ ଛାଡ଼ି ଦିଅ । ଏହା ହେଉଛି ଖରାପ କଥା ଏପରି ବାଜେ ଓ ନିରର୍ଥକ କଥା କୁହନାହିଁ । ସାମାନ୍ୟ କଥାରେ ବଚସା ଆରମ୍ଭ କରିଦେଉଛ । ଯେତେବେଳେ ଅବ୍‌ଦୁଲ୍ଲାଃ ବିନ୍ ଉବୈ ଏକଥା ଶୁଣିଲେ, ସେ ମଧ୍ୟ ସାଙ୍ଗରେ ଥିଲା, ସେ କହିଲା ଯେ, ଜଣେ ମୁହାଜିର୍ ଅନ୍‌ସାର୍‌ର ଅଂଟା ଉପରକୁ ମାଡ଼ ମାରିଲା । ସେ ପଛେ ଗୋଟିଏ ଚାପୁଡ଼ା ହେଉ ଅବା ଦୁଇ ଚାପଡ଼ା ହେଉ ସେ ମାରିଛି । ତେଣୁ ମୁଁ ଅଲ୍ଲାଃ ତାଲାଙ୍କ ଶପଥ କରି କହୁଛି ଯଦି ଆମେ ମଦିନା ଫେରିଲେ ନିଶ୍ଚିତ ରୂପେ ସେଠାକାର ସମ୍ମାନିତ ବ୍ୟକ୍ତି ସେଠାରେ ରହୁଥିବା ନୀଚ ଲୋକଙ୍କୁ **ନାଉଜୁ ବିଲ୍ଲାଃ** (ଅଲ୍ଲାଃ ତାଲାଙ୍କ ଶରଣଭିକ୍ଷା କରୁଛି) ବିତାଡ଼ିତ କରିଦେବେ । ହଜ୍‌ରତ୍ ଉମର୍ ର:ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମୋତେ ଆପଣ ସ:ଆ:ସ ଅନୁମତି ପ୍ରଦାନ କରନ୍ତୁ ମୁଁ ତାହାର ସ୍କନ୍ଧଚ୍ୟୁତ କରିଦେବି । ପ୍ରତ୍ୟୁତରରେ ରସୁଲୁଲ୍ଲାଃ ସ:ଆ:ସ କହିଲେ ହଉ ଛାଡ଼ ସେ କଥା ଏପରି ହେଲେ ଲୋକମାନେ ଏହା କହିବାକୁ ଲାଗିଯିବେ ଯେ, ଦେଖ ମୁହମ୍ମଦ ସ:ଆ:ସ ନିଜର ସାଥିମାନଙ୍କୁ ମଧ୍ୟ ହତ୍ୟା କରୁଛି । *(ସହି ମୁସ୍‌ଲିମ୍..... ହଦିସ୍ ୬୫୮୩)*

ଉକ୍ତ ଘଟଣାର ବିସ୍ତୃତ ବିବରଣୀ ସିରତ୍ ଖାତ୍‌ମୁନ୍ ନବିୟିନ୍‌ରେ ଏହିପରି ବର୍ଣ୍ଣିତ ହୋଇଛି ତେଣୁ ଏଠାରେ ମୁଁ ସେହି ଘଟଣାକୁ ପୁନଃ ବର୍ଣ୍ଣନା କରିବାକୁ ଆବଶ୍ୟକ ବୋଲି ମନେ କରୁନାହିଁ ସେ ଯାହା ହେଉ ନା କାହିଁକି ଅବ୍‌ଦୁଲ୍ଲାଃ ବିନ୍ ଉବୈର୍ ଶେଷ ଅବସ୍ଥା ସମ୍ପର୍କରେ ଚର୍ଚ୍ଚା କରି ସିରତ୍ ଇବ୍‌ନେ ହୁଶାମ୍‌ରେ ଉଲ୍ଲେଖ ରହିଛି ଯେ, ଏହି ଘଟଣା ପରେ ଅବ୍‌ଦୁଲ୍ଲାଃ ବିନ୍ ଉବୈ ଯେତେବେଳେ ଏଣୁତେଣୁ କଥା କହୁଥିଲେ ତା ଜାତି ତାକୁ ଅତ୍ୟନ୍ତ ମଠ ବୋଲି ବିବେଚିତ କରୁଥିଲେ ବା କହୁଥିଲେ । ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଯେତେବେଳେ ଉକ୍ତ ପରିସ୍ଥିତିର ସନ୍ଧାନ ହେଲା ସେତେବେଳେ ଆପଣ ସ:ଆ:ସ ଉମର୍ ବିନ୍ ଖତାବ୍ ର:ଅଙ୍କୁ କହିଲେ ଯେ, ହେ ଉମର୍ ! ଯେଉଁ ଦିନ ତୁମେ ମତେ ଏହି ବ୍ୟକ୍ତିକୁ ବଧ କରିବାପାଇଁ କହିଥିଲ ଏବଂ ଏଥି ସକାଶେ ଅନୁମତି ଲୋଡ଼ିଥିଲ ଯେ, ମୁଁ ତା'ର ବଦ୍ଧ କରିଦେବି । ମୁଁ ଯଦି ତୁମକୁ ଏଥି ନିମନ୍ତେ ଅନୁମତି ପ୍ରଦନା କରି ଦେଇଥାଆନ୍ତି ତାହା ହେଲେ ଏହି ଲୋକମାନେ ହିଁ ମୋତେ ମୁହଁ, ନାକ ମୋଡ଼ିଥାନ୍ତେ । କିନ୍ତୁ ମୁଁ ଯଦି ବର୍ତ୍ତମାନ ସେହି ଲୋକଙ୍କୁ ତାହାର ବଧ କରିବା ପାଇଁ ଆଦେଶ ଦିଏ ତେବେ ସେମାନେ ସ୍ୱୟମ୍ ତାହାକୁ ବଧ କରିଦେବେ । ସେହିମାନେ ଯେଉଁମାନେ ତା'ର ସମର୍ଥକ ଥିଲେ ଆଜି ଦେଖ ସେମାନେ ତା'ର ବିରୋଧି ହୋଇଯାଇଛନ୍ତି ଏବଂ ଏମାନେ ତାଙ୍କୁ ହତ୍ୟା ମଧ୍ୟ କରିପାରନ୍ତି । ଏହା କେବଳ ଧୈର୍ଯ୍ୟ ଦେଖାଇବା ଯୋଗୁଁ ହୋଇପାରିଛି । ହଜ୍‌ରତ୍ ଉମର୍ ର:ଅ କୁହନ୍ତି ଯେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୁଁ ଜାଣିନେଲି ଯେ, ନିଃସନ୍ଦେହ ରସୁଲୁଲ୍ଲାଃ ସ:ଆ:ସଙ୍କ କଥା କଲ୍ୟାଣ ଦୃଷ୍ଟିକୋଣରୁ ମୋ କଥା ଅପେକ୍ଷା ଅଧିକ ମୂଲ୍ୟବାନ ତଥା ଶ୍ରେୟସ୍କର ଥିଲା । *(ସିରତ୍ ଇବ୍‌ନେ ହୁଶାମ୍ ପୃ-୬୭୨.... ଲେବ୍‌ନାନ୍ ୨୦୦୧)*

ରଇସୁଲ୍ ମୁନାଫିକିନ୍ ଅର୍ଥାତ ମୁନାଫିକ୍‌ମାନଙ୍କ ଅଧିପତି ଅବ୍‌ଦୁଲ୍ଲାଃ ବିନ୍ ଉବୈ ବିନ୍ ସୁଲୁଲ୍‌ର ନମାଜ ଯନାଜାଃ ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ପଢ଼ିବାକୁ ବାହାରିଲେ ସେତେବେଳେ ହଜ୍‌ରତ୍ ଉମର୍ ର:ଅ କହିଲେ ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଅଲ୍ଲାଃ ତାଲା ଆପଣଙ୍କୁ କପଟବିଶ୍ୱାସୀଙ୍କର ନମାଜ ଯନାଜାଃ ପଢ଼ିବାକୁ ବାରଣ କରିଛନ୍ତି । ପ୍ରତ୍ୟୁତରରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେ, ମୋତେ ଅଲ୍ଲାଃ ତାଲା କପଟବିଶ୍ୱାସୀଙ୍କ ଯନାଜାଃ ପଢ଼ିବା ଏବଂ ନପଢ଼ିବା ସମ୍ପର୍କରେ ସ୍ୱାଧୀନତା ପ୍ରଦାନ କରିଛନ୍ତି । ମୁଁ ତାଙ୍କ ପାଇଁ କ୍ଷମା ଜାଚନା କରିପାରେ ବା ନ କରିପାରେ । ଅତଏବ ରସୁଲୁଲ୍ଲାଃ ସ:ଆ:ସ ତାହାର ନମାଜ ଯନାଜାଃ ପଢ଼େଇଥିଲେ । ପୁନଶ୍ଚ ଅଲ୍ଲାଃ ତାଲା ଯେତେବେଳେ ଏପରି ବ୍ୟକ୍ତିମାନଙ୍କର ନମାଜ ଯନାଜାଃ ନ ପଢ଼ିବା ପାଇଁ ସଂପୁର୍ଣ୍ଣ ରୂପେ ବାରଣ କରିଦେଲେ ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ କପଟବିଶ୍ୱାସୀଙ୍କର ନମାଜ ଯନାଜାଃ ପଢ଼େଇବା ମଧ୍ୟ ବନ୍ଦ କରି ଦେଇଥିଲେ ।

*(ଅଲ୍‌ଇସ୍‌ତିୟାବ....... ଖଣ୍ଡ-୩, ପୃ-୯୪୧.......... ବେରୁତ)*

ଅବୁ ସଲାମା ହଜ୍‌ରତ୍ ଜାବିର୍ ବିନ୍ ଅବ୍‌ଦୁଲ୍ଲାଃଙ୍କଠାରୁ ବର୍ଣ୍ଣନା କରିଛନ୍ତି ଯେ, ହଜ୍‌ରତ୍ ଉମର୍ ର:ଅ ଖନ୍ଦକ ଯୁଦ୍ଧ ଦିନ ସୂର୍ଯ୍ୟାସ୍ତ ପରେ ଆସିଲେ ଏବଂ କୁରୈଶ୍‌ର ଅବିଶ୍ୱାସୀକାରୀଙ୍କୁ ଅପଶବ୍ଦ କହିବାକୁ ଲାଗିଲେ, ସେ କହିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ମତେ ତ' ଅସର ନମାଜ ମଧ୍ୟ ମିଳିଲା ନାହିଁ ଏପରି କି ସୂର୍ଯ୍ୟାସ୍ତ ହେବାକୁ ଲାଗିଲା । ନବୀ କରିମ୍ ସ:ଆ:ସ କହିଲେ, ମୁଁ ଈଶ୍ୱରଙ୍କ ଶପଥ କରି କହୁଛି ମୁଁ ବି ପଢ଼ିପାରିଲି ନାହିଁ ଫଳତଃ ଆମେମାନେ ଉଠି ବତ୍‌ହାନ୍ ଉପତ୍ୟାକା ଆଡ଼କୁ ଗଲୁ । ବତ୍‌ହାନ୍ ହେଉଛି ମଦିନାର ଉପତ୍ୟାକା ମଧ୍ୟରୁ ଏକ ଉପତ୍ୟାକାର ନାମ । ପୁଣି ଆଁ ହଜ୍‌ରତ୍ ସ:ଆ:ସ ନମାଜ ପାଇଁ ଓ୍ୱଜୁ କଲେ ଏବଂ ଆମେମାନେ ମଧ୍ୟ ଓ୍ୱଜୁ କଲୁ ଏବଂ ସୂର୍ଯ୍ୟାସ୍ତ ହେବା ପରେ ଅସର୍ ନମାଜ ପଢ଼ିଲୁ । ପୁନଶ୍ଚ ଏହାପରେ ଆପଣ ସ:ଆ:ସ ମଗ୍‌ରିବ୍ ନମାଜ ପଢ଼ିଲେ । ଉକ୍ତ ବର୍ଣ୍ଣନାଟି ହେଉଛି ବୁଖାରୀର ।

*(ସହି ବୁଖାରୀ..... ହଦିସ୍ ୫୯୬)*

*(ମୁଅଜମୁଲ୍ ବୁଲ୍‌ଦାନ୍..... ଖଣ୍ଡ-୧, ପୃ-୫୨୯.... ବେରୁତ)*

ଏ ସଂକ୍ରାନ୍ତରେ ଏହି ବିବାଦ ଉପୁଜୁଛି ଯେ, ଖନ୍ଦକ ଯୁଦ୍ଧ ସମୟରେ ନବୀ କରିମ୍ ସ:ଆ:ସ ଓ ଆପଣଙ୍କ ସାହାବାମାନେ କେତୋଟି ନମାଜ ପଢ଼ିପାରିନଥିଲେ । ଏ ସକ୍ରାନ୍ତରେ ଭିନ୍ନ ଭିନ୍ନ ବର୍ଣ୍ଣନା ଦେଖିବାକୁ ମିଳେ ଅତଏବ ଏକ ବର୍ଣ୍ଣନା ଏହିପରି ମିଳୁଛି ଯେ, ହଜ୍‌ରତ୍ ଜାବିର୍ କୁହନ୍ତି ଯେ, ହଜ୍‌ରତ୍ ଉମର୍ ର:ଅ ଖନ୍ଦକ ଯୁଦ୍ଧ ଦିନ ସେହି ଅବିଶ୍ୱାସକାରୀଙ୍କୁ ଏଣୁ ତେଣୁ କହିବାକୁ ଲାଗିଲେ ଏବଂ କହିଲେ ମୁଁ ଅସର୍ ନମାଜ ପାଇ ପାରିଲିନାହିଁ । ଏପରି କି ସୂର୍ଯ୍ୟାସ୍ତ ହୋଇଗଲା । ସେ କହୁଥିଲେ ଯେ, ଆମେମାନେ ବତ୍‌ହାନ୍ ନାମକ ଉପତ୍ୟାକାରେ ଅବତରଣ କଲୁ ଏବଂ ସୂର୍ଯ୍ୟାସ୍ତ ହେବାପାରେ ନମାଜ ପଢ଼ିଲୁ ଏବଂ ତା'ପରେ ମଗ୍‌ରିବ୍ ନମାଜ ପଢ଼ିଲୁ । ଏହା ମଧ୍ୟ ବୁଖାରୀର ଏକ ବର୍ଣ୍ଣନା ଅଟେ । ଅର୍ଥାତ ପ୍ରଥମ ବର୍ଣ୍ଣନାରେ ଆଁ ହଜ୍‌ରତ୍ ସ:ଆ:ସ ସେମାନଙ୍କ ସହିତ ଥିଲେ । *(ସହି ବୁଖାରୀ... ହଦିସ୍-୫୯୮)*

ପୁନଶ୍ଚ ହଜ୍‌ରତ୍ ଅଲୀ ର:ଅ ବର୍ଣ୍ଣନା କରୁଛନ୍ତି ଯେ ଆଁ ହଜ୍‌ରତ୍ ସ:ଆ:ସ ଖନ୍ଦକ ଯୁଦ୍ଧ ଅବସରରେ କହିଲେ, ହେ ଅଲ୍ଲାଃ ! ସେହି ଅବିଶ୍ୱାସକାରୀମାନଙ୍କ ପାଇଁ ସେମାନଙ୍କ ଘର ଏବଂ ସେମାନଙ୍କ କବରକୁ ଅଗ୍ନୀ ଦ୍ୱାରା ପୂର୍ଣ୍ଣ କରିଦିଅନ୍ତୁ । କାରଣ ସେମାନେ ଆମକୁ ଯୁଦ୍ଧରେ ବ୍ୟସ୍ତ ରଖିଲେ ଏବଂ ସଲାତେ୍ ଉସ୍ତା (ଅର୍ଥାତ ମଧ୍ୟବର୍ତ୍ତୀ ନମାଜ) ପଢ଼ିବାପାଇଁ ସୁଯୋଗ ପ୍ରଦାନ କଲେନାହିଁ । ଏପରିକି ସୂର୍ଯ୍ୟାସ୍ତ ହୋଇଗଲା ।

*(ସହି ବୁଖାରୀ କିତାବୁଲ୍ ମଗାଜି... ହଦିସ୍ ୪୧୧୧)*

ପୁନଶ୍ଚ ଅବୁ ଉବୈଦା ବିନ୍ ଅବ୍‌ଦୁଲ୍ଲାଃ ନିଜର ପିତାଙ୍କଠାରୁ ବର୍ଣ୍ଣନା କରନ୍ତି ଯେ, ଖନ୍ଦକ ଯୁଦ୍ଧ ଦିନ ଅବିଶ୍ୱାସକାରୀମାନେ ନବୀ କରିମ୍ ସ:ଆ:ସଙ୍କୁ ଚାରୋଟି ନମାଜରୁ ନିବୃତ ରଖିଥିଲେ ଏପରିକି ରାତିର ଅନେକ ଭାଗ ବିତିଗଲା । ବର୍ଣ୍ଣନାକାରୀ କୁହନ୍ତି ଯେ, ଆପଣ ସ:ଆ:ସ ବିଲାଲ୍ ର:ଅଙ୍କୁ ଅଜାନ୍ ଦେବାପାଇଁ କହିଲେ, ଅତଏବ ସେ ଅଜାନ୍ ଦେଲେ ପୁନଶ୍ଚ ବିଲାଲ୍ ର:ଅ ଏକାମତ କହିଲେ ଏବଂ ଜୋହର୍ ନମାଜ ପଢ଼ାଇଲେ ପୁନଶ୍ଚ ଏକାମତ ପାଇଁ କହିଲେ ଏବଂ ଅସର ନମାଜ ପଢ଼ାଇଲେ, ପୁନଶ୍ଚ ଆପଣ ସ:ଆ:ସ ବିଲାଲ୍ ର:ଅଙ୍କୁ ଏକାମତ୍ ପାଇଁ କହିଲେ ଏବଂ ମଗ୍‌ରିବ୍ ନମାଜ ପଢ଼ାଇଲେ । ସେହିପରି ପୁନଶ୍ଚ ବିଲାଲ୍ ର:ଅଙ୍କୁ ହଜ୍‌ରତ୍ ସ:ଆ:ସ ଏକାମତ୍ ପାଇଁ ଆଦେଶ ଦେଲେ ଏବଂ ଇଶା ନମାଜ ପଢ଼ାଇଲେ । ଉକ୍ତ ବର୍ଣ୍ଣନାଟି ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲର ଅଟେ । ***(ମସ୍‌ନଦ୍ ଅହ୍‌ମଦ୍ ବିନ୍ ହମ୍ବଲ୍ ଖଣ୍ଡ-୨, ପୃ-୬-୭, ମସ୍‌ନଦ୍ ଅବ୍‌ଦୁଲ୍ଲାଃ ବିନ୍ ମସୁଦ୍ ହଦିସ୍-୩୫୫୫ ବେରୁତ ୧୯୯୮)***

ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସ ଏହି ସମସ୍ତ ବର୍ଣ୍ଣନାଗୁଡ଼ିକୁ ଦୁର୍ବଳ ବୋଲି ବିବେଚିତ କରି କେବଳ ଗୋଟିଏ ବର୍ଣ୍ଣନାକୁ ହିଁ ସଠିକ୍ ବୋଲି ବିବେଚିତ କରିଛନ୍ତି । ଯହିଁରେ ଅସର ନମାଜ ଯଥା ସମୟରେ ନପଢ଼ି ଅସମୟରେ ପଢ଼ିବାର ଚର୍ଚ୍ଚା ରହିଛି । ଅତଏବ ଖନ୍ଦକ ଯୁଦ୍ଧରେ ଆଁ ହଜ୍‌ରତ୍ ସ:ଆ:ସ ଚାରି ନମାଜ କଜା ଅର୍ଥାତ ବିଳମ୍ବରେ ପଢ଼ିବା ବିଷୟରେ ପାଦ୍ରୀ ଫତେହ୍ ମସିହ୍‌ର ଆପତିର ଉତର ପ୍ରଦାନ କରି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କୁହନ୍ତି ଯେ: ତୁମମାନଙ୍କର ଏହି ସୈତାନୀ ପ୍ରରଚନା ଯେ, ଖନ୍ଦକ ଯୁଦ୍ଧ ସମୟରେ ଚାରି ନମାଜ କଜା କରାଗଲା । ପ୍ରଥମତଃ ଆପଣମାନେ ଏହା ଜାଣିବା ଉଚିତ ଯେ ଏଠାରେ **କଜା** ଶବ୍ଦର ବ୍ୟବହାର ହୋଇଛି । ହେ ଅବୋଧ ! କଜା କହିଲେ, ଛାଡ଼ି ଯାଇଥିବା ନମାଜ ପାଠକୁ ବୁଝାଏ ନା କି ଛାଡ଼ିବାକୁ । ନମାଜ ପରିତ୍ୟାଗ କରିଦେବାକୁ କଦାପି କଜା କୁହାଯାଏ ନାହିଁ । ଯଦି କୌଣସି ଲୋକର ନମାଜ ରହିଯାଏ (ଅର୍ଥାତ ସେ ଯଦି କୌଣସି ନମାଜକୁ ପଢ଼ିବା ଛାଡ଼ିଦିଏ) ତାହାକୁ "ଫୌତ୍" କୁହାଯାଏ । ଅର୍ଥାତ ତା' ଦ୍ୱାରା ନମାଜ ଛାଡ଼ି ଯାଇଛି । ଏଣୁ ମୁଁ ପାଂଚ ହଜାର ଟଙ୍କାର ଇସ୍ତେହାର ଦେଇଥିଲି ଯେ, ଏଭଳି ମୂର୍ଖ ବ୍ୟକ୍ତିମାନେ ମଧ୍ୟ ଇସ୍‌ଲାମ୍ ଉପରେ ଆପତି କରନ୍ତି ଯେଉଁମାନଙ୍କୁ ବର୍ତମାନ ସୁଦ୍ଧା କଜା ଶବ୍ଦର ଅର୍ଥ ଜଣାନାହିଁ । ଯେଉଁମାନେ ଶବ୍ଦକୁ ତା'ର ଉଚିତ ସ୍ଥାନରେ ବ୍ୟବହାର କରିପାରନ୍ତି ନାହିଁ ଏପରି ଅବୋଧମାନଙ୍କ ନିକଟରେ ଏହି ଯୋଗ୍ୟତା ନାହିଁ ଯେ, ସେମାନେ ସୂକ୍ଷ୍ମ ପ୍ରସଙ୍ଗ ଉପରେ ସମାଲୋଚନା କରିବେ । ଏପରି କରିବାକୁ ସେମାନଙ୍କୁ କୌଣସି ଅଧିକାର ନାହିଁ । ବାକି ରହିଲା ଏହି କଥା ଯେ, ଖନ୍ଦକ ଗର୍ତ ଖୋଳିବା ସମୟରେ ଚାରି ନମାଜ ଜମା ଅର୍ଥାତ ଏକତ୍ର କରି ପାଠ କରାଯାଇଥିଲା । ଏହି ମୂର୍ଖାମି ଓ ପ୍ରରୋଚନା ମୂଳକ ପ୍ରଶ୍ନର ଉତର ହେଉଛି ଏହା କି, ଅଲ୍ଲାଃ ତାଲା କୁହନ୍ତି ଯେ, ଧର୍ମ ସଂକ୍ରାନ୍ତରେ କୌଣସି ବାଧ୍ୟବାଧକତା ନାହିଁ ଅର୍ଥାତ ଏପରି କଠୋରତା ନାହିଁ ଯାହାକି ମନୁଷ୍ୟର ବିନାଶର କାରଣ ସାବ୍ୟସ୍ତ ହେବ ତେଣୁ ଅଲ୍ଲାଃ ତାଲା ଆବଶ୍ୟକ ସ୍ଥଳେ ବା ଜଟିଳ ସମୟରେ ଏବଂ ବିପଦ ଆପଦ ପରିସ୍ଥିତିରେ ନମାଜକୁ ଜମା କରି ପଢ଼ିବା ପାଇଁ ଏବଂ ସଂକ୍ଷିପ୍ତ କରି ପାଠ କରିବା ପାଇଁ ଆଦେଶ ଦେଇଛନ୍ତି । କିନ୍ତୁ ଏଠାରେ ଆମର କୌଣସି ଭରସା ଯୋଗ୍ୟ ହଦିସ୍‌ରେ ଚାରିଟି ନମାଜ ଏକତ୍ର କରିବାର କୌଣସି ଚର୍ଚ୍ଚା ନାହିଁ । ବରଂ ଫତହୁଲ୍ ବାରି ଶରହ୍ ସହି ବୁଖାରିରେ ଉଲ୍ଲେଖ ରହିଛି ଯେ ଘଟଣା କ୍ରମଟି ଏହିପରି ଥିଲା ଯେ, ଗୋଟିଏ ନମାଜ ଅର୍ଥାତ ନମାଜ ଅସର ଯଥା ସମୟରେ ପାଠ କରାଯାଇ ନପାରି ଅସମୟରେ ପାଠ କରାଯାଇଥିଲା । "ଯଦି ଆପଣ ସେତେବେଳେ ଆମ ସମ୍ମୁଖରେ ଥା'ନ୍ତେ ତାହେଲେ ଆମେ ଆପଣଙ୍କୁ ଟିକିଏ ବସାଇ ପଚାରିଥାନ୍ତୁ" ଏକଥା, ଆପଣ ଆ:ସ ବିରୋଧଙ୍କୁ ସମ୍ବୋଧନ କରି କହିଥିଲେ ଯେ, କ'ଣ ଉକ୍ତ ବର୍ଣ୍ଣନାଟି ସର୍ବସମ୍ମତ ଅଟେ କି ? ଯେଉଁଥିରେ ଆଁ ହଜ୍‌ରତ୍ ସ:ଆ:ସଙ୍କର ଚାରୋଟି ନମାଜ ଛାଡ଼ି ଯାଇଥିଲା ବା ରହିଯାଇଥିଲା । ଧର୍ମ ବିଧାନ ଅନୁଯାୟୀ ଚାରୋଟି ନମାଜ ଏକତ୍ର ଭାବରେ ପାଠ କରାଯାଇପାରେ ଏହା ଶାସ୍ତ୍ର ସମ୍ମତ ଅଟେ ଅର୍ଥାତ ନମାଜ ଜୋହର୍, ଅସର୍ ଏବଂ ମଗ୍‌ରିବ ଓ ଇଶା ନମାଜ ଜମା କରି ପଢ଼ାଯାଇପାରିବ । ହଁ ଅବଶ୍ୟ ଏକ ଦୁର୍ବଳ ବର୍ଣ୍ଣନାରେ ନମାଜ ଜୋହର୍, ଅସର୍, ମଗ୍‌ରିବ୍ ଓ ଇସା ଏକତ୍ରିତ କରି ପାଠ କରାଯିବା ବିଷୟ ବର୍ଣ୍ଣିତ ଅଛି । କିନ୍ତୁ ଅନ୍ୟ ସଠିକ୍ ହଦିସ୍‌ଗୁଡ଼ିକ ଏହାକୁ ଖଣ୍ଡନ କରନ୍ତି । ତହିଁରୁ କେବଳ ଏତିକି ସାବ୍ୟସ୍ତ ହେଉଅଛି ଯେ ଅସର୍ ନମାଜ୍ ସଙ୍କୁଚିତ ଅର୍ଥାତ ଅସମୟରେ ପାଠ କରାଯାଇଥିଲା" ।

*(ନୁରୁଲ୍ କୁର୍‌ଆନ୍ ନଂ-୨,, ରୁହାନୀ ଖଜାଇନ୍, ଖଣ୍ଡ-୯, ପୃ-୩୮୯-୩୯୦)*

ସୁଲାହ୍ ହୁଦୈବିୟା (ହୁଦୈବିୟା ସନ୍ଧି) ସମ୍ପର୍କରେ ହଜ୍‌ରତ୍ ଉମର୍ ର:ଅଙ୍କ ଭୂମିକା ସଂପର୍କରେ ଯାହା ଉଲ୍ଲେଖ କରାଯାଇଛି ତାହା ଏହିପରି ଅଟେ ଯେ, ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଉମର ବିନ୍ ଖତାବ୍ ର:ଅଙ୍କୁ ଡ଼କାଇ ପଠାଇଲେ । କାରଣ ସେ ଯେପରି ତାଙ୍କୁ ମକ୍କା ପ୍ରେରଣ କରିବେ ଏବଂ ସେ କୁରୈଶ୍‌ର ଗଣମାନ୍ୟ ପ୍ରତିଷ୍ଠିତ ବ୍ୟକ୍ତିଙ୍କୁ ଯାଇ କହିବେ ଯେ, ଆଁ

ହଜ୍‌ରତ୍ ସ:ଆ:ସ କ'ଣ ପାଇଁ ଆସିଛନ୍ତି । ହଜ୍‌ରତ୍ ଉମର ର:ଅ ଅଧିକନ୍ତୁ କହିଲେ ଯେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! କୁରୈଶ୍‌ମାନଙ୍କଠାରୁ ମୋ ଜୀବନ ପ୍ରତି ବିପଦ ରହିଛି କାରଣ ମୋର ସେମାନଙ୍କ ପ୍ରତି ଥିବା ସେମାନଙ୍କୁ ଶତୃତାର ଅବସ୍ଥା ସହିତ ସେମାନେ ଭଲ ଭାବରେ ପରିଚିତ ଅଟନ୍ତି । ସେମାନଙ୍କୁ ଜଣା ଯେ ମୁଁ ହେଉଛି କୁରୈଶ୍‌ର ଘୋର୍ ଶତ୍ରୁ ଏବଂ ମୁଁ ଯେଉଁ ମାତ୍ରାରେ ସେମାନଙ୍କ ଉପରେ କ୍ରୁରତା ପ୍ରଦର୍ଶନ କରିଛି ସେମାନେ ତାହା ଜାଣିଛନ୍ତି ଏବଂ ମୋ କୌମ୍ ବନୁ ଅଦି ବିନ୍ କାଆବ୍‌ର କୌଣସି ଲୋକ ମକ୍କାରେ ନାହାନ୍ତି, ଯେଉଁମାନେ ମୋର ସୁରକ୍ଷା କରିପାରିଥାନ୍ତେ । ତେଣୁ ହଜ୍‌ରତ୍ ଉମର୍ ମକ୍କା ଯିବାପାଇଁ କିଛିଟା ଅନିଛା ଭାବ ପରିପ୍ରକାଶ କଲେ । ଏକ ବର୍ଣ୍ଣନା ଅନୁଯାୟୀ ହଜ୍‌ରତ୍ ଉମର୍ ର:ଅ ଉକ୍ତ ଅବସରରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସେବାରେ ଏହା ମଧ୍ୟ କହିଲେ, ହେ ଅଲ୍ଲାଃଙ୍କ ବାର୍ତ୍ତାବହ ! ଯଦି ଆପଣ ଏହା ପସନ୍ଦ କରନ୍ତି ତାହେଲେ ମୁଁ ସେମାନଙ୍କ ନିକଟକୁ ଚାଲିଯାଉଛି । କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସ କୌଣସି ପ୍ରତିକ୍ରିୟା ଜଣେଇଲେ ନାହିଁ । ହଜ୍‌ରତ୍ ଉମର୍ ର:ଅ ଅଧିକନ୍ତୁ କହିଲେ ଯେ, ମୁଁ ଆପଣଙ୍କୁ ଏଭଳି ଏକ ବ୍ୟକ୍ତି ସଂପର୍କରେ କହୁଛି ଯିଏ କୁରୈଶ୍‌ମାନଙ୍କ ମଧ୍ୟରେ ମୋ ଠାରୁ ବି ଅଧିକ ଗୌରବଶାଳୀ ଓ ସମ୍ମାନିତ ଅଟନ୍ତି ଅର୍ଥାତ ହଜ୍‌ରତ୍ ଉସ୍‌ମାନ୍ ବିନ୍ ଅଫ୍‌ଫାନ୍ ର:ଅ ଅତଏବ ହଜୁର ସ:ଆ:ସ ଉମର ର:ଅଙ୍କ ପ୍ରସ୍ତାବକୁ ଗ୍ରହଣ କଲେ ଏବଂ ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କୁ ଡ଼କାଇଲେ ଓ ତାଙ୍କୁ ଅବୁ ସୁଫିୟାନ୍ ଓ ଅନ୍ୟ ସମ୍ମାନିତ କୁରୈଶ୍‌ମାନଙ୍କ ନିକଟକୁ ପ୍ରେରଣ କଲେ ଯଦ୍ୱାରା ଉସ୍‌ମାନ୍ ର:ଅ ସେମାନଙ୍କୁ ଏ ସୂଚନା ଦେବେ ଯେ, ହଜୁର ସ:ଆ:ସ ଯୁଦ୍ଧ ପାଇଁ ଆସିନାହାନ୍ତି ବରଂ ଆପଣ ସ:ଆ:ସ କେବଳ ଖାନାକାବାର ପରିଦର୍ଶନ ପାଇଁଓ ତାହାର ନିଶ୍ଚିତମୂଳକ ସମ୍ମାନ ସକାଶେ ଆସିଛନ୍ତି । ***(ସିରତ୍ ଇବ୍‌ନେ ହୁଶାମ୍ ପୃ-୬୮୫.....ବେରୁତ ୨୦୦୧) (ସୁବୁଲ୍ ହୁଦା ୱର୍ ରଶାଦ୍ ଖଣ୍ଡ-୫, ପୃ-୪୬.... ବେରୁତ ୧୯୯୩)***

ଉକ୍ତ ବିବରଣୀଟି ହଜ୍‌ରତ୍ ଉସ୍‌ମାନ୍ ର:ଅଙ୍କ ପ୍ରସଙ୍ଗରେ ବର୍ଣ୍ଣିତ ହୋଇଯାଇଅଛି ।

ହଜ୍‌ରତ୍ ମିର୍ଜା ବଶିର ଅହେମଦ୍ ସାହେବ ଏମ୍.ଏ ଉଲ୍ଲେଖ କରନ୍ତି ଯେ, ଯେତେବେଳେ ସୁଲାହ୍ ହୁଦୈବିୟାର ସର୍ତଗୁଡ଼ିକ ଉଲ୍ଲିଖିତ ହେଉଥିଲା ସେତେବେଳେ ସେହି ସମୟରେ ମକ୍କାର କୁରୈଶ୍‌ମାନଙ୍କ ରାଜଦୂତ ସୁହୈଲ୍ ବିନ୍ ଉମ୍ରୋଙ୍କ ସୁପୁତ୍ର ଅବୁ ଜନ୍ଦଲ୍ ଶିକୁଳି ଏବଂ ହାତକଡ଼ିରେ କବଳିତ ଅବସ୍ଥାରେ, ଉକ୍ତ ମଜ୍‌ଲିସ୍‌ରେ ଦୟନୀୟ ତଥା ଜୀର୍ଣ୍ଣକାୟ ଅବସ୍ଥାରେ ଆସି ପହଂଚିଲା । ସେହି ଯୁବକକୁ ମକ୍କାବାସୀ ମୁସଲମାନ ହେବାପରେ ବନ୍ଦୀ କରିନେଇଥିଲେ ଏବଂ କଠୋର ଦଣ୍ଡରେ ଦଣ୍ଡିତ କରିଥିଲେ । ଯେତେବେଳେ ତାକୁ ଜ୍ଞାତ ହେଲା ଯେ, ଆଁ ହଜ୍‌ରତ୍ ସ:ଆ:ସ ମକ୍କାର ଏତେ ନିକଟବର୍ତୀ ଆସିଯାଇଛନ୍ତି ସେତେବେଳେ ସେ କୌଣସି ପ୍ରକାରେ କାରାଗାରରୁ ଫେରାର ହୋଇ ନିଜ ବେଡ଼ିରେ ବନ୍ଧା ହୋଇଥିବା ଅବସ୍ଥାରେ ପଡ଼ି ଉଠି ହୁଦୈବିୟାରେ ପହଂଚିଗଲା ଏବଂ ସଂଯୋଗବଶତଃ ସେ ଏପରି ସମୟରେ ସେଠାରେ ପହଂଚିଲା । ଯେତେବେଳେ ତା'ର ପିତା ଉକ୍ତ ଚୁକ୍ତିର ସର୍ତାବଳୀଗୁଡ଼ିକୁ ଲେଖାଇ ନେଉଥିଲା ଯେ, ପ୍ରତ୍ୟେକ ଏପରି ବ୍ୟକ୍ତି ଯିଏ ମକ୍କାବାସୀଙ୍କ ମଧ୍ୟରୁ ମୁସଲମାନ ଧର୍ମରେ ଦୀକ୍ଷିତ ହୋଇଛନ୍ତି ସେମାନଙ୍କୁ କୁରୈଶ୍‌ମାନଙ୍କୁ ହସ୍ତାନ୍ତର କରିଦିଆଯାଉ । ଅବୁ ଜନ୍ଦଲ ପଡ଼ିଉଠି ସ୍ୱୟମ ମୁସଲମାନମାନଙ୍କ ସମ୍ମୁଖରେ ପହଂଚିଗଲା ଏବଂ ବହୁତ ଦରଦପୂର୍ଣ୍ଣ ସ୍ୱରରେ ଡ଼ାକି କହିଲା ଯେ, ହେ ମୁସଲମାନମାନେ ! ମତେ ଇସ୍‌ଲାମ୍ ଯୋଗୁଁ ଏହି ଦଣ୍ଡ ଦିଆଯାଉଅଛି । ଭଗବାନଙ୍କ ପାଇଁ ମତେ ବଂଚାଅ, ମୁସଲମାନମାନେ ଉକ୍ତ ଦୃଶ୍ୟକୁ ଦେଖି ବ୍ୟାକୁଳ ହୋଇଉଠିଲେ କିନ୍ତୁ ସ୍ୱହେଲ୍ ମଧ୍ୟ ନିଜ ଜିଦ୍‌ରେ ଅଟଳ ରହିଲା ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କୁ କହିବାକୁ ଲାଗିଲା ଯେ ଏହା ହେଉଛି ପ୍ରଥମ ଦାବି ଯାହାକୁ ମୁଁ ଚୁକ୍ତି ଅନୁଯାୟୀ ଆପଣଙ୍କ ସହିତ କରୁଅଛି ଏବଂ ତାହା ଏହା ଯେ, ଆପଣ ଅବୁ ଜନ୍ଦଲ୍‌କୁ ମତେ ହସ୍ତାନ୍ତର କରିଦିଅନ୍ତୁ । ଆଁ ହଜ୍‌ରତ୍ ସ:ଆ:ସ କହିଲେ ବର୍ତମାନ ଚୁକ୍ତିର ଅବଧି ପୂରିନାହିଁ । ବର୍ତମାନ ତ' କେବଳ କଥାବାର୍ତା ଚାଲିଛି, ଚୁଡ଼ାନ୍ତ ନିଷ୍ପତି ହୋଇନାହିଁ । ସୁହୈଲ୍ କହିଲା ଯଦି ଆପଣ ଅବୁ ଜନ୍ଦଲ୍‌କୁ ହସ୍ତାନ୍ତର ନ କରନ୍ତି ତେବେ ଉକ୍ତ ଚୁକ୍ତିକୁ କାର୍ଯ୍ୟକାରୀ କରାଇବା ସମାପ୍ତ ବୋଲି ଜାଣନ୍ତୁ । ଆଁ ହଜ୍‌ରତ୍ ସ:ଆ:ସ କହିଲେ ହଉ ଛାଡ଼ ଏ ମାମାଲାକୁ ଶେଷକର ଉପକାର ତଥା ଦୟାପୂର୍ବକ ଭାବରେ ଅବୁ ଜନ୍ଦଲ୍‌ଙ୍କୁ ଆମକୁ ଦେଇଦିଅ । ସୁହୈଲ୍ କହିଲା ନା ନା ଏହା କଦାପି ସମ୍ଭବ ହୋଇପାରିବ ନାହିଁ । ଆଁ ହଜ୍‌ରତ୍ ସ:ଆ:ସ କହିଲେ ସ୍ୱହେଲ ଜିଦି କରନାହିଁ ମୋ କଥାକୁ ସ୍ୱୀକାର କରିନିଅ । ସ୍ୱହେଲ କହିଲା ମୁଁ ଏକଥାକୁ କଦାପି ସ୍ୱୀକାର କରିପାରିବି ନାହିଁ ଉକ୍ତ ଅବସରରେ ଅବୁ ଜୁନ୍ଦଲ ପୁଣି ଚିତ୍କାର କରି କହିଲେ ଯେ, ମୁସଲମାନମାନେ କ'ଣ ତୁମର ଜଣେ ମୁସଲମାନ ଭାଇ ଏହିପରି କଠୋର ଶାସ୍ତିର ଅବସ୍ଥାରେ ଅବିଶ୍ୱାସକାରୀଙ୍କ ଆଡ଼କୁ ଫେରାଇ ଦିଆଯିବ ଏହା ଏକ ବିଚିତ୍ର କଥା ଯେ, ସେତେବେଳେ ଅବୁ ଜୁନ୍ଦଲ୍ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଅପିଲ୍ ବା ନିବେଦନ କଲେନାହିଁ ବରଂ ସର୍ବସାଧାରଣ ମୁସଲମାନମାନଙ୍କୁ ନିବେଦନ କଲେ । ସମ୍ଭାବ୍ୟ କାରଣ ଏହା ଥିଲା ଯେ, ସେ ଜାଣିଥିଲେ ଯେ, ଆଁ ହଜ୍‌ରତ୍ ସ:ଆ:ସଙ୍କ ମନରେ ଯେତେ ପଛେ ପୀଡ଼ା ହେଉ ନା କାହିଁକି ଆପଣ ସ:ଆ:ସ କୌଣସି ପରିସ୍ଥିତିରେ ଚୁକ୍ତିକୁ କାର୍ଯ୍ୟକାରୀ ହେବା ପାଇଁ ଓ ସେଥିରେ କୌଣସି ବାଧା ବା ବିଘ୍ନତା ସୃଷ୍ଟି ହେବାକୁ ଦେବେନାହିଁ । କିନ୍ତୁ ସମ୍ଭବତଃ ସର୍ବସାଧାରଣ ମୁସଲମାନମାନଙ୍କଠାରୁ ସେ ଏହା ଆଶା କରୁଥିଲା ଯେ, ଯେତେବେଳେ ଉକ୍ତ ଚୁକ୍ତିର ସର୍ତାବଳୀଗୁଡ଼ିକ ଉଲ୍ଲେଖିତ ହେଉଥିଲା ସେତେବେଳେ ବୋଧ ହୁଏ ମୁସଲମାନମାନେ ନିଜର ଆତ୍ମସମ୍ମାନ ପାଇଁ କୌଣସି ନା କୌଣସି ଉପାୟ ବାହାର କରିନେବେ ଯହିଁରେ ତା'ର ମୁକୁଳିବାର ପରିସ୍ଥିତି ସୃଷ୍ଟି ହୋଇଯିବ ବା ବାଟ ଫିଟିଯିବ କିନ୍ତୁ ମୁସଲମାନମାନେ ଯେତେ ବି ଆବେଗ ପୂର୍ଣ୍ଣ ଅବସ୍ଥାରେ ରହିଥାନ୍ତୁ ନା କାହିଁକି ସେମାନେ ଆଁ ହଜ୍‌ରତ୍ ସ:ଆ:ସଙ୍କ ଇଛା ବିରୁଦ୍ଧରେ କୌଣସି ପଦକ୍ଷେପ ମଧ୍ୟ ଗ୍ରହଣ କରୁନଥିଲେ । ଆଁ ହଜ୍‌ରତ୍ ସ:ଆ:ସ କିଛି ସମୟ ନୀରବ ରହି ଅବୁ ଜୁନ୍ଦଲଙ୍କୁ ସହାନୁଭୂତିକ ଶବ୍ଦରେ କହିଲେ: ହେ ଅବୁ ଜନ୍ଦଲ୍ ! ଧୈର୍ଯ୍ୟ ଧର ଏବଂ ଅଲ୍ଲାଃ ତାଲାଙ୍କ ଆଡ଼କୁ ଦୃଷ୍ଟି ରଖିଥା ! ଈଶ୍ୱର ତୁମ ଓ ତୁମ ସହିତ ଅନ୍ୟ ଦୁର୍ବଳ ମୁସଲମାନମାନଙ୍କ ପାଇଁ ଅବଶ୍ୟ ସ୍ୱୟଂ କୌଣସି ନା କୌଣସି ମାର୍ଗ ଉନ୍ମୁକ୍ତ କରିଦେବେ । କିନ୍ତୁ ଆମେମାନେ ବର୍ତମାନ ବିବଶ କାରଣ ମକ୍କାବାସୀଙ୍କ ସହିତ ଚୁକ୍ତି ହୋଇସାରିଛି, କଥାବାର୍ତା ହୋଇସାରିଛି ଏବଂ ଆମେମାନେ ଉକ୍ତ ଚୁକ୍ତି ବିରୁଦ୍ଧିୟ କୌଣସି ପଦକ୍ଷେପ ଗ୍ରହଣ କରିପାରିବୁନାହିଁ ।

ମୁସଲମାନମାନେ ଏହି ଦୃଶ୍ୟକୁ ଦେଖୁଥିଲେ ଏବଂ ଧାର୍ମିକ ସ୍ୱାଭିମାନ ଯୋଗୁଁ ସେମାନଙ୍କ ଆଖି ରକ୍ତ ରଞ୍ଜିତ ହୋଇ ଉଠୁଥିଲା । କିନ୍ତୁ ରସୁଲୁଲ୍ଲାଃ ସ:ଆ:ସଙ୍କ ସମ୍ମୁଖରେ ସେମାନେ ତ୍ରସ୍ତ ଏବଂ ନୀରବ ଥିଲେ । ପରିଶେଷରେ ହଜ୍‌ରତ୍ ଉମର୍ ର:ଅ ଆଉ ସହି ନପାରି ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟକୁ ଆସିଲେ ଏବଂ କୋହଭରା କଣ୍ଠରେ କହିଲେ କ'ଣ ଆପଣ ଅଲ୍ଲାଃ ତାଲାଙ୍କ ବାର୍ତାବହ ନୁହନ୍ତି କି ? କ'ଣ ଆମେମାନେ ସତ୍ୟ ଉପରେ ନାହୁଁ ଓ ଆମମାନଙ୍କର ଶତ୍ରୁ ଅସତ୍ୟ ଉପରେ ନାହାନ୍ତି କି ? ଆଁ ହଜ୍‌ରତ୍ ସ:ଆ:ସ କହିଲେ ହଁ ଅବଶ୍ୟ ଏହିପରି ହଁ ଅଟେ । ହଜ୍‌ରତ୍ ଉମର୍ ର:ଅ କହିଲେ ତାହାହେଲେ ଆମେମାନେ ନିଜର ସତ୍ୟ ଧର୍ମ ପାଇଁ ଏଭଳି ତିରସ୍କାର କାହିଁକି ସହ୍ୟ କରିବୁ ? ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଉମର୍ ର:ଅଙ୍କ ଏହି ଅବସ୍ଥାକୁ ଦେଖି ସଂକ୍ଷିପ୍ତ ଶବ୍ଦରେ କହିଲେ ଦେଖ ଉମର୍ ! ମୁଁ ଅଲ୍ଲାଃ ତାଲାଙ୍କ ବାର୍ତାବହ ଏବଂ ମୁଁ ପ୍ରଭୁଙ୍କ ଅଭିପ୍ରାୟ ସଂପର୍କରେ ଜାଣେ ତଥା ଏହା ବିରୁଦ୍ଧରେ ଯାଇ ପାରିବି ନାହିଁ ଏବଂ ସେ ହିଁ ମୋର ସାହାଯ୍ୟକର୍ତା ଅର୍ଥାତ ଅଲ୍ଲାଃ ତାଲା ହିଁ ମୋର ସହାୟକ ଅଟନ୍ତି । କିନ୍ତୁ ହଜ୍‌ରତ୍ ଉମର୍ ର:ଅଙ୍କ ସ୍ୱଭାବରେ ଜୁଆର କ୍ରମଶ ବୃଦ୍ଧି ପାଉଥିଲା ଫଳତଃ ସେ କହିବାକୁ ଲାଗିଲେ କ'ଣ ଆପଣ ଆମମାନଙ୍କୁ କହିନଥିଲେ ଯେ, ଚଳିତବର୍ଷ ଆମେ ବଇତୁଲ୍ଲାଃର ପରିକ୍ରମଣ କରିବୁ ବୋଲି ? ଆପଣ ସ:ଆ:ସ କହିଲେ ହଁ ମୁଁ ଅବଶ୍ୟ କହିଛି । କିନ୍ତୁ କ'ଣ ମୁଁ ଏକଥା କହିଛି ଯେ ଏ ବର୍ଷ ନିଶ୍ଚିତ ରୂପେ ତୱାଫ୍ (ଖାନାକାବାର ପରିକ୍ରମଣ) କରିବା ? ଏଥିରେ ହଜ୍‌ରତ୍ ଉମର୍ ର:ଅ କହିଲେ ନା ଆପଣ ଏହା ତ' କହିନଥିଲେ । ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ତାହେଲେ ତୁମେ ଅପେକ୍ଷା କର ଅଲ୍ଲାଃ ତାଲା ଯଦି ଚାହିଁବେ ତୁମେମାନେ ଅବଶ୍ୟ ମକ୍କାରେ ପ୍ରବେଶ କରିବ ଏବଂ ଖାନାକାବାର ପରିକ୍ରମା କରିବ । କିନ୍ତୁ ଏହି ଭାବବିହ୍ୱଳ ଅବସ୍ଥାରେ ହଜ୍‌ରତ୍ ଉମର୍ ର:ଅ ଆତ୍ମସନ୍ତୁଷ୍ଟ ହେଲେ ନାହିଁ କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସଙ୍କ କଥାରେ ଏକ ରୋବ୍ (ପ୍ରଭାବ) ଥିଲା । ତେଣୁ ହଜ୍‌ରତ୍ ଉମର୍ ର:ଅ ସେଠାରୁ ହଟି ହଜ୍‌ରତ୍ ଅବୁବକର ର:ଅଙ୍କ ନିକଟକୁ ଆସିଲେ ଏବଂ ତାଙ୍କ ସହିତ ମଧ୍ୟ ଏହିପ୍ରକାରର ଆବେଗ ପୁର୍ଣ୍ଣ କଥା କହିଲେ, ହଜ୍‌ରତ୍ ଅବୁବକର ର:ଅ ମଧ୍ୟ ଏହି ପ୍ରକାରର ଉତର ଦେଲେ, କିନ୍ତୁ ତତ୍‌ସହିତ ହଜ୍‌ରତ୍ ଅବୁବକର ର:ଅ ଉପଦେଶ ଛଳରେ କହିଲେ: ଦେଖ ! ଉମର୍ ତୁମେ ଟିକିଏ ସମ୍ଭାଳି ରୁହ (ଧୈର୍ଯ୍ୟ ରଖ) ଏବଂ ଅଲ୍ଲାଃ ତାଲାଙ୍କ ବାର୍ତାବହ ଅର୍ଥାତ ତୁମେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପାତ୍ରରେ ଯେଉଁ ହସ୍ତ ରଖିଚ ତାହାକୁ ତୁମେ ଢ଼ିଲା ହେବାକୁ ଦିଅନାହିଁ । କାରଣ ମୁଁ ଅଲ୍ଲାଃ ତାଲାଙ୍କ ଶପଥ କରି କହୁଛି ଏହି ବ୍ୟକ୍ତି ଯାହାଙ୍କ ହସ୍ତରେ ଆମେମାନେ ନିଜର ହସ୍ତ ରଖିଛେ ସେ ହେଉଛନ୍ତି ସତ୍ୟବାଦୀ ଅଟନ୍ତି । ହଜ୍‌ରତ୍ ଉମର୍ ର:ଅ କୁହନ୍ତି ଯେ, ମୁଁ ସେତେବେଳେ ମୋ ମନରେ ଥିବା ଆବେଗପୁର୍ଣ୍ଣ କଥା ତ' କହିଦେଲି କିନ୍ତୁ ପରେ ମୁଁ ଅତ୍ୟନ୍ତ ଅନୁତପ୍ତ ହେଲି ଏବଂ ମୁଁ କ୍ଷମାଜାଚନା ଶୈଳୀରେ ଉକ୍ତ ଦୁର୍ବଳତାର ପ୍ରଭାବକୁ ଧୋଇବା ପାଇଁ ଅନେକ ନଫଲି କର୍ମ ସମ୍ପାଦନ କଲି ଅର୍ଥାତ ଦାନ ଦକ୍ଷୀଣା କଲି, ରୋଜା ରଖିଲି, ନଫିଲ୍ ନମାଜ ପଢ଼ିଲି ଓ ଦାସଙ୍କୁ ମୁକ୍ତ କଲି । କାରଣ ମୋର ଏହି ଦୁର୍ବଳତାର ଦାଗ ଯେପରି ଧୋଇ ହୋଇଯାଉ ।

***(ସିରତ୍ ଖାତ୍‌ମୁନ୍ ନବିୟିନ୍...... ପୃ-୭୬୬-୭୬୮)***

ହଜ୍‌ରତ୍ ଖଲିଫତୁଲ୍ ମସିହ୍ ରାବେ (ଚତୁର୍ଥ) ନିଜର ଖିଲାଫତ୍ ପୂର୍ବରୁ ଜଲ୍‌ସା ସାଲାନରେ ଏକ ଭାଷଣ ଦେଇଥିଲେ । ଏହାର ଏକ ଭାଗ ସମ୍ପର୍କରେ ମୁଁ ବର୍ଣ୍ଣନା କରିଦେଉଛି । ଖଲିଫା ରାବେ କହନ୍ତି ଯେ, ତହିଁରେ କୌଣସି ସନ୍ଦେହ ନାହିଁ ଯେ, ବ୍ୟଥା ଏବଂ ଯନ୍ତ୍ରଣାରେ ସେହି ଚିତ୍କାର ଯାହା ପ୍ରଶ୍ନ ହୋଇ ହଜ୍‌ରତ୍ ଉମର୍ ର:ଅଙ୍କ ମନରୁ ବାହାରିଥିଲା, ସେହି ଚିତ୍କାର ଅନ୍ୟ ଅନେକ ଲୋକମାନଙ୍କ ହୃଦୟରେ ମଧ୍ୟ ରହିଥିଲା । ଯଦିଓ ତହିଁରେ କୌଣସି ସନ୍ଦେହ ନାହିଁ ଯେ, ଯେଉଁ ଆବେଗକୁ ହଜ୍‌ରତ୍ ଉମର୍ ର:ଅ ନିଜ ମୁହଁରେ ପ୍ରକାଶ କରିଥିଲେ ତାହା କେବଳ ଜଣେ ହଜ୍‌ରତ୍ ଉମର୍ ର:ଅଙ୍କ ଆବେଗ ନଥିଲା ବରଂ ଅନ୍ୟମାନଙ୍କ ମଧ୍ୟରେ ସେହି ଆବେଗ ଥିଲା ଏବଂ ଶତାଧିକ ହୃଦୟରେ ଏହିପ୍ରକାରର ଅଶାନ୍ତି ମୂଳକ ଭାବ ପଡ଼ି ରହିଥିଲା । କିନ୍ତୁ ହଜ୍‌ରତ୍ ଉମର୍ ର:ଅ ଯିଏ ତାଙ୍କର ଆବେଗକୁ ପରିପ୍ରକାଶ କରିବାର ସାହାସ କରିଥିଲେ । ତାହା ତାଙ୍କର ଏଭଳି ତ୍ରୁଟି ହୋଇଗଲା ପରେ ସାରା ଜୀବନ ହଜ୍‌ରତ୍ ଉମର୍ ଏଥିପାଇଁ ଅନୁତପ୍ତ ରହିଲେ । ବହୁତ ରୋଜା ରଖିଲେ, ବହୁତ ଇବାଦତ୍ କଲେ, ବହୁତ ସଦ୍‌କାତ୍ ଦେଲେ ଏବଂ ଇସ୍ତେଗ୍‌ଫାର୍ କରି କରି ସଜ୍‌ଦାଃ ଗାଃ ଭିଜିଯାଉଥିଲା କିନ୍ତୁ ଅନୁତପାର ଶୋଷ ମେଂଟିଲା ନାହିଁ । ହୁଦୈବିୟାର ଅଧିରତା ଏବଂ ବ୍ୟାକୁଳତା ସମାୟିକ ଯାହାକୁ ଖୁବ୍ ଶିଘ୍ର ଆକାଶରୁ ଅବତୀର୍ଣ୍ଣ ହେବାକୁ ଥିବା କୃପା ଶାନ୍ତିରେ ପରିଣତ କରିଦେଇଥିଲା କିନ୍ତୁ ସେହି ବ୍ୟାକୁଳତା ଓ ଧୈର୍ଯ୍ୟହରା ପ୍ରଶ୍ନ ଯାହା ହଜ୍‌ରତ୍

ଉମର୍ ର:ଅଙ୍କ ମନରେ ସୃଷ୍ଟି ହୋଇଥିଲା ତାହା ଏକ ସର୍ବକାଳିକ ବ୍ୟାକୁଳତା ହୋଇଯାଇଥିଲା । ଯେଉଁ ବ୍ୟାକୁଳତାଟି କେବେ ବି ହଜ୍‌ରତ୍ ଉମର୍ ର:ଅଙ୍କ ସଙ୍ଗତକୁ ଛାଡ଼ିନଥିଲା । ହଜ୍‌ରତ୍ ଉମର୍ ର:ଅ ସର୍ବଦା ଉକ୍‌ଣ୍ଠିତ ସ୍ୱରରେ ଏହା କହୁଥିଲେ ଯେ, ଏପରି ହୋଇଥାନ୍ତା କି ମୁଁ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସେହି ପ୍ରଶ୍ନ ପଚାରି ନଥାଆନ୍ତି । ସେ କୁହନ୍ତି: ବାରମ୍ବାର ମୁଁ ଭାବୁଛି ଯେ ରୋଗସଜ୍ଜ୍ୟାରେ ଶେଷ ନିଶ୍ୱାସରେ ହଜ୍‌ରତ୍ ଉମର୍ ର:ଅ ଯେତେବେଳେ **ଲା ଲିଓ୍ୱଲା ଆଲୈୟା** ର ଜପ କରୁଥିଲେ ଯେ, ହେ ପ୍ରଭୁ ମୁଁ ତୁମଠାରୁ ନିଜର ପୂଣ୍ୟର ଫଳ ଆଶା କରୁନାହିଁ ତୁମେ ମୋର ଦୋଷ ତ୍ରୁଟିକୁ କ୍ଷମା କରିଦିଅ । ଅତଏବ ସମସ୍ତ ଦୋଷତ୍ରୁଟି ଅପେକ୍ଷା ଏହି ଦୋଷଟି ହଜ୍‌ରତ୍ ଉମର୍ ର:ଅଙ୍କୁ ଏତେ ଅଧିକ ଭାବରେ ବିଚଳିତ କରି ପକାଇଥିଲା ଯାହା ସୁଲାହ୍ ହୁଦୈବିୟାର ଭୂମିରେ ତାଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା । ସନ୍ଧିପତ୍ରର ଉଲ୍ଲେଖ ସମୟରେ ସାହାବାମାନଙ୍କର ବ୍ୟାକଳୁତା, ଧୈର୍ଯ୍ୟହୀନତା ଏବଂ ଭଗ୍ନ ହୃଦୟର ଅବସ୍ଥାକୁ ଦେଖି ଆଁ ହଜ୍‌ରତ୍ ସ:ଆ:ସଙ୍କ ମନର ଅବସ୍ଥାର ରହସ୍ୟକୁ ଆପଣ ସ:ଆ:ସଙ୍କ ଆକାଶୀୟ ମୁନୀବ ଏବଂ ଅତ୍ୟନ୍ତ ପ୍ରେମକାରୀ ସର୍ବଶ୍ରେଷ୍ଠ ବନ୍ଧୁଙ୍କ ବ୍ୟତିତ ଅନ୍ୟ କେହି ଜାଣିନଥିଲେ । କିନ୍ତୁ ଏହି ତିନୋଟି ସରଳ ବାକ୍ୟ ଦ୍ୱାରା ହଜ୍‌ରତ୍ ଉମର୍ ର:ଅଙ୍କ ଉତରରେ ଯାହା ଆପଣ ସ:ଆ:ସଙ୍କ ପବିତ୍ର ତୁଣ୍ଡରୁ ନିସୃତ ହେଲା ତାହା ଆପଣ ସ:ଆ:ସ ଚିନ୍ତନକାରୀଙ୍କ ପାଇଁ ଅନେକ କିଛି କହିଦେଇଛନ୍ତି" । ***(ଖୁତାବାତେ ତାହିର୍, ତକ୍‌ରିର୍ ଜଲ୍‌ସା ସାଲାନା, ପୃ-୪୨୮)***

ସୁଲାହ୍ ହୁଦୈବିୟା ଅବସରରେ ମୁସଲମାନ ଓ ମକ୍କାର କୁରେଶ୍‌ମାନଙ୍କ ମଧ୍ୟରେ ଯେଉଁ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇଥିଲା, ଉକ୍ତ ଚୁକ୍ତି ଉପରେ ହଜ୍‌ରତ୍ ଉମର୍ ର:ଅଙ୍କର ମଧ୍ୟ ସ୍ୱାକ୍ଷର ଥିଲା । ଏ ସଂକ୍ରାନ୍ତରେ ହଜ୍‌ରତ୍ ମିର୍ଜା ବଶିର ଅହେମଦ୍ ସାହେବ ଏମ୍.ଏ ଉଲ୍ଲେଖି କରନ୍ତି ଯେ, ଉକ୍ତ ଚୁକ୍ତିର ଦୁଇ ନକଲ ଅର୍ଥାତ କପି କରାଯାଇଥିଲା ଏବଂ ସାକ୍ଷ୍ୟ ସ୍ୱରୂପ ଉଭୟ ପକ୍ଷଙ୍କ ତରଫରୁ ଅନେକ ଗଣମାନ୍ୟ ତଥା ପ୍ରତିଷ୍ଠିତ ବ୍ୟକ୍ତିମାନେ ଉକ୍ତ ଚୁକ୍ତି ଉପରେ ହସ୍ତାକ୍ଷର କରିଥିଲେ । ମୁସଲମାନମାନଙ୍କ ପକ୍ଷରୁ ସ୍ୱାକ୍ଷରକାରୀଙ୍କ ମଧ୍ୟରେ ହଜ୍‌ରତ୍ ଅବୁବକର ର:ଅ, ହଜ୍‌ରତ୍ ଉମର୍ ର:ଅ, ହଜ୍‌ରତ୍ ଉସ୍‌ମାନ୍ ର:ଅ, ଅବଦୁର୍ ରହ୍‌ମାନ୍ ବିନ୍ ଅଓଫ୍ ର:ଅ, ସାଆଦ୍ ବିନ୍ ଅବି ଓ୍ୱକାସ୍ ର:ଅ ଓ ହଜ୍‌ରତ୍ ଅବୁ ଉବୈଦା ର:ଅ ଅନ୍ୟତମ ଥିଲେ । ଚୁକ୍ତିର ପୂର୍ଣ୍ଣତା ପରେ ସୁହେଲ୍ ବିନ୍ ଉମ୍‌ରୋ ଚୁକ୍ତିର ଏକ କିତାବ ନକଲ ନେଇ ମକ୍କା ଆଡ଼କୁ ଫେରିଗଲେ ଏବଂ ଦ୍ୱିତୀୟ ନକଲ ବା ପ୍ରତିଲିପି ଆଁ ହଜ୍‌ରତ୍ ସ:ଆ:ସଙ୍କ ପାଖରେ ହିଁ ରହିଥିଲା" ।

***(ସିରତ୍ ଖାତମୁନ୍ ନବିୟିନ୍, ପୃ-୭୬୯)***

ସୁଲାହ୍ ହୁଦୈବିୟା ପ୍ରତ୍ୟାବର୍ତନ ସମ୍ପର୍କରେ ଉଲ୍ଲେଖ ରହିଛି ଯେ, ସିରତ୍ ଖାତ୍‌ମୁନ୍ ନବିୟିନ୍‌ରେ ଉଲ୍ଲେଖ ରହିଛି ଯେ, କୁର୍ବାନୀ ଆଦି କାର୍ଯ୍ୟ ସାରିବା ପରେ ଆଁ ହଜ୍‌ରତ୍ ସ:ଆ:ସ ମଦିନା ଅଭିମୁଖେ ଯିବାକୁ ଆଦେଶ ଦେଲେ । ଆଁ ହଜ୍‌ରତ୍ ସ:ଆ:ସ ହୁଦୈବିୟାକୁ ଆସିବା ଅନୁନ୍ୟ ୨୦ ଦିନ ହୋଇସାରିଥିଲା । ଯାତ୍ରାରୁ ପ୍ରତ୍ୟାବର୍ତନ ସମୟରେ ଆପଣ ସ:ଆ:ସ ଅସ୍‌ଫାନ୍‌ର ନିକଟବର୍ତୀ କୁରାଉଲ୍ ଗମିମ୍ ନାମକ ସ୍ଥାନରେ ପହଂଚିଲେ, ଅସ୍‌ଫାନ୍ ମକ୍କାରୁ ୧୦୩ କିମି ବ୍ୟବଧାନରେ ଅବସ୍ଥିତ ଏବଂ କୁରାଉଲ୍ ଗମିମ୍ ଅସ୍‌ଫାନ୍‌ଠାରୁ ୮ ମାଇଲ ଦୁରତାରେ ଏକ ଉପତ୍ୟାକା ଅଟେ ଏବଂ ସେହି ସମୟଟି ରାତ୍ର ସମୟ ଥିଲା । ଅତଏବ ଆଁ ହଜ୍‌ରତ୍ ସ:ଆ:ସ ହୁଦୈବିୟାରୁ ଫେରିବା ପରେ ଅସ୍‌ଫାନ୍ ଠାରେ ସାହାବାମାନଙ୍କୁ ଏକତ୍ରିତ କରି ଏହି ଘୋଷଣା କଲେ ଯେ, ଆଜି ରାତିରେ ମୋ ଉପରେ ଏକ ସୁରତ୍ ଅବତୀର୍ଣ୍ଣ ହୋଇଛି ଏବଂ ତାହା ମୋତେ ସମସ୍ତ ସାଂସାରିକ ବସ୍ତୁ ତୁଳନାରେ ଅଧିକ ପ୍ରିୟ ଅଟେ । ଅର୍ଥାତ ଅଲ୍ଲାଃ ତାଲା ସୁରା ଫତହ୍‌ର ଦୁଇରୁ ଚାରି ନଂ ଆୟତରେ କୁହନ୍ତି: **ଇନ୍ନା ଫତହ୍‌ନା ଲକା ଫତହନ୍ ଲିୟଗ୍‌ଫିରାଲକାଲ୍ଲାହୁ ମା ତକଦ୍ଦମା ମିନ୍ ଜନ୍‌ମ୍ବିକା ଓ୍ୱମା ତାଖ୍‌ଖରା ଓ୍ୱ ୟୁତିମ୍ମା ନେମତହୁ ଆଲୈକା ଓ୍ୱ ୟହ୍‌ଦିୟକା ସିରାତମ୍ ମୁସ୍‌ତକିମଉଁ ଓ୍ୱ ଅନ୍‌ସୁରକାଲ୍ଲାହୁ ନସ୍‌ରନ୍ ଅଜିଜା (ଫତହ୍-୨-୪)** ପୁନଶ୍ଚ ଉକ୍ତ ଆୟତଟି ଏହିପରି ଜାରି ରହି ୨୮ ନଂ ଆୟତ ଏହିପରି ଅଟେ ଯେ, **ଲକଦ୍ ସଦକଲ୍ଲାହୁ ରସୁଲହୁର୍ ରୁୟା ବିଲ୍ ହକ୍‌କି ଲତଦ୍‌ଖୁଲନ୍ନାଲ୍ ମସ୍‌ଜିଦ୍‌ଲ୍ ହରାମା ଇନ୍‌ଶାଅଲ୍ଲାହୁ ଆମିନିନା ମୁହଲ୍ଲିକିନା ରୁଉସୁକୁମ୍ ଓ୍ୱ ମୁକସ୍‌ସିରିନା ଲା ତଖାଫୁନା (ଫତହ୍:୨୮)** ଅର୍ଥାତ ଆମ୍ଭେ ତୁମ୍ଭଙ୍କୁ ଏକ ପ୍ରକାଶ୍ୟ ବିଜୟ ପ୍ରଦାନ କରୁଛୁ ଯାହା ଫଳରେ ଏପରି ହେବ ଯେ, ତୁମ୍ଭ ସଂକ୍ରାନ୍ତରେ ଯାହା କିଛି ଦୋଷତ୍ରୁଟି ପୂର୍ବରୁ ହୋଇଛି ଅଲ୍ଲାଃ ତାଲା ସେହି ସବୁକୁ ଘୋଡ଼ାଇ ଦେବେ ଏବଂ ଅଦ୍ୟାବଧି ଯାହା ହୋଇନାହିଁ ଅଥଚ ଭବିଷ୍ୟତରେ ହେବାର ସମ୍ଭାବନା ଅଛି ସେଗୁଡ଼ିକୁ ମଧ୍ୟ ଘୋଡ଼ାଇ ଦେବେ ଏବଂ ତୁମ୍ଭ ପ୍ରତି ନିଜର କୃପାକୁ ସଂପୂର୍ଣ୍ଣ କରିବେ ଏବଂ ତୁମ୍ଭଙ୍କୁ ସରଳ ପଥ ଦେଖାଇବେ ଏବଂ ଅଲ୍ଲାଃ ତୁମ୍ଭଙ୍କୁ ଉତମ ରୂପେ ସାହାଯ୍ୟ କରିବେ । ଅଲ୍ଲାଃ ନିଜ ରସୁଲ୍‌ଙ୍କ ନିକଟରେ ସେହି ରୋୟାର ବିଷୟବସ୍ତୁ ସମ୍ପୂର୍ଣ୍ଣ ଭାବରେ ସତ୍ୟ ସାବ୍ୟସ୍ତ କରି ଦେଖାଇଲେ ଯେଉଁଥିରେ ଏହି ବିଷୟ ବର୍ଣ୍ଣିତ ହୋଇଥିଲା ଯେ, ଯଦି ଅଲ୍ଲାଃ ଇଚ୍ଛା ପ୍ରକାଶ କରିବେ ତେବେ ତୁମମାନେ ନିଜର କେଶ ମୁଣ୍ଡନ କରି କେଶକୁ କର୍ତନ କରି କାହାରିକୁ ଭୟ ନକରି ନିରାପଦରେ ପବିତ୍ର ମସ୍‌ଜିଦ୍‌ରେ ନିଶ୍ଚୟ ପ୍ରବେଶ କରିବ । ଅତଏବ ଅଲ୍ଲାଃ ସେ ସବୁ ଜାଣିପାରିଲା ଯାହା ତୁମେମାନେ ଜାଣିପାରିନଥିଲ ଏବଂ ସେ ଏତଦ୍‌ଭିନ୍ନ ଅନ୍ୟ ଏକ ବିଜୟ ଅତି ନିକଟରେ ପ୍ରଦାନ କରିବାକୁ ନିର୍ଦ୍ଦିଷ୍ଟ କରିଛନ୍ତି ।

ଯେତେବେଳେ ଆପଣ ସ:ଆ:ସ ଏହି ଆୟତଗୁଡ଼ିକୁ ନିଜ ସାହାବାମାନଙ୍କୁ ଶୁଣାଇଲେ ସେତେବେଳେ କେତେକ ସାହାବାମାନଙ୍କ ମନରେ ବର୍ତମାନ ସୁଦ୍ଧା ସୁଲାହ୍ ହୁଦୈବିୟାର କଟୁତା ଅବଶେଷ ରହିଥିଲା ସେମାନେ ଆଶ୍ଚର୍ଯ୍ୟ ଚକିତ ହେଲେ ଯେ, ଆମେମାନେ ତ' ପ୍ରକାଶ୍ୟ ଭାବରେ କହିବାକୁ ଗଲେ ଅକୃତକାର୍ଯ୍ୟ ହୋଇ ଫେରୁଛେ ଅଥଚ ଅଲ୍ଲାଃ ତାଲା ଆମମାନଙ୍କୁ ବିଜୟର ଶୁଭେଚ୍ଛା ଦେଉଛନ୍ତି ! ଏପରି କି କେତେକ ସାହାବାମାନେ ଶୀଘ୍ର ଏହି ପ୍ରକାରର ଶବ୍ଦ ମଧ୍ୟ କହିଲେ ଯେ, କ'ଣ ଏହା ଆମର ବିଜୟ ଯେ ? ଆମେମାନେ ତ ବଇତୁଲ୍ଲାଃ ଖାନାକାବାର ପରିକ୍ରମାରୁ ବଂଚିତ ତଥା ଅସଫଳ ହୋଇ ଫେରୁଛୁ ? ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସଙ୍କ ନିକଟରେ ଏହି କଥା ପହଂଚିଲା ସେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ଅତ୍ୟନ୍ତ କ୍ଷୁବ୍ଧ ଭାବ ପ୍ରକାଶ କଲେ ଏବଂ ଆବେଗପୂର୍ଣ୍ଣ ସଂକ୍ଷିପ୍ତ ଭାଷଣ ଦେଇ କହିଲେ ଯେ, ଏହା ଅତ୍ୟନ୍ତ ଅଶ୍ଳିଷ୍ଟ ତଥା ନିରର୍ଥକ ଆପତି । କାରଣ ଯଦି ଏହା ଉପରେ ବିଚାର କରାଯାଏ ତେବେ ପ୍ରକୃତରେ ସୁଲାହ୍ ହୁଦୈବିୟା ଆମମାନଙ୍କ ପାଇଁ ସବୁଠୁ ବଡ଼ ବିଜୟ ଥିଲା । ଯେଉଁ କୁରେଶ୍‌ମାନେ ଆମ ବିପକ୍ଷରେ ଯୁଦ୍ଧ ଭୂମିରେ ଓହ୍ଲାଇ ଥିଲେ ସେମାନେ ସ୍ୱୟମ ଯୁଦ୍ଧକୁ ପରିତ୍ୟାଗ କରି ଶାନ୍ତିର ଚୁକ୍ତି କରିନେଲେ ଏବଂ ଆସନ୍ତା ବର୍ଷ ଆମମାନଙ୍କ ପାଇଁ ମକ୍କାର ଦ୍ୱାର ଖୋଲି ଦେବାର ପ୍ରତିଶୃତି କରିଛନ୍ତି । ଆମେମାନେ ଶାନ୍ତି ଓ ସୌହାର୍ଦ୍ଦ୍ୟ ସହିତ ମକ୍କାବାସୀଙ୍କ ଉପଦ୍ରବରୁ ସୁରକ୍ଷିତ ଭାବରେ ଆସନ୍ତା ବର୍ଷ ବିଜୟର ସୁଗନ୍ଧକୁ ଅନୁଭବ କରି ଫେରୁଛୁ । ଅତଏବ ନିଃସନ୍ଦେହ ଏହା ଏକ ଭବ୍ୟତମ ବିଜୟ ଅଟେ । କ'ଣ ତୁମେମାନେ ଏହି ଦୃଶ୍ୟକୁ ଭୁଲି ଯାଇଛ ଯେ, ଏହି କୁରେଶ୍‌ମାନେ ଓ୍ୱହଦ୍ ଓ ଏହ୍‌ଜାବ୍ ଯୁଦ୍ଧରେ ତୁମ ବିପକ୍ଷରେ ସୈନ୍ୟ ଚଢ଼ଉ କରିଥିଲେ ଏବଂ ଏହି ଭୂମି ପ୍ରଶସ୍ତ ହେବା ସତ୍ୱେ ତୁମ ପାଇଁ ସଙ୍କୁଚିତ ହୋଇଯାଇଥିଲା । ତୁମ ଚକ୍ଷୁ ପଥର ପାଲଟି ଯାଇଥିଲା ଏବଂ ତୁମର କଲିଜା ମୁହଁ ପର୍ଯ୍ୟନ୍ତ ଚାଲି ଆସୁଥିଲା । କିନ୍ତୁ ଆଜି ଏହି କୁରେଶମାନେ ତୁମ ଆଗରେ ଶାନ୍ତିର ଚୁକ୍ତି କରୁଛନ୍ତି । ସାହାବାମାନେ କହିଲେ, ହେ ଅଲ୍ଲାଃଙ୍କ ବାର୍ତାବହ ! ଆମେମାନେ ବୁଝିଯାଇଛୁ ଆପଣଙ୍କର ଦୂର ଦୃଷ୍ଟି ଯେଉଁ ପର୍ଯ୍ୟନ୍ତ ପହଂଚିଛି ସେ ପର୍ଯ୍ୟନ୍ତ ଆମମାନଙ୍କର ଦୃଷ୍ଟି ପହଂଚି ନାହିଁ । କିନ୍ତୁ ବର୍ତମାନ ଆମେମାନେ ବୁଝି ନେଇଛୁ ଯେ, ପ୍ରକୃତ ଚୁକ୍ତି ଆମମାନଙ୍କ ପାଇଁ ଏକ ବଡ଼ ବିଜୟ ଅଟେ ।

ଆଁ ହଜ୍‌ରତ୍ ସ:ଆ:ସଙ୍କ ଏହି ଭାଷଣ ପୂର୍ବରୁ ହଜ୍‌ରତ୍ ଉମର୍ ର:ଅ ମଧ୍ୟ ବହୁତ ଅଶାନ୍ତିରେ ଥିଲେ ଅତଏବ ସେ ସ୍ୱୟମ ବର୍ଣ୍ଣନା କରନ୍ତି ଯେ, ସୁଲାହ୍ ହୁଦୈବିୟାରୁ ପ୍ରତ୍ୟାବର୍ତନ ପରେ ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ ରାତ୍ରି ସମୟରେ ଯାତ୍ରା କରୁଥିଲେ ସେତେବେଳେ ମୁଁ ଆପଣ ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲି । ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସମ୍ବୋଧିତ କରି କିଛି କହିବାକୁ ଇଚ୍ଛା ପ୍ରକାଶ କଲି । ଆଁ ହଜ୍‌ରତ୍ ସ:ଆ:ସ କିନ୍ତୁ ନୀରବ ରହିଲେ ମୁଁ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଥର କହିଲି କିନ୍ତୁ ଆପଣ ପୂର୍ବଭଳି ନୀରବ ରହିଲେ । ଆଁ ହଜ୍‌ରତ୍ ସ:ଆ:ସଙ୍କ ଏହି ନୀରବତାକୁ ଦେଖି ମୁଁ ଦୁଃଖିତ ହେଲି ଏବଂ ମୁଁ ସ୍ୱୟମ ମନେ ମନେ ନିଜକୁ କହିଲି ହେ ଉମର୍ ! ତୁମର ସର୍ବନାଶ ହେଲା, ତୁ ତିନିଥର ଆଁ ହଜ୍‌ରତ୍ ସ:ଆ:ସଙ୍କୁ ସମ୍ବୋଧିତ କଲୁ କିନ୍ତୁ ଆଁ ହଜ୍‌ରତ୍ ସ:ଆ:ସ ତତେ କିଛି କହିଲେ ନାହିଁ । ଅତଏବ ମୁଁ ମୁସଲମାନମାନଙ୍କ ଦଳରୁ ବାହାରି ଆସିଲି ଏବଂ ଉକ୍ତ ଦୁଃଖରେ ଦୁଃଖିଥ ହେବାକୁ ଲାଗିଲି ଯେ, କ'ଣ କଥା ହୋଇଛି ଏବଂ ମୋ ମନରେ ଭୟ ଯାତ ହେଲା ଯେ, ମୋ ସମ୍ପର୍କରେ ପବିତ୍ର କୁରଆନ୍‌ରେ କୌଣସି ଆୟତ ଅବତୀର୍ଣ୍ଣ ହୋଇନଯାଉ । ଠିକ୍ ସେହି ସମୟରେ ଜଣେ ବ୍ୟକ୍ତି ମୋ ନାମ ଧରି ଡ଼ାକିଲେ ଯେ, ହଜ୍‌ରତ୍ ଉମର୍ ର:ଅ ରସୁଲୁଲ୍ଲାଃ ସ:ଆ:ସ ତୁମକୁ ମନେ ପକାଇଛନ୍ତି । ମୁଁ ନିଜ ମନରେ କହିଲି ଯେ, ଏହା ନ ହେଉ ବୋଧେ ମୋ ସମ୍ପର୍କରେ ପବିତ୍ର କୁରଆନ୍‌ରେ ଆୟତ ଅବତୀର୍ଣ୍ଣ ହୋଇଛି । ଅତଏବ ମୁଁ ଘାବରେଇ ଗଲି ଏବଂ ଶୀଘ୍ର ଶୀଘ୍ର ଆଁ ହଜ୍‌ରତ୍ ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲି ଏବଂ ସଲାମ୍ କଲି । ଆଁ ହଜ୍‌ରତ୍ ସ:ଆ:ସଙ୍କ ପାର୍ଶ୍ୱରେ ଆସି ଛିଡ଼ା ହୋଇଗଲି । ଆଁ ହଜ୍‌ରତ୍ ସ:ଆ:ସ କହିଲେ, ମୋ ଉପରେ ବର୍ତମାନ ଏଭଳି ଏକ ସୁରତ୍ ଅବତୀର୍ଣ୍ଣ ହୋଇଛି ଯାହା ମତେ ସଂସାରର ସମସ୍ତ ବସ୍ତୁ ଉପରେ ଅଧିକ ଶ୍ରେୟସ୍କର ଅଟେ । ଏହାପରେ ଆଁ ହଜ୍‌ରତ୍ ସ:ଆ:ସ ସୁର ଫତହ୍‌ର ଆୟତଗୁଡ଼ିକୁ ଆବୃତି କଲେ । ହଜ୍‌ରତ୍ ଉମର୍ ର:ଅ କହିଲେ, ହେ ଅଲ୍ଲାଃଙ୍କ ବାର୍ତାବହ ! କ'ଣ ଏହି ସୁରତ୍‌ଟି ପ୍ରକୃତ ଇସ୍‌ଲାମ୍‌ର ବିଜୟ ପାଇଁ ଉଦ୍ଦିଷ୍ଟ ଅଟେ ? ଆଁ ହଜ୍‌ରତ୍ ସ:ଆ:ସ କହିଲେ, ହଁ ନିଃସନ୍ଦେହ ଏହା ହେଉଛି ଆମମାନଙ୍କର ବିଜୟ । ପ୍ରତ୍ୟୁତରରେ ହଜ୍‌ରତ୍ ଉମର୍ ର:ଅ ସନ୍ତୁଷ୍ଟ ହୋଇ ନୀରବ ହୋଇଗଲେ । ଏହାପରେ ଆଁ ହଜ୍‌ରତ୍ ସ:ଆ:ସ ମଦିନାକୁ ଫେରି ଆସିଲେ ।

***(ସିରତ୍ ଖାତମୁନ୍ ନବିୟିନ୍, ପୃ-୭୭୦-୭୭୨)***

ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ବର୍ଣ୍ଣନା କରନ୍ତି ଯେ, ସୁଲାହ୍ ହୁଦୈବିୟାର ଅବସରରେ ଆଁ ହଜ୍‌ରତ୍ ସ:ଆ:ସ ମକ୍କାର ଅବିଶ୍ୱାସକାରୀଙ୍କ ସହିତ ସନ୍ଧି ସ୍ଥାପନ କରିନେଲେ । ଯଦ୍ୱାରା ସାହାବାମାନଙ୍କ ଭିତରେ ଏତେ ଅଶାନ୍ତି ସୃଷ୍ଟି ହୋଇଗଲା ଯେ, ହଜ୍‌ରତ୍ ଉମର୍ ର:ଅଙ୍କ ପରି ବ୍ୟକ୍ତି ରସୁଲେ କରିମ୍ ସ:ଆ:ସଙ୍କ ନିକଟକୁ ଗଲେ ଏବଂ ସେ କହିଲେ, ହେ ଅଲ୍ଲାଃଙ୍କ ବାର୍ତାବହ ! ଅଲ୍ଲାଃ ତାଲା କ'ଣ ଆପଣଙ୍କ ସହିତ ଏହି ପ୍ରତିଶୃତି କରିନଥିଲେ ଯେ, ଆମେମାନେ ଖାନାକାବାର ପରିକ୍ରମା କରିବୁ କିମ୍ବା କ'ଣ ଇସ୍‌ଲାମ୍ ପାଇଁ ବିଜୟ ନିୟତିକୃତ ହୋଇନଥିଲା ? ରସୁଲେ କରିମ୍ ସ:ଆ:ସ କହିଲେ, ନିଃସନ୍ଦେହ ଅଲ୍ଲାଃ ତାଲା ପ୍ରତିଶୃତି କରିଥିଲେ ଯେ, ଆମେମନେ ପରିକ୍ରମା କରିବୁ କିନ୍ତୁ ଏହା କେହି କହିନଥିଲେ ଯେ, ଚଳିତ ବର୍ଷରେ ହିଁ ପରିକ୍ରମା କରିବୁ ।

***(ଖୁତ୍‌ବାତେ ମେହ୍‌ମୁଦ୍ ଖଣ୍ଡ-୩୦, ପୃ-୨୨୦)***

ହଜ୍‌ରତ୍ ଉମର୍ ର:ଅଙ୍କ ସଂପର୍କିତ ଚର୍ଚ୍ଚା ବର୍ତମାନ ଅବ୍ୟାହତ ରହିଛି । ଇନ୍‌ଶାଅଲ୍ଲାଃ ଏହାର ଅବିଶିଷ୍ଟାଂଶ ଆଗାମୀ ଖୁତ୍‌ବାରେ ଆଲୋଚନା ହେବ । ବର୍ତମାନ ମୁଁ କେତେକ ମୃତକମାନଙ୍କ ସଂପର୍କରେ ଚର୍ଚ୍ଚା କରିବି ଯେଉଁ ମୃତକମାନଙ୍କର ବିଗତ ଦିନ ବା

ବିଗତ ମାସରେ ମୃତ୍ୟୁ ହୋଇଥିଲା ଏବଂ ସେମାନଙ୍କ ନମାଜ ଯନାଜାଃ ନମାଜ ଜୁମା ପରେ ପାଠ କରାଇବି । ଅତଏବ ପ୍ରଥମ ମୃତକ ହେଲେ ସମ୍ମାନନୀୟ ସ୍ୱର୍ଗତ ମଲକ୍ ମୁହମ୍ମଦ ୟୁସୁଫ୍ ସଲିମ୍ ସାହେବ । ସେ ଜୋଦୋ ଓ ନଓ୍ୱେସି (ଶୀଘ୍ର ଶୀଘ୍ର ଲିଖନକାର) ବିଭାଗର ଇନ୍‌ଚାର୍ଜ ଥିଲେ । ୮୬ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଯାଇଛି । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।** । ସେ ନିଜ ବଂଶରେ ଏକମାତ୍ର ଅହେମଦି ଥିଲେ । ୧୯୫୨ ମସିହାରେ ଅହେମଦିୟତ ଗ୍ରହଣ କରିଥିଲେ । ତାଙ୍କ ଜୈଷ୍ଠ ଭାଇ ତାଙ୍କୁ ରେଳବିଭାଗରେ ନିଯୁକ୍ତି ଦେଇଥିଲେ କାରଣ ସେ ସେତେବେଳେ ସେଠାରେ ମୁଖ୍ୟ ଯନ୍ତ୍ରୀ ଥିଲେ । ସ୍ୱର୍ଗତ ମଲକ ସାହେବ ଭାଇଙ୍କ ନାମ ହେଲା ମିର୍ ହମିଦୁଲ୍ଲାଃ ସାହେବ, ସେ ମଧ୍ୟ ଅହେମଦି ଥିଲେ ଏବଂ ତାଙ୍କ ନିକଟକୁ ଅଲ୍‌ଫଜଲ୍ ଖବର କାଗଜ ଆସୁଥିଲା । ମୀର୍ ହମିଦୁଲ୍ଲାଃ ସାହେବ ଅଲ୍‌ଫଜଲ୍ ପଢ଼ି ତବ୍‌ଲିଗ୍ ପ୍ରଚାର ମଧ୍ୟ କରୁଥିଲେ । ସେ ଯାହା ହେଉ ନା କାହିଁକି ସ୍ୱର୍ଗତ ମଲକ ସାହେବ ଅଲ୍‌ଫଜଲ୍ ପଢ଼ି ଅହେମଦି ହୋଇଥିଲେ । ଯେତେବେଳେ ତାଙ୍କ ଘର ଲୋକଙ୍କୁ ଜଣାପଡ଼ିଲା ଯେ, ସେ ଅହେମଦି ହୋଇଯାଇଛନ୍ତି ସେତେବେଳେ ସ୍ୱର୍ଗତ ମଲକ ସାହେବଙ୍କୁ ତାଙ୍କ ଘରର ଲୋକମାନେଡ଼ରାଇଲେ ଓ ଧମକାଇଲେ । ସ୍ୱର୍ଗତ ମଲକ ସାହେବଙ୍କ ଘର ଲୋକ କହିଲେ, ତୁମେ ଅହେମଦିୟତ ଛାଡ଼ି ଦିଅ ଅନ୍ୟଥା ତୁମକୁ ଜୀବନରୁ ମାରିଦେବୁ । ସ୍ୱର୍ଗତ ମଲକ ସାହେବ ନିଜର ଘରବାଡ଼ି ସବୁକିଛି ଛାଡ଼ି ଦେଲେ କିନ୍ତୁ ଅହେମଦିୟତ ଛାଡ଼ିଲେନାହିଁ । ପରିଶେଷରେ ଯେତେବେଳେ ତାଙ୍କ ଜୀବନ ପ୍ରତି ବିପଦ ଅଧିକ ଦେଖାଦେଲେ। ସେତେବେଳେ ସେ, ନିଜ ଘରବାଡ଼ି ସବୁକିଛି ଛାଡ଼ି ଦେଇଥିଲେ । ଏହି ଘଟଣାଟି ଏପରି ଥିଲା କି ତାଙ୍କ ମାଆ ଦିନେ ରାତି ସମୟରେ ନିଜ ଅନ୍ୟ ପୁତ୍ରମାନଙ୍କଠାରୁ ଲୁଚି କରି ଆସି କହିଲେ ଯେ, ଏଠାରୁ ତୁମେ ଚାଲିଯାଅ ଏବଂ ତୁମେ ଏଠାକୁ କେବେ ବି ଫେରିବ ନାହିଁ କାରଣ ତୁମ ଜୀବନ ପ୍ରତି ବିପଦ ରହିଛି । ସ୍ୱର୍ଗତ ମଲକ ସାହେବ ପଞ୍ଜାବ ଅନ୍ତର୍ଗତ ଲାହୋର ବିଶ୍ୱବିଦ୍ୟାଳୟରୁ ଆରବୀରେ ଏମ୍.ଏ କରିଥିଲେ ଏବଂ ପୁନଶ୍ଚ ୧୯୫୮ ମସିହାରେ ଜାମିୟା ଅହେମଦିୟରେ ପ୍ରବେଶ କରିଥିଲେ । ୧୯୬୩ ମସିହାରେ ଜାମିୟା ଅହେମଦିୟାରୁ ଉତୀର୍ଣ୍ଣ ହେବାପରେ ମଲକ୍ ସଇଫୁର୍ ରହ୍‌ମାନ୍‌ଙ୍କ ସହିତ, ଯିଏ ମୁଫ୍‌ତି ସିଲ୍‌ସିଲା ଥିଲେ, ଇଫ୍‌ତାଆ କାର୍ଯ୍ୟାଳୟରେ ନିଯୁକ୍ତି ପାଇଥିଲେ । ୧୯୬୭ ମସିହାରେ ତାଙ୍କର ବଦଳି ଜୋଦୋ ନଓ୍ୱେସି ବିଭାଗକୁ ହେଲା । ସେତେବେଳେ ମୌଲାନା ମୁହମ୍ମଦ ୟାକୁବ୍ ତାହେର୍ ସାହେବ୍ ଜୁଦୋ ନୋଓ୍ୱେସି ବିଭାଗର ବିଭାଗୀୟ ମୂଖ୍ୟ ଥିଲେ । ଯେତେବେଳେ ସ୍ୱର୍ଗତ ମଲକ ସାହେବଙ୍କର ଏହି ବିଭାଗକୁ ବଦଳି ହୋଇଥିଲା । ସେତେବେଳେ ହଜ୍‌ରତ୍ ଖଲିଫା ସାଲିସ୍ (ତୃତୀୟ)ଙ୍କ ସମୟରେ ୟାକୁବ୍ ସାହେବଙ୍କର ଦେହାନ୍ତ ହେଲା । ଫଳତଃ ଖଲିଫା ସାଲିସ୍ ର:ଅ ସ୍ୱର୍ଗତ ୟାକୁବ୍ ସାହେବଙ୍କ ସ୍ଥାନରେ ସ୍ୱର୍ଗତ ମଲକ ସାହେବଙ୍କୁ ଏହି ବିଭାଗରେ ରଖିଥିଲେ । ୧୯୮୫ ମସିହା ପର୍ଯ୍ୟନ୍ତ ସେ ଏହି ବିଭାଗରେ ଇନ୍‌ଚାର୍ଜ ରହିଥିଲେ । ଯୁଦ୍ ଓ ନଓ୍ୱିସି ବିଭାଗରେ ହଜ୍‌ରତ୍ ଖଲିଫତୁଲ୍ ମସିହ୍ ର:ଅଙ୍କ ଖୁତ୍‌ବା, ସମ୍ବୋଧନ, ପ୍ରୋଗ୍ରାମଗୁଡ଼ିକର ରିପୋର୍ଟ ଏବଂ ଗସ୍ତ ବିବରଣୀର ତଥ୍ୟ ଆଦି ପ୍ରସ୍ତୁତ କରିବା ସ୍ୱର୍ଗତ ମଲକ ସାହେବଙ୍କର ଦାୟିତ୍ୱ ଥିଲା । ୧୯୭୮ ମସିହାରେ ଲଣ୍ଡନଠାରେ ଆୟୋଜିତ କସ୍‌ରେ ସଲିବ୍ ସମ୍ମିଳନୀରେ ସେ ହଜ୍‌ରତ୍ ଖଲିଫତୁଲ୍ ମସିହ ସାଲିସ୍ ର:ଅଙ୍କ ସହିତ ଅଂଶ ଗ୍ରହଣ କରିଥିଲେ । ଉକ୍ତ ସମ୍ମିଳନୀରେ ମଧ୍ୟ ସ୍ୱର୍ଗତ ମଲକ ସାହେବ ହଜୁର ଅ:ବ:ଅଙ୍କ ସହିତ ଥିଲେ ଓ ରିପୋର୍ଟ ପ୍ରସ୍ତୁତ କରିଥିଲେ । ହଜ୍‌ରତ୍ ଖଲିଫତୁଲ୍ ମସିହ ରାବେ ର:ଅଙ୍କ ସହିତ ଖଲିଫା ସାନି ର:ଅଙ୍କ ଜନ୍ମଜୀବନୀ ଅର୍ଥାତ ସ୍ୱାନେହ୍ ଫଜ୍‌ଲେ ଉମର୍ ପ୍ରସ୍ତୁତ କରିବାରେ ମଧ୍ୟ ସେ ବହୁତ ସାହାଯ୍ୟ କରିଥିଲେ । ଅତଏବ ହଜ୍‌ରତ୍ ଖଲିଫା ରାବେ ର:ଅ ତାଙ୍କର ଉତମ ଭାବରେ ପ୍ରଶଂସା ଏବଂ ଚର୍ଚ୍ଚା ମଧ୍ୟ କରିଛନ୍ତି । ୧୯୮୩ ମସିହାରେ ହଜ୍‌ରତ୍ ଖଲିଫତୁଲ୍ ମସିହ ରାବେ ର:ଅ ଅଷ୍ଟ୍ରେଲିଆ, ଫିଜି ଓ ସିଙ୍ଗାପୁର ଗସ୍ତ କରିଥିଲେ ଅତଏବ ସ୍ୱର୍ଗତ ମଲକ ସାହେବ ମଧ୍ୟ ତାଙ୍କ ସହିତ ଥିଲେ ଏବଂ ହିଜ୍‌ରତ୍ ଅର୍ଥାତ ପ୍ରବାସ ପରେ ମଧ୍ୟ ଖୁତ୍‌ବା ଗୁଡ଼ିକର ଅଡ଼ିଓ କ୍ୟାସେଟଗୁଡ଼ିକର କପି ପ୍ରସ୍ତୁତ କରିବାର କାର୍ଯ୍ୟକୁ ସେ ଅତ୍ୟନ୍ତ ଉତମ ଭାବରେ ସମ୍ପାଦନ କରିଥିଲେ ଏବଂ ସ୍ୱୟମ ଫୈସଲାବାଦ୍‌ରେ ଏକ ସ୍ଥାନରେ ଯେଉଁଠି ସର୍ତକତା ଅବଲମ୍ବନ କରିବାକୁ ପଡୁଥିଲା, ସେଠାରେ ଗୋଟିଏ ଏକାନ୍ତ ଘରେ ଅଡ଼ିଓ କ୍ୟାସେଟ ପ୍ରସ୍ତୁତ କରୁଥିଲେ ଏବଂ ପୁନଶ୍ଚ ସେହି କ୍ୟାସେଟ ପ୍ରସ୍ତୁତ କରି ନେଇ ଆସୁଥିଲେ । ସେ କର୍ମଭୂମିରେ କିଛି ବର୍ଷ ମୁବଲିଗ୍ ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି । ତାହେର୍ ଫାଉଣ୍ଡେସନ୍‌ରେ ଖୁତ୍‌ବାତେ ତାହେର୍ ଉପରେ କାର୍ଯ୍ୟ କରିବାକୁ ମଧ୍ୟ ତାଙ୍କୁ ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ପ୍ରାଇଭେଟ୍ ସେକ୍ରେଟାରୀରେ ଶୁରାଃର କାର୍ଯ୍ୟକ୍ରମଗୁଡ଼ିକୁ ଲେଖିବାର ସୌଭାଗ୍ୟ ମିଳିଛି । । ସେ ଯାହା ହେଉ ନା କାହିଁକି ଅବସର ନେବା ପରେ ସେ ପୁନଃ କର୍ମଚାରୀ ହୋଇଥିଲେ । ଅସୁସ୍ଥତା ଯୋଗୁଁ ୨୦୧୩ ମସିହାରେ ସେ ଛୁଟି ନେଇଗଲେ । ସେ ଦୁଇଟି ବିବାହ କରିଥିଲେ, ପ୍ରଥମ ପତ୍ନୀରୁ ତାଙ୍କର ଗୋଟିଏ କନ୍ୟା ଜାତ ହୋଇଥିଲା । ଏହାପରେ ତାଙ୍କ ପ୍ରଥମ ପତ୍ନୀଙ୍କର ବିୟୋଗ ହୋଇଥିଲା । ପୁନଶ୍ଚ ସେ ଦ୍ୱିତୀୟ ବିବାହ କରିଥିଲେ ଦ୍ୱିତୀୟ ପତ୍ନୀଙ୍କଠାରୁ ଦୁଇ ପୁତ୍ର ଏବଂ ତିନିଜଣ କନ୍ୟା ସନ୍ତାନ ଜାତ ହୋଇଥିଲେ ।

ତାଙ୍କର ସୁପୁତ୍ରୀ କୁଦୁସିୟା ମେହମୁଦ୍ ସର୍ଦ୍ଦାର ସାହିବା କୁହନ୍ତି ଯେ, ଆମ ପିତା ଅଲ୍ଲାଃ ତାଲାଙ୍କ ସହିତ ନିଜର ସମ୍ପର୍କ ଯୋଡିଥିଲେ ଏବଂ ଆମମାନଙ୍କୁ ମଧ୍ୟ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ଯୋଡ଼ିବାକୁ ଉତ୍ସାହିତ କରୁଥିଲେ । ସେ ନିୟମିତ ନମାଜ ପଢ଼ିବା ପାଠ ପାଇଁ କଠୋରତା ପ୍ରଦର୍ଶନ କରୁଥିଲେ । ବିଳମ୍ବରେ ନମାଜ ପାଠ କରିବାବେଳେ ସେ ଆମମାନଙ୍କ ଉପରେ କ୍ଷୋଭ ପ୍ରକାଶ କରୁଥିଲେ । ସେ ନମାଜ ତହ୍‌ଯୁଦ୍‌ରେ ଅଲ୍ଲାଃ ତାଲାଙ୍କ ନିକଟରେ ବହୁତ କାକୁତି ମିନତି ହୋଇ ପ୍ରାର୍ଥନା କରୁଥିଲେ । ସେ ପବିତ୍ର କୁର୍‌ଆନ୍‌ର ଗୋଟିଏ ପାରା ପ୍ରତିଦିନ ତିଲାଓ୍ୱତ୍ (ଆବୃତି) କରୁଥିଲେ ଏବଂ ରୋଗରେ ପଡ଼ିଥିବା ବେଳେ ମଧ୍ୟ ସେ ଗୋଟିଏ ପାରା ପବିତ୍ର କୁର୍‌ଆନ୍‌ର ତିଲାଓ୍ୱତ୍ କରୁଥିଲେ । ରୋଗରେ ଆକ୍ରାନ୍ତ ଥିଲାବେଳେ ସେ ନମାଜ ସମୟ ସମ୍ପର୍କରେ ପଚାରୁଥିଲେ ଯେ, ନମାଜର ସମୟ ହୋଇଛି କି ନାହିଁ । ନମାଜ ପାଇଁ ସେ ଅତ୍ୟନ୍ତ ଚିନ୍ତିତ ଥିଲେ । ଖିଲାଫତ୍ ସହିତ ପ୍ରେମ ଏବଂ ଆଜ୍ଞାବହତା ତାଙ୍କଠାରେ ପୂରି ରହିଥିଲା । ସେ କହୁଥିଲେ ଯେ, ଖଲିଫାଙ୍କ ଆଜ୍ଞାପାଳନ କରିବାରେ ସମସ୍ତ ବର୍‌କତ୍ ଅର୍ଥାତ କଲ୍ୟାଣ ନିହିତ ରହିଛି । ଅମେହଦିୟତ ପାଇଁ ସେ ବହୁତ ଦୁଃଖକଷ୍ଟ ସହ୍ୟ କରିଥିଲେ । ରଶିଦ୍ ତୟବ ଯିଏ ଆସିଷ୍ଟାଂଟ ପ୍ରାଇଭେଟ ସେକ୍ରେଟାରୀ ଭାବରେ କାର୍ଯ୍ୟ ସମ୍ପାଦନ କରୁଛନ୍ତି, ସେ କୁହନ୍ତି ଯେ, ସ୍ୱର୍ଗତ ମଲକ ସାହେବ ଖିଲାଫତେ ସାଲିସ୍ କାଳରେ ମଲକ୍ ମୁହମ୍ମଦ ୟୁସୁପ୍ ସଲିମ୍ ସାହେବ ଜୁଦ୍ ଓ ନଓ୍ୱିସି ବିଭାଗକୁ ବଦଳି ହୋଇଥିଲେ । ଉକ୍ତ ବିଭାଗରେ ଦୀର୍ଘକାଳ ଧରି ସେବା କରିବାର ସେ ସୌଭାଗ୍ୟ ଲାଭ କରିଥିଲେ ଏବଂ ଭାଷଣ ଆଦିକୁ ସେ ଲିଖନ ଅବସ୍ଥାକୁ ରୁପାନ୍ତରିତ କରୁଥିଲେ । ଯମାତ୍‌ର ସମ୍ବଦପତ୍ର ଅଲ୍‌ଫଜଲ୍ ପାଇଁ ସେ ରିପୋର୍ଟ ପ୍ରସ୍ତୁତ କରୁଥିଲେ । ଅତ୍ୟନ୍ତ ଦାୟିତ୍ୱର ସହିତ, ସୁବ୍ୟବସ୍ଥିତ ଭାବରେ ଏବଂ ଉନ୍ନତ ଶୈଳୀରେ ସେ କାର୍ଯ୍ୟ କରୁଥିଲେ । ତାଙ୍କ ଲେଖନୀର ସାହିତ୍ୟ ସ୍ତର ବହୁତ ଉଚ୍ଚକୋଟୀର ଥିଲା । ଯେପରି ମୁଁ କହିଲି ଯେ, ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାଲିସ୍ ର:ଅ ଏବଂ ରାବେ ର:ଅଙ୍କ ସହିତ ବିଦେଶ ଗସ୍ତରେ ଯାଉଥିବା ପ୍ରତିନିଧି ମଣ୍ଡଳରେ ତାଙ୍କୁ ୟୁରୋପ ଗସ୍ତ କରିବାର ସୌଭାଗ୍ୟ ମିଳିଛି । ଅତ୍ୟନ୍ତ ସୂକ୍ଷ୍ମଦୃଷ୍ଟିର ସହିତ ସେ ନିଜର କାର୍ଯ୍ୟ ସମ୍ପାଦନ କରୁଥିଲେ । ଗୋଟିଏ ଗୋଟିଏ ଶବ୍ଦକୁ ଅତ୍ୟନ୍ତ ସର୍ତକତାର ସହିତ ଚିନ୍ତନ ଓ ମନନ ପୂର୍ବକ ଲେଖୁଥିଲେ ଏବଂ ଦୁଆ କରି ସେ ଲେଖୁଥିଲେ ଯେ, କେଉଁଠି ପ୍ରକୃତ ଅର୍ଥ ଏବଂ ଭାବାର୍ଥରେ କୌଣସି ତାରତମ୍ୟ ତଥା ବିଚ୍ୟୁତି ପରିଲକ୍ଷିତ ନ ହୋଇଯାଉ । ୨୦୧୩ ମସିହାରେ ଯେତେବେଳେ ସେ ଅବସର ଗ୍ରହଣ କଲେ ଏହା ସତ୍ୱେ ମଧ୍ୟ ଶୁରାଃର ରିପୋର୍ଟ ପ୍ରସ୍ତୁତିରେ ଯଦି କୌଣସି ଅସୁବିଧା ହେଉଥିଲା ଓ ପ୍ରାଇଭେଟ ସେକ୍ରେଟାରୀରେ ମଧ୍ୟ ଯେତେବେଳେ ବି ତାଙ୍କୁ ଡ଼ାକୁଥିଲେ ସେତେବେଳେ ମଧ୍ୟ ସେ ଶୀଘ୍ର ଚାଲିଆସୁଥିଲେ ଏବଂ ସର୍ବଦା ଏହା ପ୍ରକାଶ କରୁଥିଲେ ଯେ, ମୁଁ ଏହାକୁ ମୋର ସୌଭାଗ୍ୟ ବୋଲି ମନେ କରୁଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ: ମୋ ମନରେ ମଧ୍ୟ ସର୍ବଦା ତାଙ୍କ ସମ୍ପର୍କରେ ଏହି ଭାବନାଟି ରହିଛି ଯେ ସେ ଜଣେ ଶାନ୍ତିପୂର୍ଣ୍ଣ ବ୍ୟକ୍ତି ଥିଲେ ଯିଏ ନିଜ କାର୍ଯ୍ୟରେ ମଗ୍ନ ରହିଥାନ୍ତି ଏବଂ ସେ ଓ୍ୱକଫ୍‌ର ମଧ୍ୟ ଦାୟିତ୍ୱ ନିର୍ବାହ କଲେ । ନୀରବତାର ସହିତ ସମସ୍ତ କାର୍ଯ୍ୟକୁ ସେ ସମ୍ପାଦନ କରୁଥିଲେ । ତାଙ୍କର କୌଣସି ଦାବି ନଥିଲା । ସେ ଅତ୍ୟନ୍ତ ସରଳ ଜୀବନ ଯାପନ କରୁଥିଲେ । ଅଲ୍ଲାଃ ତାଲା ତାଙ୍କ ପ୍ରତି ସଦୟ ହୁଅନ୍ତୁ, ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ତାଙ୍କର ସନ୍ତାନସନ୍ତତିଙ୍କୁ ମଧ୍ୟ ତାଙ୍କର ପୂଣ୍ୟବଳୀଗୁଡ଼ିକୁ ଅଭ୍ୟାହତ ରଖିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଦ୍ୱିତୀୟ ଯନାଜାଃ ହେଉଛି ସ୍ୱର୍ଗତ ସମ୍ମାନନୀୟ ଶୁଏବ୍ ଅହେମଦ୍ ସାହେବ ଓ୍ୱାକ୍‌ଫେ ଜିନ୍ଦେଗୀଙ୍କର । ସେ ସ୍ୱର୍ଗତ ବଶୀର୍ ଅହେମଦ୍ ସାହେବ କାଲା ଆଫ୍‌ଗାନ୍ ଦର୍‌ଓ୍ୱେଶ୍‌ଙ୍କ ସୁପୁତ୍ର ଥିଲେ । ୫୬ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଗଲା । **ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।** ୧୯୮୭ ମସିହାରେ ସିଲ୍‌ସିଲାର ସେବାରେ ନିଯୁକ୍ତ ହେଲେ । । ସଦର୍ ଅଞ୍ଜୁମନ୍ ଅହେମଦିୟାର ବିଭିନ୍ନ କାର୍ଯ୍ୟାଳୟରେ ଜଣେ କର୍ମଚାରୀ ଭାବରେ ଏବଂ ଅଫିସର୍ ଓ ନାଜିର୍ ଭାବରେ ସେବାକାର୍ଯ୍ୟ ସମ୍ପାଦନ କରିଛନ୍ତି । ସେ ଉଲିୟା କାର୍ଯ୍ୟାଳୟର ଇନ୍‌ଚାର୍ଜ ମଧ୍ୟ ଥିଲେ, ଅଡ଼ିଟର୍ ସଦର୍ ଅଞ୍ଜୁମନ ଅହ୍‌ମଦିୟା, ନାଜିର ବୈତୁଲ୍ ମାଲ୍ ଖର୍ଚ୍ଚ, ନାଜିମ୍ ଓ୍ୱକ୍‌ଫେ ଜଦିଦ୍ ମାଲ୍, ଅଫିସର୍ ଜଲ୍‌ସା ସାଲାନା, ସଦର୍ ଖୁଦ୍ଦାମୁଲ୍ ଅହେମଦିୟା ଭାରତ ଭାବରେ ବିଭିନ୍ନ ପଦବୀରେ ସେ ସେବା କରିଥିଲେ । ଅତଏବ ତାଙ୍କର ମୋଟ ସେବାର ଅବଧି ହେଉଛି ୩୩ ବର୍ଷରୁ କିଂଚିତ ଉର୍ଦ୍ଧ୍ୱ । ଉପାସନା ପ୍ରତି ତାଙ୍କର ଗଭୀର ଧ୍ୟାନ ରହୁଥିଲା, ନମାଜ ତହ୍‌ଜୁଦ୍, ନଓ୍ୱାଫିଲ୍ ଆଦି ନିୟମିତ ଭାବରେ ପାଠ କରୁଥିଲେ । ଖିଲାଫତ୍‌ର ଆଜ୍ଞାବହତାରେ ତାଙ୍କର ସ୍ତର ବହୁତ ଉଚ୍ଚସ୍ତରର ଥିଲା । ପବିତ୍ର କୁର୍‌ଆନ୍‌ର ଗଭୀର ଜ୍ଞାନ ତାଙ୍କ ନିକଟରେ ଥିଲା । ହଜ୍‌ରତ୍ ମସିହ ମଉଦ୍ ଆ:ସ ଓ ଖୋଲଫାଏ ସିଲ୍‌ସିଲାଙ୍କ ପୁସ୍ତକର ମଧ୍ୟ ଗଭୀର ଅଧ୍ୟୟନ କରୁଥିଲେ । ତାଙ୍କର ବ୍ୟାପକ ଧାର୍ମିକ ଜ୍ଞାନ ଥିଲା, ପ୍ରତ୍ୟେକ ବିଷୟରେ ଭାଷଣ ଦେବା ତାଙ୍କର ଏକ ସହଜାତ କଳା ଥିଲା । ସେ ଅତ୍ୟନ୍ତ ପ୍ରସନ୍ନ ଚିତ, ଉତମ ଚରିତ୍ରବତା, ମେଳାପି ଓ ପ୍ରୀୟ ବ୍ୟକ୍ତି ଥିଲେ । ସେ ପ୍ରତ୍ୟେକ ସ୍ତରର ଲୋକମାନଙ୍କୁ ପ୍ରେମ କରୁଥିଲେ । ଅଭାବି ଓ ଅସହାୟ ଲୋକମାନଙ୍କୁ ସେ ସାହାଯ୍ୟ କରୁଥିଲେ ଏବଂ ସେମାନଙ୍କର ସଂପୂର୍ଣ୍ଣ ଯତ୍ନ ନେଉଥିଲେ । କାଦିୟାନର ପ୍ରତ୍ୟେକ ବ୍ୟକ୍ତି ତାଙ୍କର ପ୍ରଶଂସା କରୁଛନ୍ତି । ସେ ସତ୍‌ସାହାସୀ ଏବଂ କୃତଜ୍ଞତା ଜ୍ଞାପନକାରୀ ବ୍ୟକ୍ତି ଥିଲେ । ସ୍ୱର୍ଗତ ଶୋଏବ୍ ସାହେବ ଓ୍ୱସିୟତ୍ ମଧ୍ୟ କରିଥିଲେ । ମୃତକଙ୍କ ପରିଜନଙ୍କ ମଧ୍ୟରେ ତାଙ୍କ ପତ୍ନୀଙ୍କ ବ୍ୟତିତ ଦୁଇଜଣ ପୁତ୍ର ମଧ୍ୟ ଅଛନ୍ତି । ସେ ସଦର ଅଞ୍ଜୁମନ ଅହେମଦିୟାର ସଭାପତି ଶ୍ରୀମାନ ସମ୍ମାନନୀୟ ଜଲାଲୁଦ୍ଦୀନ୍ ନୟର୍ ସାହେବଙ୍କ ଜ୍ୱାଇଁ ଥିଲେ ।

ନାଜିର୍ ବଇତୁଲ୍ ମାଲ୍ କାଦିୟାନ୍ ସମ୍ମାନନୀୟ ରଫିକ୍ ଅହେମଦ୍ ବେଗ୍ ସାହେବ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତ ଶୁଏବ୍ ସାହେବ

ସହିତ ୧୮ ବର୍ଷ ଧରି ମଜ୍‌ଲିସ୍ ଖୁଦାମୁଲ୍ ଅହେମଦିୟା ଭାରତ ଓ ଜଲ୍‌ସା ସାଲାନାର କାର୍ଯ୍ୟାଳୟରେ ସେବା କରିବାର ସୁଯୋଗ ପ୍ରାପ୍ତ ହେଲା । ସେ ନିଜର ବ୍ୟବହାରିକ ଆଚରଣ ଦ୍ୱାରା ସେବାକାରୀମାନଙ୍କୁ ନିଜ ସହିତ ଧରି ଚାଲୁଥିଲେ । ଜଲ୍‌ସା ସାଲାନା ଦିନ ମାନଙ୍କରେ ରାତି ତିନି ଚାରିଟା ପର୍ଯ୍ୟନ୍ତ କାର୍ଯ୍ୟାଳୟରେ ଅବସ୍ଥାପନ କରୁଥିଲେ ବା ରହୁଥିଲେ ଏବଂ କୟାମାଃ ଗାଃ (ଅର୍ଥାତ ଆବାସସ୍ଥଳୀଗୁଡ଼ିକ)ର ତଦାରଖ ଓ ପରିଦର୍ଶନ କରୁଥିଲେ । ଯଦି କୌଣସି ସ୍ଥାନରେ ଦୋଷତ୍ରୁଟି ପରିଲକ୍ଷିତ ହେଉଥିଲା ତେବେ ଶୀଘ୍ର ଯାଇ ତାହାର ସଂଶୋଧନ କରୁଥିଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଅତିଥିମାନଙ୍କ ଯଥାସମ୍ଭବ ଧ୍ୟାନ ରଖିବାପାଇଁ ସର୍ବଦା ପ୍ରତ୍ୟେକ କର୍ମଚାରୀମାନଙ୍କୁ ପର୍ବତାଉ ଥିଲେ, ଯଦି କୌଣସି କର୍ମୀଙ୍କ ଦ୍ୱାରା ଅତ୍ୟାଚାର ହୋଇଯାଉଥିଲା ତେବେ ସେ ଅତିଥିମାନଙ୍କ ନିକଟରେ କ୍ଷମା ପ୍ରାର୍ଥନା କରୁଥିଲେ । ତାଙ୍କର ଭିଣୋଇ ମଧ୍ୟ ଉଲ୍ଲେଖ କରନ୍ତି ଯେ, ସ୍ୱର୍ଗତ ଶୁଏବ୍ ସାହେବ କହୁଥିଲେ ଯେ, ମୁଁ ସଂସାରର କେବେ ବି କାହା ସହିତ ମଧ୍ୟ ଶତୃତା ଭାବ ରଖିନାହିଁ । ୱକାଲତେ ମାଲ୍, ତହରିକ୍ ଯଦିଦ୍‌ର ଜଣେ ଇନ୍‌ସପେକ୍ଟର ଉଲ୍ଲେଖ କରନ୍ତି ଯେ, ଶୋଏବ୍ ସାହେବଭାରତର ବିଭିନ୍ନ ପ୍ରଦେଶ ଯଥା କେରଳ, ତାମିଲନାଡୁ ଇତ୍ୟାଦି ରାଜ୍ୟରେ ୭୫ ଦିନର ଦୀର୍ଘ ଗସ୍ତ ଥିଲା । ଉକ୍ତ ଅବଧିରେ ଯେତେବେଳେ ମୁଁ ଅସୁସ୍ଥ ହୋଇପଡ଼ିଲି ସେତେବେଳେ ସେ ମୋର ଏଭଳି ଯତ୍ନ ବା ସେବା କଲେ ଯେପରି ଜଣେ ଅଭିଭାବକ ନିଜ ସନ୍ତାନର ସେବା କରିଥାନ୍ତି । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ, ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ତାଙ୍କର ସନ୍ତାନ ସନ୍ତତିଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରି ସେମାନଙ୍କୁ ସ୍ୱର୍ଗତଙ୍କର ପୂଣ୍ୟାବଳୀଗୁଡ଼ିକୁ ଅବ୍ୟାହତ ରଖିବ ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ତୃତୀୟ ଯନାଜାଃ ହେଉଛି କାଦିୟାନ୍‌ର ମୁବଲ୍ଲିଗ୍ ସିଲ୍‌ସିଲା ସମ୍ମାନନୀୟ ସ୍ୱର୍ଗତ ମକ୍‌ସୁଦ୍ ଅହେମଦ୍ ଭଟ୍ଟି ସାହେବଙ୍କର । ୫୨ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଯାଇଛି । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।** । ସ୍ୱର୍ଗତ ଜମାଅତ୍ ଅହେମଦିୟା ଜାମ୍ମୁ କାଶ୍ମୀର ପ୍ରଦେଶସ୍ଥ ରାଜୋରୀ ଜିଲ୍ଲା ଅନ୍ତର୍ଗତ ଚାର୍‌କୋର୍ ଜମାତ୍‌ର ନିବାସୀ ଥିଲେ । ସେ ୩୦ ବର୍ଷ ପର୍ଯ୍ୟନ୍ତ ଜମାତ୍‌ର ସେବା କରିଥିଲେ । ସେ ଲକ୍ଷ୍ନୌ ଜୋନ୍‌ର ଅମୀର୍ ଥିଲେ ଏବଂ ପ୍ରାୟ ଏକ ବର୍ଷ ପର୍ଯ୍ୟନ୍ତ ଶ୍ରୀନଗରର ମୁବଲ୍ଲିଗ୍ ଇନ୍‌ଚାର୍ଜ ଭାବରେ ମଧ୍ୟ ଦାୟିତ୍ୱ ସମ୍ପାଦନ କରିବାର ସାମର୍ଥ୍ୟ ଲାଭ କରିଥିଲେ । ୨୦୧୭ ମସିହାରୁ ମୃତ୍ୟୁ ପର୍ଯ୍ୟନ୍ତ ଫୁଲ୍‌ଟାଇମ୍ ରୂପେ ମର୍କଜୀ (କେନ୍ଦ୍ରୀୟ) କାଜି (ବିଚାରକ) ରୂପେ ସେବା କରିବାକୁ ତାଙ୍କୁ ସୌଭାଗ୍ୟ ଲାଭ ହୋଇଥିଲା । କଜା କାର୍ଯ୍ୟାଳୟରେ ମଧ୍ୟ ଅତ୍ୟନ୍ତ ତତ୍ପରତା ଓ ନିଷ୍ଠାର ସହକାରେ ନିଜର ଦାୟିତ୍ୱ ତଥା କାର୍ଯ୍ୟକୁ ସୁଚାରୁ ରୂପେ ସମ୍ପାଦନ କରୁଥିଲେ । ଡ଼ର୍ଜନ ଡ଼ର୍ଜନ ଅର୍ଥାତ ଅନେକ ମୋକଦ୍ଦମାର ନିଷ୍ପତି କରିଛନ୍ତି । ନିଜ ଦାୟିତ୍ୱରେ ଥିବା କାର୍ଯ୍ୟ ପ୍ରତି ସେ ସର୍ବଦା ଚିନ୍ତିତ ରହୁଥିଲେ କେବଳ ଏତିକି ନୁହେଁ ବରଂ ବିଗତ ଦିନରେ ଯେତେବେଳେ ସେ କରୋନା ରୋଗରେ ଆକ୍ରାନ୍ତ ହୋଇ ଅସୁସ୍ଥ ହୋଇ ପଡ଼ିଲେ ସେତେବେଳେ ମଧ୍ୟ ସେ ଚିକିତ୍ସାଳୟରେ ନିଜ କାର୍ଯ୍ୟ ପ୍ରତି ଚିନ୍ତିତ ରହୁଥିଲେ । ଅତ୍ୟନ୍ତ ମେଳାପୀ ସ୍ୱଭାବ, ସାହାସୀ ବ୍ୟକ୍ତି, ପ୍ରସଙ୍ଗକୁ ହୃଦ୍‌ବୋଧ କରୁଥିବା ବ୍ୟକ୍ତି ଏବଂ ତତ୍ପର ୱାକ୍‌ଫେ ଜିନ୍ଦେଗୀ ଥିଲେ । ସ୍ୱର୍ଗତ ମକ୍‌ସୁଦ୍ ସାହେବ ୱସିୟତ୍ ମଧ୍ୟ କରିଥିଲେ । ମୃତକଙ୍କ ପରିଜନଙ୍କ ମଧ୍ୟରେ ମାତା ଏବଂ ତିନି ଭାଇଙ୍କ ବ୍ୟତିତ ପତ୍ନୀ ଓ ତିନିଜଣ କନ୍ୟା ସନ୍ତାନ ମଧ୍ୟ ଅଛନ୍ତି । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ, ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ ଏବଂ ତାଙ୍କର ସନ୍ତାନ ସନ୍ତତିଙ୍କୁ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରି ସେମାନଙ୍କୁ ସ୍ୱର୍ଗତଙ୍କର ପୂଣ୍ୟାବଳୀଗୁଡ଼ିକୁ ଅବ୍ୟାହତ ରଖିବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ସମ୍ମାନନୀୟ ସ୍ୱର୍ଗତ ଜାୱେଦ୍ ଇକ୍‌ବାଲ୍ ସାହେବ ଅଫ୍ ଫୈସ୍‌ଲାବାଦ୍‌ଙ୍କର ୬୬ ବର୍ଷ ବୟସରେ ତାଙ୍କର ବିୟୋଗ ହୋଇଯାଇଛି । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।** । ସ୍ୱର୍ଗତଙ୍କ ସୁପୁତ୍ର ତଲ୍‌ହା ଜାୱେଦ୍ ଉଲ୍ଲେଖ କରନ୍ତି ଯେ ତାଙ୍କ ବଂଶରେ ଅହେମଦିୟତ ତାଙ୍କର ଅଣ ଜେଜେ ଶ୍ରୀମାନ୍ ବାବା ଚକି ରାଙ୍କ ମାଧ୍ୟମରେ ଆସିଥିଲା । ତାଙ୍କର ନାମ ତାଙ୍କ ବୃତି ଅନୁଯାୟୀ ଅର୍ଥାତ ତାଙ୍କର ପେଶା ଅଟାକଳ ଓ ଧାନକଳ ତିଆରି କରିବା ଓ ତାହାର ମରାମତି କାମ କରିବା ଯୋଗୁଁ ବିଖ୍ୟାତ । ସେ ଗାଁର ଗଳି କନ୍ଦିରେ ଡ଼ାକଛାଡ଼ି ନିଜର କାମ କରୁଥିଲେ ଏବଂ ଏହି ଅବଧିରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ କବିତାଗୁଡ଼ିକୁ ଉଚ୍ଚ ସ୍ୱରରେ ଗୁଣୁଗୁଣୁ ହୋଇ ଗାଉଥିଲେ । କାରଣ ଏପରି କରିବା ଦ୍ୱାରା ତବ୍‌ଲିଗ୍‌ର ବାଟ ଫିଟୁଥିଲା । ଅଲ୍ଲାଃ ତାଲାଙ୍କ କୃପାରୁ ଶ୍ରୀମାନ ଜାୱେଦ୍ ଇକ୍‌ବାଲ୍ ସାହେବ୍ ନିୟମିତ ନମାଜ ବ୍ୟତିତ ନମାଜ ତହ୍‌ଯୁଦ୍ ପାଠକାରୀ ଥିଲେ ଏବଂ ପରିବାରକୁ ମଧ୍ୟ ବା ଯମାତ୍ ନମାଜ ପଢ଼ିବା ପାଇଁ କେବଳ ଅନୁପ୍ରାଣିତ କରୁଥିଲେ ତାହା ନୁହେଁ ବରଂ ଘରେ ମଧ୍ୟ ବାଯମାତ୍ ନମାଜ ପାଠର ବ୍ୟବସ୍ଥା କରୁଥିଲେ । ପବିତ୍ର କୁର୍‌ଆନ୍ କରିମ୍ ନିୟମିତ ରୂପେ ଆବୃତି କରୁଥିଲେ ଏବଂ ଅନୁବାଦ ମଧ୍ୟ ପଢୁଥିଲେ । ଖୁତ୍‌ବା ଜୁମା ଶୁଣିବାର ବିଶେଷ ରୂପେ ସେ ବ୍ୟବସ୍ଥା କରୁଥିଲେ ଏବଂ ସପରିବାର ଏମ୍‌ଟିଏରେ ବସି ଖୁତ୍‌ବା ଶୁଣୁଥିଲେ । ଧର୍ମସେବାର ମଗ୍ନ ରହୁଥିଲେ । ତଥା ଧର୍ମ ସେବା କରିବା ତାଙ୍କର ଅଭିରୁଚି ତଥା ପରମଧର୍ମ ଥିଲା । ୧୯୮୪ ମସିହାର ପରିସ୍ଥିତି ପରେ ଯେତେବେଳେ ଯମାତ୍‌ର ଅଡ଼ିଓ କ୍ୟାସେଟ ମାଧ୍ୟମରେ ଯମାତ୍ ମାନଙ୍କର ଉପସ୍ଥିତ ଖଲିଫାଙ୍କର ଖୁତ୍‌ବା ପହଂଚିଯାଉଥିଲା ସେତେବେଳେ ସେ କ୍ୟାସେଟଗୁଡ଼ିକ ବ୍ୟାଗରେ ପକାଇ ସାଇକେଲ୍‌ରେ ଗାଁ ଗାଁ ବୁଲି କ୍ୟାସେଟ ପହଂଚାଉଥିଲେ । ଯେତେବେଳେ ଏମ୍‌ଟିଏର ସୁଭାରମ୍ଭ ହେଲା ସେତେବେଳେ ନିଜ ଘରେ ଡ଼ିସ୍ ଆଂଟିନା ଲଗାଇଲେ ଏବଂ ଲୋକମାନଙ୍କୁ ଘରକୁ ଡାକି ଖୁତ୍‌ବା ଶୁଣାଉଥିଲେ । ମୃତକଙ୍କ ପରିବାରରେ ମାତା ଏବଂ ପତ୍ନୀ ଅମ୍‌ତୁଲ୍ ବାଶିଦ୍ ବ୍ୟତିତ ଦୁଇଜଣ ପୁତ୍ର ଓ ଜଣେ ପୁତ୍ରୀ ଅଛନ୍ତି । ଅଲ୍ଲାଃ ତାଲା ସ୍ୱର୍ଗତଙ୍କ ପ୍ରତି ସଦୟ ହୁଅନ୍ତୁ ଏବଂ ବୈକୁଣ୍ଠରେ ସ୍ୱର୍ଗତଙ୍କ ସ୍ତରକୁ ଉନ୍ନୀତ କରନ୍ତୁ ।

ପରବର୍ତୀ ଯନାଜାଃ ହେଉଛି ସମ୍ମାନନୀୟା ସ୍ୱର୍ଗତା ମଦିହା ସାହେବା, ସେ ଘାନାର ମୁବଲ୍ଲିଗ୍ ସିଲ୍‌ସିଲା ସମ୍ମାନନୀୟ ନୱାଜ୍ ଅହେମଦ୍ ସାହେବଙ୍କର ପତ୍ନୀ ଥିଲେ । ସ୍ୱର୍ଗତାଙ୍କର ବିଗତ ଏପ୍ରିଲ୍ ମାସ ୧୬ ତାରିଖ ଦିନ ମୃତ୍ୟୁ ଘଟିଥିଲା । ମୃତ୍ୟୁବେଳକୁ ସ୍ୱର୍ଗତାଙ୍କୁ ୩୬ ବର୍ଷ ବୟସ ହୋଇଥିଲା । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।** । ଘାନାଠାରେ ସେ ରହୁଥିଲେ ଏବଂ ସେହିଠାରେ ହିଁ ତାଙ୍କର ଅକାଳ ମୃତ୍ୟୁ ହୋଇଥିଲା । ତାଙ୍କର ସ୍ୱାମୀ ସମ୍ମାନନୀୟ ନୱାଜ୍ ସାହେବ ଉଲ୍ଲେଖ କରନ୍ତି ଯେ, ବିବାହର ୧୬ ବର୍ଷ ମଧ୍ୟରେ ମୁଁ ତାଙ୍କୁ ଅସଂଖ୍ୟ ସୁଗୁଣାବଳୀର ଅଧିକାରିଣୀ ଓ ଅଳଙ୍କୃତ ରୂପେ ପାଇଥିଲି । ସେ ଜଣେ ସତ୍‌ସାହାସୀ, ଧୈର୍ଯ୍ୟଶାଳୀ, ସହାନୁଭୂତିଶାଳୀ, ଉତ୍ସାହ ମନବୃତି ଏବଂ ଧୁରନ୍ଧାରି ବଳିଦାନର ପରିପୂର୍ଣ୍ଣ ମହିଳା ଥିଲେ । ସେ ଜଣେ ଉତମ ମାତା ଏବଂ ବିଶ୍ୱସ୍ତା ସ୍ତ୍ରୀ ଥିଲେ । ଘାନାରେ ଥିବାବେଳେ ଯେଉଁଠି ବି ତାଙ୍କୁ ସୁଯୋଗ ମିଳୁଥିଲା ସେଠାରେ ସେ ପିଲାମାନଙ୍କର କ୍ଲାସ୍ ନେଉଥିଲେ । ନିଜର ସନ୍ତାନମାନଙ୍କୁ ସାଙ୍ଗରେ ବସାଇ ପବିତ୍ର କୁର୍‌ଆନ୍ ପାଠ କରୁଥିଲେ । ଶାଶୁ ଘରର ସମ୍ପର୍କୀୟମାନଙ୍କ ସହିତ ସଦ୍‌ବ୍ୟବହାର ପ୍ରଦର୍ଶନ କରୁଥିଲେ ଏବଂ କାହାରିଙ୍କ ପ୍ରତି କଟୁବଚନ ପ୍ରୟୋଗ କରୁନଥିଲେ । ବରଂ ସମସ୍ତ ଦୁଃଖ ଯନ୍ତ୍ରଣାକୁ ମୁଣ୍ଡ ପାତି ସହି ନେଉଥିଲେ ଏବଂ ମତେ ମଧ୍ୟ ସହ୍ୟ କରିବାକୁ କହୁଥିଲେ । ଦୁଆ କରିବାପାଇଁ ଉତ୍ସାହିତ କରୁଥିଲେ । ପିଲାମାନଙ୍କର ସଂସ୍କାର ପ୍ରସଙ୍ଗରେ ମଧ୍ୟ ସାମାନ୍ୟ କଥା ପ୍ରତି ଗୁରୁତ୍ୱ ଦେଉଥିଲେ ଏବଂ ଧ୍ୟାନ ରଖୁଥିଲେ । ଖିଲାଫତ୍ ସହିତ ସଂଶ୍ଳିଷ୍ଟ ପାଇଁ ଅନେକ ସମୟରେ ସନ୍ତାନମାନଙ୍କୁ ଖିଲାଫତ୍‌ର ବରକାତ ସମ୍ବନ୍ଧରେ ଚର୍ଚ୍ଚା କରୁଥିଲେ । ଅଭାବିମାନଙ୍କୁ ସାହାଯ୍ୟ କରିବା ତାଙ୍କର ପରମଧର୍ମ ଥିଲା ଏବଂ ସେ ଜଣେ ପୂଣ୍ୟବାନ ତଥା ସ୍ୱାଭିମାନୀ ମହିଳା ଥିଲେ । ମୃତକାଙ୍କ ପରିଜନଙ୍କ ମଧ୍ୟରେ ତାଙ୍କ ସ୍ୱାମୀଙ୍କ ବ୍ୟତିତ ତିନିଜଣ ପୁତ୍ର ଯଥା ଫରାଦ ସଫି ବୟସ ୧୩ ବର୍ଷ, ଫୈଜିୟା ବୟସ ୮ ବର୍ଷ, ଜୋହରା ବୟସ ଏକବର୍ଷ । ସମସ୍ତ ସନ୍ତାନ ଅଲ୍ଲାଃ ତାଲାଙ୍କ କୃପାରୁ ୱକ୍‌ଫେ ନୌର ପବିତ୍ର ତହ୍‌ରିକ୍‌ରେ ସାମିଲ ଅଟନ୍ତି । ଅଲ୍ଲାଃ ତାଲା ସ୍ୱର୍ଗତାଙ୍କର ଦୁଆ ସେମାନଙ୍କ ସନ୍ତାନଙ୍କ ସମକ୍ଷରେ ଗ୍ରହଣ କରନ୍ତୁ ଏବଂ ବୈକୁଣ୍ଠରେ ତାଙ୍କର ସ୍ତରକୁ ଉନ୍ନୀତ କରିବାପାଇଁ ଏବଂ ସ୍ୱର୍ଗତାଙ୍କ ପ୍ରତି ସଦୟ ହେବାପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ଆଲୋକିତ କରାଯାଇଥିଲା । ଏଠାରେ ନମାଜ ପଢ଼ିବା ପାଇଁ, ଅତିଥିମାନଙ୍କର ରହିବା ପାଇଁ ଓ ଖାଇବା ପିଇବାର ବ୍ୟବସ୍ଥା ନିମନ୍ତେ ତିନୋଟି ବଡ଼ ବଡ଼ ସାମିୟାନ ଲଗାଯାଇଥିଲା । ପ୍ରତ୍ୟେକ ସାମିୟାନାରେ ପ୍ରାୟ ୧ହଜାର ଲୋକେ ନମାଜ ପଢ଼ିପାରିବେ । ଗୋଟିଏ ସାମିୟାନା ପୁରୁଷମାନଙ୍କ ପାଇଁ ଏବଂ ଆଉ ଗୋଟିଏ ମହିଳାମାନଙ୍କ ପାଇଁ ଲଗାଯାଇଥିଲା । ସେହିପରି ଆଉ ଗୋଟିଏ ସାମିୟାନା ଭିତରେ ଖାଇବା ପିଇବାର ବ୍ୟବସ୍ଥା କରାଯାଇଥିଲା । ସହସ୍ରାଧିକ ଯୁବକ ଏବଂ ଯମାତ୍‌ର ସଦସ୍ୟମାନେ ବିଭିନ୍ନ ବିଭାଗରେ ଡ୍ୟୁଟି ଦେଉଥିଲେ ଓ ବହୁତ ସୁନ୍ଦର ଭାବରେ ନିଜ ନିଜର କର୍ତବ୍ୟ ନିର୍ବାହ କରୁଥିଲେ । ସେଠାରେ ଲଙ୍ଗର ଖାନାର ବ୍ୟବସ୍ଥା ମଧ୍ୟ ଜାରିଥିଲା ଏବଂ ପ୍ରତ୍ୟେକ ଦିନ ହଜାର ହଜାର ଲୋକଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ ହେଉଥିଲା । ପାର୍କିଙ୍ଗର ବ୍ୟବସ୍ଥା ମଧ୍ୟ ବିଭିନ୍ନ ସ୍ଥାନରେ କରାଯାଇଥିଲା ।

**ମେହେଦୀ ଆବାଦ୍‌ର ସଂକ୍ଷିପ୍ତ ପରିଚୟ**

ମେହେଦୀ ଆବାଦ୍‌ଟି ହେମ୍‌ବର୍ଗ ସହରଠାରୁ ୩୦ କିଲୋମିଟର ଦୂରରେ ନାହେ ନାମକ କସ୍‌ବା ଓ ଜିଲ୍ଲା ସେଜ୍‌ବର୍ଗଠାରେ ଅବସ୍ଥିତ । ଏହାର ପ୍ରଦେଶର ନାମ ହେଉଛି Schleswig-Holstein ଏହି ପ୍ରଦେଶଟି ଜର୍ମାନୀର ଉତର ଦିଗରେ ଅବସ୍ଥିତ । ଏହି ପ୍ରଦେଶର ରାଜଧାନୀ ହେଉଛି Kiel । ଏବଂ ଏହା ହେଉଛି ସେହି ସହର ଯାହାର ଜଣେ ଜର୍ମାନୀ ବାସିନ୍ଦା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ତାଙ୍କ ଜୀବନ କାଳ ମଧ୍ୟରେ ହିଁ ଚିହ୍ନି ନେଇଥିଲେ । ଓ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉପରେ ଇମାନ୍ ମଧ୍ୟ ଆଣିଥିଲେ ।

ଏହି ଜମି ଖଣ୍ଡକ ଯାହାର ନାମ ହେଉଛି ମେହେଦର ଆବାଦ୍, ତାହାକୁ ୧୨ ଜୁଲାଇ ୧୯୮୯ ମସିହାରେ ୬ଲକ୍ଷ ଜର୍ମାନ ମାର୍କ ବିନିମୟରେ ଖରିଦ୍ କରାଯାଇଥିଲା । ମେହେଦୀ ଆବାଦ୍‌ର ଜମିଟି ଦୁଇ ଭାଗରେ ବିଭକ୍ତ ଗୋଟିଏ ଭାଗରେ ଜମାତି ସେଂଟର ରହିଛି ଓ ଏବେ ସେଠାରେ ମସ୍‌ଜିଦ୍ ବଇତୁଲ୍ ବସିର୍‌ର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ଏହି ଜମି ଖଣ୍ଡକର କ୍ଷେତ୍ରଫଳ ହେଉଛି ୨୧୪୭୯ ବର୍ଗମିଟର ଅର୍ଥାତ ୫ ଏକରରୁ ଅଧିକା । ଦ୍ୱିତୀୟ ଜମି ଖଣ୍ଡକ ଯାହା ପ୍ରଥମ ଜମିଠାରୁ ୮୦୦ ମିଟର ଦୁରରେ ଅବସ୍ଥିତ ସେଥିରେ ଚାଷବାସ କରାଯାଉଅଛି ଏବଂ ତା'ର କ୍ଷେତ୍ରଫଳ ହେଉଛି ୧୫୧୦୦୦ ବର୍ଗମିଟର । ଏକର ହିସାବରେ ଦେଖିଲେ ତା'ର କ୍ଷେତ୍ରଫଳ ହେଉଛି ୨୬.୩୭ ଏକର । ମେହେଦୀ ଆବାଦ୍‌ଠାରେ ଗୋଟିଏ ଅଟ୍ଟାଳିକ ପୂର୍ବରୁ ତିଆରି ହୋଇଥିଲା ତାହାର ଗୋଟିଏ ଭାଗକୁ ରହିବାପାଇଁ ବ୍ୟବହାର କରାଯାଉଥିଲା ଓ ଆଉ ଗୋଟିଏ ଭାଗରେ ଦୁଇଟି ହଲ୍‌କୁ ମରାମତି କରି ନମାଜ ପଢ଼ିବାପାଇଁ ବ୍ୟବହାର କରାଯାଉଥିଲା । ଏଠାରେ ମସ୍‌ଜିଦ୍ ନିର୍ମାଣ କରିବାପାଇଁ ଅନୁମତି ପାଇବା ନିମନ୍ତେ ବହୁତ ସମୟ ଲାଗିଗଲା ଏବଂ ପୁରା ଇଲାକାର ଗୋଟିଏ ମାଷ୍ଟର ପ୍ଲାନ୍ ତିଆରି କରି ଉପସ୍ଥାପନ କରିବାକୁ ପଡ଼ିଲା । ପୁଣି କିଛି ସର୍ତାବଳୀ ସହିତ ମସ୍‌ଜିଦ୍ ନିର୍ମାଣ କରିବାପାଇଁ ଅନୁମତି ମିଳିଗଲା ।

ଏଠାରେ ମସ୍‌ଜିଦ୍‌ର ଭିର୍ତିପ୍ରସ୍ତର ହଜୁର ଅନଓ୍ୱର ଅ:ବ:ଅ ୧୪ ଜୁନ୍ ୨୦୧୧ ମସିହା ଦିନ ନିଜର ଜର୍ମାନୀ ଗସ୍ତ ସମୟରେ ରଖିଥିଲେ ଏବଂ ଏ ବର୍ଷ ୨୦୧୯ ମସିହାରେ ଅନେକ ପ୍ରତିବନ୍ଧକ ପାର କରିବା ପରେ ଏହି ମସ୍‌ଜିଦ୍‌ର ନିର୍ମାଣ ସମ୍ପୁର୍ଣ୍ଣ ହୋଇଅଛି ଏବଂ ପବିତ୍ର ଜୁମା ଦିନ ହଜୁର ଅନଓ୍ୱର ଅ:ବ:ଅ ଏହି ମସ୍‌ଜିଦ୍‌ର ଉଦ୍‌ଘାଟନ କରିଛନ୍ତି ।

**୨୫ ଅକ୍ଟୋବର ୨୦୧୯**
**(ପବିତ୍ର ଜୁମା) ଶୁକ୍ରବାର**

ହଜୁର ଅନଓ୍ୱର ଅ:ବ:ଅ ଭୋର ୭:୦୦ରେ ମସ୍‌ଜିଦ୍ ବଇତୁଲ୍ ବସିର୍ ରେ ପଦାର୍ପଣ କରି ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳ ବେଳା ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି ଡ଼ାକ, ଚିଠି ଏବଂ ରିପୋର୍ଟସ ଇତ୍ୟାଦିର ତଦାରଖ କଲେ ଓ ସେଥିରେ ହିଦାୟତ (ନିର୍ଦ୍ଦେଶମାନ) ପ୍ରଦାନ କଲେ । ଏହିପରି ହଜୁର ଅନଓ୍ୱର ଅ:ବ:ଅ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

ଆଜିର ଦିନଟି ହେଉଛି ପବିତ୍ର ଜୁମାର ଦିନ ତେଣୁ ଏହି ଜୁମା ସହିତ ମସ୍‌ଜିଦ୍ ବଇତୁଲ୍ ବସିର୍‌ର ଉଦ୍‌ଘାଟନୀ ମଧ୍ୟ ହୋଇଥିଲା । ଜର୍ମାନୀର ବିଭିନ୍ନ ଜମାତ୍‌ଗୁଡ଼ିକରୁ ବହୁ ସଂଖ୍ୟାରେ ପୁରୁଷ ଓ ମହିଳାମାନେ ସକାଳୁ ହିଁ ମେହେଦୀ ଆବାଦ୍ ପହଂଚିବା ଆରମ୍ଭ କରିଦେଲେ । କିଛି ଲୋକେ ଓ କିଛି ପରିବାର ବହୁତ ଲମ୍ବା ରାସ୍ତା ଅତିକ୍ରମ କରି ଏଠାରେ ପହଂଚିଥିଲେ । ସମସ୍ତଙ୍କର ଏ ଇଚ୍ଛା ଥିଲା ଯେ, ସେମାନେ ନିଜ ପ୍ରୀୟ ଆକାଙ୍କ ପଛରେ ଜୁମା ନମାଜ ପଢ଼ିବାର ସୌଭାଗ୍ୟ ପାଇବେ ଏବଂ ମସ୍‌ଜିଦ୍‌ର ଉଦ୍‌ଘାଟନୀ ଉତ୍ସବରେ ସାମିଲ ହେବେ ।

ପ୍ରୋଗ୍ରାମ ମୁତାବକ ଠିକ୍ ୨ଟା ସମୟରେ ହଜୁର ଅନଓ୍ୱର ଅ:ବ:ଅ ବାହାରକୁ ବାହାରିଲେ ଓ ମସ୍‌ଜିଦ୍‌ର ବାହ୍ୟ କାନ୍ଥରେ ଲଗାଯାଇଥିବା ଫଳକର ଉନ୍ମୋଚନ କଲେ । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଗୋଟିଏ ବଡ଼ ସାମିୟାନ ଭିତରକୁ ଯାଇ ଖୁତ୍‌ବା ଜୁମା ପ୍ରଦାନ କଲେ । ଏହି ଖୁତ୍‌ବା ଜୁମା ଦିନ ୩ଟା ପର୍ଯ୍ୟନ୍ତ ଜାରି ରହିଲା ଏବଂ MTA International ଦ୍ୱାରା ସିଧା ପ୍ରସାରଣ କରାଗଲା ।

ଆଜି ପ୍ରୀୟ ଆକାଙ୍କ ନେତୃତ୍ୱରେ ନମାଜ ଜୁମା ପଢ଼ିବାପାଇଁ ଆଖପାଖ ଜମାତ୍‌ଗୁଡ଼ିକରୁ ବିଶେଷ ରୂପେ ଏବଂ ସମଗ୍ର ଜର୍ମାନୀରୁ ସାଧାରଣ ରୂପେ ଅହେମଦୀମାନଙ୍କର ବହୁତ ବଡ଼ ସଂଖ୍ୟା ଆସି ଏଠାରେ ଯୋଗ ଦେଇଥିଲେ । ହଜୁର ଅନଓ୍ୱର ଅ:ବ:ଅ ଜୁମା ନମାଜ ସହିତ ଅସର୍ ନମାଜ ଜମା କରି ପଢ଼ାଇଲେ । ନମାଜ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଫ୍ୟାମିଲି ସାକ୍ଷାତକାର**

ପ୍ରୋଗ୍ରାମ ମୁତାବକ ଠିକ୍ ସନ୍ଧ୍ୟା ୬:୧୫ ମିନିଟ୍‌ରେ ହଜୁର ଅନଓ୍ୱର ଅ:ବ:ଅ ନିଜ କାର୍ଯ୍ୟାଳୟରେ ପହଂଚିଲେ ଓ ସେଠାରେ ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହେଲା । ଆଜି ସଂଧ୍ୟାର ଏହି ସେସନ୍‌ରେ ୧୯ଟି ଫ୍ୟାମିଲିରୁ ୮୧ ଜଣ ସଦସ୍ୟ ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସାକ୍ଷାତ କରିବାକୁ ଆସିଥିବା ଏହି ଫ୍ୟାମିଲିଗୁଡ଼ିକ ଓ ଅନ୍ୟ ସଦସ୍ୟମାନେ ମେହେଦୀ ଆବାଦ୍ ବ୍ୟତିତ ଜର୍ମାନୀର ନିମ୍ନଲିଖିତ ୬ ଗୋଟି ଜମାତ୍ ଗୁଡିକରୁ ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାପାଇଁ ଏଠାରେ ଆସି ପହଂଚିଥିଲେ ।

| | |
|---|---|
| Vechta | Humberg |
| Lunevurg | Lubeck |
| Pinneberg | Bremen |

ଏତଦ୍‌ବ୍ୟତିତ ସ୍ୱିଡ଼େନ୍‌ରେ ପାକିସ୍ତାନରୁ ଭିଜିଟ୍‌ରେ ଆସିଥିବା ଜଣେ ମୁରବୀ ସିଲ୍‌ସିଲା ମଧ୍ୟ ଏଠି ମେହେଦୀ ଆବାଦ୍ ପହଂଚି ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ସାକ୍ଷାତ କରିଥିବା ଏହି ସମସ୍ତ ସଦସ୍ୟମାନେ ଓ ଫ୍ୟାମିଲିଗୁଡ଼ିକ ନିଜ ପ୍ରୀୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ଦେଲେ ଓ ଛୋଟ ଛୋଟି ପୁଅ ଝିଅମାନଙ୍କୁ ଚକୋଲେଟ ପ୍ରଦାନ କଲେ । ସାକ୍ଷାତକାରର ଏହି ପ୍ରୋଗ୍ରାମ ସଂଧ୍ୟା ୭:୧୫ଟା ପର୍ଯ୍ୟନ୍ତ ଜାରି ରହିଲା । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଜମାତି ସେଂଟର୍‌ର ସେହି ପୁରୁଣା ଅଟ୍ଟାଳିକା, କାର୍ଯ୍ୟାଳୟ ଏବଂ ମୁରବୀ ହାଉସ୍‌ର ନିରୀକ୍ଷଣ କଲେ ଏବଂ ବ୍ୟବସ୍ଥାପିକାକୁ କିଛି ଉପଦେଶ ପ୍ରଦାନ କଲେ ।

**ପୂର୍ବତନ ସଦର ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ଜର୍ମାନୀଙ୍କ ସମ୍ମାନରେ ଗୋଟିଏ ସଭା**

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ବଡ଼ ସାମିୟାନ ଭିତରକୁ ଗଲେ ଯେଉଁଠି ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ଜର୍ମାନୀ ଆନୁକୁଲ୍ୟରେ ସଦର ମଜ୍‌ଲିସ୍ ଖୁଦାମୁଲ୍ ଅହେମଦିୟା ଜର୍ମାନୀ ମୋକରମ୍ ହସ୍‌ନାଦ୍ ଅହେମଦ୍ ସାହେବଙ୍କ ସମ୍ମାନରେ ଗୋଟିଏ ବିଦାୟମୁଳକ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ପୂର୍ବତନ ସମସ୍ତ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦିୟାର ସଦରଗଣ, ନ୍ୟାସନାଲ ମଜ୍‌ଲିସ୍ ଆମେଲା ଖୁଦାମୁଲ୍ ଜର୍ମାନୀ ଏବଂ ସମସ୍ତ ମଜ୍‌ଲିସ୍‌ର କାଏଦ୍‌ମାନେ ଏବଂ ଖୁଦାମୁଲ୍ ଅହେମଦିୟାର ଅନ୍ୟ ସମସ୍ତ ଓ୍ୱହଦାଦାରଗଣ ଏଥିରେ ସାମିଲ ହୋଇଥିଲେ ।

ପ୍ରୋଗ୍ରାମର ଆରମ୍ଭ ପବିତ୍ର କୁର୍‌ଆନ୍‌ର ପଂକ୍ତିର ଆବୃତିରୁ ହିଁ କରାଗଲା ଯାହାକୁ ମୋକରମ୍ ହମାଦ୍ ଅହେମଦ୍ ସାହେବ୍ ମୋହତମିମ୍ ଉମୁମି ଖୁଦାମୁଲ୍ ଅହେମଦିୟା ଜର୍ମାନୀ ଆବୃତି କଲେ ତା'ପରେ ମୋକରମ୍ ହନାନ୍ ଅହେମଦ୍ ବାଜୁଓ୍ୱା ସାହେବ୍ ନାଏବ ରିଜିଓନାଲ୍ କାଏଦ୍ ଖୁଦାମୁଲ୍ ଅହେମଦିୟା ହମବର୍ଗ ଅତି ସୁନ୍ଦର ସ୍ୱରରେ ମଞ୍ଜୁମ୍ କଲାମ୍ ପଢ଼ି ଶୁଣାଇଲେ ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଅଭିଭାଷଣ ପ୍ରଦାନ କଲେ ।

ତଶ୍‌ହୁଦ୍ ଏବଂ ତଉଜ୍ ପାଠ କରିବା ପରେ ହଜୁର ଅନଓ୍ୱର ଅ:ବ:ଅ କହିଲେ: ଆଜିକାର ଏହି ସଭାଟି ବିଦାୟ ନେଇଥିବା ସଦର ଖୁଦାମୁଲ୍ ଅହେମଦିୟାଙ୍କ ସମ୍ମାନ ପାଇଁ ଅନୁଷ୍ଠିତ ହୋଇଅଛି । ସେ ସଦରାତ୍‌ର ଛଅବର୍ଷ ସମ୍ପୁର୍ଣ୍ଣ କରିଛନ୍ତି ଓ ଏବେ ମଧ୍ୟ ସେ ଖୁଦାମୁଲ୍ ଅହେମଦିୟାରେ ଅଛନ୍ତି ଏବଂ ଗତବର୍ଷଠାରୁ ନୂଆ ସଦର ଏହି ସଦାରତ୍‌ର କାର୍ଯ୍ୟକୁ ସମ୍ଭାଳିଛନ୍ତି । ଖୁଦାମୁଲ୍ ଅହେମଦିୟାରେ କାମ କରୁଥିବା ଖୁଦାମ୍‌ମାନେ ଅଲ୍ଲାଃ ତାଲାଙ୍କ କୃପାରୁ ପୃଥବୀର ପ୍ରତ୍ୟେକ ଦେଶରେ ବହୁତ ଭଲ କାମ କରୁଛନ୍ତି ବିଦାୟ ନେଇଥିବା ସଦର ସାହେବଙ୍କୁ ମୁଁ କେବଳ ଏତିକି କହିବି ଯେ, ଏବେ ତାଙ୍କ ଉପରେ ଯେଉଁ ଜମାତ୍‌ର ଦାୟିତ୍ୱ ଗୁଡ଼ିକ ଦିଆଯାଇଛି ସେହି ଦାୟିତ୍ୱ ଗୁଡ଼ିକ ଯୋଗୁଁ, ତାଙ୍କ ଠାରେ ଜଣେ ସେବକ ଭାବରେ ପୂର୍ବରୁ ଯେଉଁ ସେବା ମନବୃତି ଥିଲା ତାହା ଶେଷ ନ ହୋଇଯାଉ । ସେ ଏକଥା ଭାବନ୍ତୁ ନାହିଁ ଯେ, ତାଙ୍କୁ ଏବେ ଆଉ କିଛି ଦାୟିତ୍ୱ ମିଳିଯାଇଛି ଓ ସେହି ପଦବୀ ଯୋଗୁଁ ମୋର କୌଣସି ଉଚ୍ଚ ସ୍ଥାନ ହୋଇଯାଇଛି । ହଜୁର ଅନଓ୍ୱର ଅ:ବ:ଅ କହିଲେ, ବରଂ ପ୍ରତ୍ୟେକ ଓ୍ୱହଦାଦାରମାନଙ୍କୁ ଏକଥା ବୁଝିବା ଉଚିତ ଯେ, ଆଁ ହଜ୍‌ରତ୍ ସ:ଆ:ସ କହିଛନ୍ତି ସୟିଦୁଲ୍ କୌମି ଖାଦିମୁହୁମ୍ ଅର୍ଥାତ ନିଜ କୌମ୍‌ର ସର୍ଦ୍ଦାର ତା' କୌମ୍‌ର ସେବକ ହୋଇଥାଏ । ଯଦି ଏହି ଭଳି ମନୋଭାବ ଆମ ଓ୍ୱହଦାଦାରମାନଙ୍କ ମଧ୍ୟରେ ସୃଷ୍ଟି ହୋଇଯିବ ତେବେ ଗୋଟିଏ ପରିବର୍ତନ ହୋଇପାରେ ଆପଣମାନେ ନଜମ୍ ପଢୁଛନ୍ତି, ବହୁତ ଆବେଗପୂର୍ଣ୍ଣ ବକ୍ତବ୍ୟ ମଧ୍ୟ ଦେଉଛନ୍ତି, ନିଜର ମନୋଭାବର ପ୍ରକାଶ ମଧ୍ୟ କରୁଛନ୍ତି ଏବଂ ତରାନା ମଧ୍ୟ ପଢୁଛନ୍ତି କିନ୍ତୁ ଏହାର ପ୍ରକୃତ ଲାଭ ସେତେବେଳେ ହୋଇଥାଏ ଯେତେବେଳେ ଆପଣମାନଙ୍କର ଚିନ୍ତାଧାରା ଆପଣମାନଙ୍କ ସେହି କଥାକୁ ସମର୍ଥନ ଦେଉଥିବ । ଆପଣଙ୍କର କର୍ମ ଆପଣଙ୍କ କଥା ସହିତ ମେଳ ଖାଉଥିବ । ସୁତରାଂ ନୂଆ ସଦର୍‌ଙ୍କୁ ମଧ୍ୟ ଏପରି ମନୋଭାବ ରହିବା ଉଚିତ ଏବଂ ଯାହାକୁ ବହୁଦିନ ପର୍ଯ୍ୟନ୍ତ ସେବା

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family, Jamat Ahmadiyya, Pankal (Odisha)*

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

ତାଲିବେ ଦୁଆ: *Hawa Bibi & Family, Jamat Ahmadiyya, Kerang (Odisha)*

**ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ**

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

**ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧**

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

**ହଦିସ୍ ନବଓ୍ୱି ସ:ଆ:ସ**

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

ତାଲିବେ ଦୁଆ: *Majlis Lajna Imaillah, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

ତାଲିବେ ଦୁଆ: *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

କରିବାର ଅବସର ମିଳିଲା ଓ ଅନ୍ୟ ସ୍ଥାନରେ ସେବା କରିବାର ଅବସର ମିଳୁଅଛି ସେମାନଙ୍କୁ ମଧ୍ୟ ମନେ ରଖିବା ଉଚିତ । ଏବଂ ପ୍ରତ୍ୟେକ ଓ୍ୱହଦାଦାରମାନଙ୍କୁ ଅର୍ଥାତ ଅମୀରଙ୍କଠାରୁ ନେଇ ତଳ ସ୍ତର ପର୍ଯ୍ୟନ୍ତ ପ୍ରତ୍ୟେକଙ୍କୁ ଏକଥା ମନେ ରଖିବା ଉଚିତ ଯେ, ଏହା ହେଉଛି ଅଲ୍ଲାଃ ତାଲାଙ୍କର କୃପା କି ସେ ଆମକୁ ଧର୍ମ ସେବା କରିବାପାଇଁ ସୌଭାଗ୍ୟ ପ୍ରଦାନ କରିଛନ୍ତି । ଏହା କାହାର ହକ୍ ନାହିଁ । ତେଣୁ ତାହାର କୃପାକୁ ସର୍ବଦା ମନେରଖନ୍ତୁ ।

କାଏଦ୍‌ମାନେ ମଧ ଏଠାରେ ବସିଛନ୍ତି ସେମାନଙ୍କୁ ମଧ୍ୟ ଖୁଦାମୁଲ୍ ଅହେମଦିୟା ପ୍ରସଙ୍ଗରେ ଏକଥା ବତାଇ ଦେବାକୁ ଚାହୁଁଛି ଯେ, ଖୁଦାମୁଲ୍ ଅହେମଦିୟାର ଏହି କାମ ହେଉଛି ବହୁତ ବଡ଼ କାମ ଯେ, ସେମାନେ ଖିଲାଫତେ ଅହେମଦିୟାର ସୁରକ୍ଷା କରନ୍ତୁ । ଏଥିପାଇଁ ସେମାନେ ଏହି ଅହଦ୍ (ଶପଥ) ମଧ କରିଛନ୍ତି । ସୁରକ୍ଷାର ଅର୍ଥ ଏହା ନୁହେଁ ଯେ, କେବଳ ସାଧାରଣ ଭାବେ ଡ୍ୟୁଟି ଦେଇଦେଲି ବା ବିଶେଷ ସୁରକ୍ଷା ଏବଂ ଡ୍ୟୁଟି ଦେଇଦେଲି । ଏହି କାମକୁ ଅନ୍ୟ ଲୋକମାନେ ମଧ୍ୟ କରିପାରିବେ । ଅସଲ ସୁରକ୍ଷା ହେଉଛି ଏହା କି, ଖଲିଫାଙ୍କ କଥାକୁ ପ୍ରଚାର ପ୍ରସାର କରାଯାଉ । ତାହା ଉପରେ କାର୍ଯ୍ୟ କରାଯାଉ ଏବଂ ନୂଆ ପୀଢ଼ୀକୁ ମଧ ସମ୍ଭଳାଯାଉ । କେବଳ ଏପରି ଦାବା କରିବା ଯଥେଷ୍ଟ ନୁହେଁ ଯେ, ଆମେ ଡ଼ାହାଣପଟେ ମଧ ଲଢ଼ିବୁ ଏବଂ ବାମ ପଟେ ମଧ ଲଢ଼ିବୁ, ଆମେ ଆଗରେ ମଧ ଲଢ଼ିବୁ ଏବଂ ପଛରେ ମଧ ଲଢ଼ିବୁ । ଏହା ଲଢ଼ାଇର ତ' କୌଣସି ବିଷୟ ନୁହେଁ ଆଜିକାଲିର ଲଢ଼େଇ, ଆଜିକାଲିର ଜିହାଦ୍ ହେଉଛି ଏହା କି, କଥା ଉପରେ ଅମଳ କରାଯାଉ । ଏବଂ ଏହା ହେଉଛି ସେହି ଅସଲ କାମ ଯାହାକୁ ଖୁଦାମୁଲ୍ ଅହେମଦିୟାକୁ କରିବାକୁ ହେବ । ପ୍ରତ୍ୟେକ କାଏଦ୍‌ର କାମ, ପ୍ରତ୍ୟେକ ଜଇମ୍‌ର କାମ, ପ୍ରତ୍ୟେକ ନାଜିମ୍‌ମାନଙ୍କର କାମ, ପ୍ରତ୍ୟେକ ମୋହତମିମ୍‌ଙ୍କ କାମ ଏବଂ ସଦର ସାହେବଙ୍କର କାମ । ତେଣୁ ଏକଥାକୁ ସର୍ବଦା ମନେ ରଖିବ ଯେ, ଯେଉଁ କଥା କୁହାଯାଉଅଛି, ଆପଣମାନେ ଭାଷଣଗୁଡ଼ିକରେ ଏହା ଶୁଣିଛନ୍ତି ବା ଯେଉଁ ଖୁତ୍‌ବାଗୁଡ଼ିକ ଶୁଣୁଛନ୍ତି ତାହା ଉପରେ ପରିଚାଳିତ ହୁଅନ୍ତୁ ଏବଂ ଅନ୍ୟମାନଙ୍କୁ ପରିଚାଳିତ କରାନ୍ତୁ । ଯେତେବେଳେ ନିଜର ନମୁନାକୁ ପେଶ୍ କରିବେ ସେତେବେଳେ ଅନ୍ୟମାନେ ମଧ ତା' ଉପରେ ପରିଚାଳିତ ହେବାପାଇଁ ଚେଷ୍ଟା କରିବେ ।

ମୋର ମନେ ଅଛି ମୋ ଖିଲାଫତ୍‌ର ଆରମ୍ଭରେ, ମୁବ୍‌ଶିର୍ ଅୟାଜ୍ ସାହେବ୍ ମତେ ଲେଖିଲେ ଯେ, ଖଲିଫାମାନଙ୍କର ଖୁତ୍‌ବା ଏବଂ ବକ୍ତବ୍ୟଗୁଡ଼ିକର ମଜ୍‌ମୁଆ (ଗ୍ରନ୍ଥ) ପ୍ରକାଶ ହେଉଅଛି ଏବଂ ସେମାନଙ୍କ ଅନ୍ତେ ଏହାକୁ ପ୍ରକାଶ କରାଯାଉଅଛି ଯେବେକି ସେମାନଙ୍କ ଜୀବନରେ ହିଁ ଏହା ହେବା ଉଚିତ । ତେଣୁ ସେ ଲେଖିଲେ ନିଜର ଇଚ୍ଛାକୁ ପ୍ରକାଶ କଲେ ଯେ, ମୋର ଏ ଇଚ୍ଛା ଅଛି କି, ଖିଲାଫତେ ଖାମ୍‌ସା (ପଂଚମ ଖଲିଫା) ଯୁଗର ଯେଉଁ ଖୁତ୍‌ବାଗୁଡ଼ିକ ମୋ ନିକଟରେ ଅଛି ତାହା ପ୍ରତ୍ୟେକ ବର୍ଷ ପ୍ରକାଶ ହୋଇଚାଲିଛି । ମୁଁ ଅନୁମତି ଦେଇଦେଲି ଏବଂ ଏକଥା ମଧ ଠିକ୍ ଲାଗୁଛି । ଅଲ୍ଲାଃ ତାଲା ଯମାତ୍ ଅହେମଦିୟାର ଖଲିଫାମାନଙ୍କ ମଧରେ ଏବଂ ଆସନ୍ତାକୁ ମଧ ଇନ୍‌ଶାଅଲ୍ଲାଃ ଖଲିଫାମାନେ ଆସିବେ । ପ୍ରତ୍ୟେକ କାମ ପାଇଁ ଗୋଟିଏ ସମୟ ରହିଛି ଏବଂ ଯୁଗ ଅନୁସାରେ ସେ ସ୍ୱୟମ ମାର୍ଗଦର୍ଶନ କରିଚାଲିଛି ଏବଂ ବର୍ତମାନ ସମୟର ଯେଉଁ ଡ଼ିମାଣ୍ଡ ରହିଛି ତା' ମୁତାବକ ଯୁଗ ଖଲିଫା ମାର୍ଗଦର୍ଶନ କରୁଛନ୍ତି ତେଣୁ ପ୍ରତି ଖଲିଫାଙ୍କ ଯୁଗ ଯେତେବେଳେ ଶେଷ ହୋଇଯାଏ ଏବଂ ନୂଆ ଖଲିଫା ଚୟନ ହୋଇଯାଆନ୍ତି ସେତେବେଳେ ନୂଆ ଖଲିଫାଙ୍କୁ ଅଲ୍ଲାଃ ତାଲା ଯେତେବେଳେ ଏହି ଖିଲାଫତ୍‌ର ଦାୟିତ୍ୱ ପ୍ରଦାନ କରିଥାନ୍ତି, ତାଙ୍କ କଥା ମୁତାବକ ହିଁ ଚାଲିବାକୁ ପଡ଼ିବ ଯେଉଁଭଳି ସେ ମାର୍ଗଦର୍ଶନ କରିବେ ନା କି ପୁରୁଣା ପୁସ୍ତକଗୁଡ଼ିକୁ ଛପାଇବା ଦ୍ୱାରା ହେବ । ଠିକ୍ ଅଛି କିଛି ଐତିହାସିକ ବିଷୟବସ୍ତୁ ମଧ ସେଥିରେ ମିଳିଯାଇଥାଏ । କିଛି ଜ୍ଞାନ ସମ୍ବନ୍ଧୀୟ କଥା ମଧ ମିଳିଯାଇଥାଏ ତେଣୁ ସେଗୁଡ଼ିକ ଛପା ହୋଇ ପ୍ରକାଶ ହେବା ଉଚିତ କିନ୍ତୁ କର୍ମ ପାଇଁ ଏହା ଜରୁରୀ ଅଟେ ଯେ, ଯୁଗ ଖଲିପାଙ୍କ କଥାକୁ ଶୁଣନ୍ତୁ ଓ ତା' ମୁତାବକ ପରିଚାଳିତ ହୁଅନ୍ତୁ । କିଛି ଲୋକ ଆପୋଷରେ ଯେତେବେଳେ କଥାବାର୍ତା ହୁଅନ୍ତି ସେତେବେଳେ ଓ୍ୱହଦାଦାରମାନଙ୍କ ତରଫରୁ ଏ ଚର୍ଚ୍ଚା ଚାଲିଥାଏ ଯେ, ଖଲିଫା ଯେଉଁ କଥା କହିଛନ୍ତି ତାହାର ଅର୍ଥ ଏପରି ଥିଲା । ଯଦି ତାଙ୍କର ଉଦ୍ଦେଶ୍ୟ ଏହା ଥିଲା ତେବେ ଖଲିଫା ଉପସ୍ଥିତ ଅଛନ୍ତି ତାଙ୍କଠାରୁ ପଚାରି ବୁଝନ୍ତୁ । କିନ୍ତୁ ଯଦି ପୂର୍ବତନ ଖଲିଫାମାନଙ୍କ କଥା ଥିଲା ଏବଂ ସେମାନଙ୍କର ଉଦ୍ଦେଶ୍ୟ ଥିଲା ତାହେଲେ ତାହାର ନିଷ୍ପତି କରିବା ମଧ ଖଲିଫାଙ୍କର କାମ ହେଉଛି ଏହା କି, ସେହି କଥାର କ'ଣ ବ୍ୟାଖ୍ୟା ହେବ ତଥା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କର ହଓ୍ୱାଲା ରହିଛି ବା ତାଙ୍କର ଯେଉଁ କଥନ ରହିଛି ତାହାର ବ୍ୟାଖ୍ୟା କ'ଣ ହେବ ଏହିସବୁ କାମ ପ୍ରତ୍ୟେକ ଓ୍ୱହଦାଦାରର ନୁହେଁ । ତାହାର ବ୍ୟାଖ୍ୟା କ'ଣ ହେବା ଉଚିତ ଏ ନିଷ୍ପତି ଖଲିଫାଙ୍କର କାମ ଅଟେ । ତେଣୁ ଖୁଦାମୁଲ୍ ଅହେମଦିୟା ସଦର୍ବଦା ମନେ ରଖନ୍ତୁ ଓ ପ୍ରତ୍ୟେକ ଓ୍ୱହଦାଦାର ଏକଥାକୁ ସର୍ବଦା ମନେରଖନ୍ତୁ ଯେ, ଆପଣମାନେ ଖଲିଫାଙ୍କ କଥାକୁ ଦେଖିବାକୁ ହେବ, ତାଙ୍କ କଥାକୁ ଶୁଣିବାକୁ ପଡ଼ିବ ଏବଂ ତା ଉପରେ ପରିଚାଳିତ ହେବାକୁ ଚେଷ୍ଟା କରିବ ଏବଂ ପୁରୁଣା କଥାକୁ ଖୋଳତାଡ଼ କରିବାର କୌଣସି ଆବଶ୍ୟକତା ନାହିଁ ।

ଅଲ୍ଲାଃ ତାଲା ଯେପର୍ଯ୍ୟନ୍ତ ଠିକ୍ ଭାବୁଥାଏ ସେପର୍ଯ୍ୟନ୍ତ ଜଣେ ଖଲିଫାଙ୍କୁ ବଂଚାଇ ରଖିଥାଏ ଓ ତା'ର କାର୍ଯ୍ୟକୁ ଜାରି ରଖିଥାଏ ଏବଂ ଯେପର୍ଯ୍ୟନ୍ତ ସେ, ଏହାକୁ ଭଲ ଭାବୁଥାଏ ସେତେବେଳେ ଗୋଟିଏ ଯୁଗ ଶେଷ ହୋଇଯାଏ ଏବଂ ଆସନ୍ତା ଯୁଗ ଆରମ୍ଭ ହୋଇଯାଏ । ସେଥିପାଇଁ ଏକଥାକୁ ଓ ଏହି ସତ୍ୟତାକୁ ବୁଝିବାର ପ୍ରତ୍ୟେକ ଓ୍ୱହଦାଦାରମାନଙ୍କୁ ଚେଷ୍ଟା କରିବା ଉଚିତ । ଖୁଦାମୁଲ୍ ଅହେମଦିୟାର ବିଶେଷ ରୂପେ ହେଉଛି ଏହି କାର୍ଯ୍ୟ ଯେ, ଯେତେବେଳେ ସେ ଖିଲାଫତ୍‌ର ବ୍ୟବସ୍ଥାକୁ ସୁରକ୍ଷା ନ କରିଛନ୍ତି ସେ ପର୍ଯ୍ୟନ୍ତ ସୁରକ୍ଷା ହୋଇପାରିବନାହିଁ ତେଣୁ ନିଜ ପିଲାମାନଙ୍କ ମଧରେ ଏବଂ ଯୁବକମାନଙ୍କ ମଧରେ ଏପରି ଉତ୍ସାହ ସୃଷ୍ଟି କରନ୍ତୁ, କିମ୍ବା ଖଲିଫାଙ୍କ କଥାଗୁଡ଼ିକୁ ଶୁଣିବା ଉଚିତ ଓ ତା' ଉପରେ ପରିଚାଳିତ ହେବା ଉଚିତ ଏବଂ ଏହା ହେଉଛି ସେହି ସତ୍ୟତା ଯାହା ଖିଲାଫତ୍‌ର ସୁରକ୍ଷା ପାଇଁ ଯୋଗ୍ୟ ବିବେଚିତ କରିଥାଏ । ନଚେତ ଏତଦ୍‌ବ୍ୟତିତ ସବୁ ହେଉଛି କେବଳ କଥା । ତେଣୁ ମୁଁ ଦୁଆ କରୁଛି ଯେ, ଅଲ୍ଲାଃ ତାଲା ଆପଣମାନଙ୍କୁ ଏ ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ଯେ, ଆପଣମାନେ ବାସ୍ତବିକ ଖିଲାଫତ୍‌ର ସୁରକ୍ଷାକର୍ତା ହୁଅନ୍ତୁ ଏବଂ ଯୁଗଖଲିଫାଙ୍କ ପ୍ରକୃତ ସାହାଯ୍ୟକାରୀ ହୁଅନ୍ତୁ ଏବଂ ସୁଲ୍‌ତାନ୍ ନସିର୍ ହୁଅନ୍ତୁ । ଖିଲାଫତେ ଅହେମଦିୟାର ଯେଉଁ ସଂଘଠନ ରହିଛି ତାହାକୁ ସଠିକ୍ ଭାବରେ ସୁରକ୍ଷା କରନ୍ତୁ । ଯେମିତି କି ମୁଁ ଏକଥା କହିସାରିଛି ଯେ, ଖଲିଫାଙ୍କ କଥା ଉପରେ ପରିଚାଳିତ ହୁଅନ୍ତୁ ଏବଂ ଅନ୍ୟମାନଙ୍କୁ ପରିଚାଳିତ କରିବା ପାଇଁ ଚେଷ୍ଟା କରନ୍ତୁ ଏବଂ ତାହାର ପ୍ରଚାର ପ୍ରସାର କରାଯାଉ । ଅଲ୍ଲାଃ ତାଲା ଆପଣମାନଙ୍କୁ ଏହାର ଶକ୍ତି ଓ ସାମର୍ଥ୍ୟ ପ୍ରଦାନ କରନ୍ତୁ ।

ଏହି ଅଭିଭାଷଣ ପରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ ଓ ଏହି ସଭାରେ ସାମିଲ ହୋଇଥିବା ପ୍ରତ୍ୟେକ ବ୍ୟକ୍ତି ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଭୋଜନ ଗ୍ରହଣ କଲେ ।

**ତକ୍‌ରିବେ ଆମିନ୍**

ପ୍ରୋଗ୍ରାମ ମୁତାବକ ଠିକ୍ ୮:୧୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ବଇତୁଲ୍ ବସିର୍ ଠାରେ ପଦାର୍ପଣ କଲେ ଯେଉଁଠି ତକ୍‌ରିବେ ଆମିନ୍ ଅନୁଷ୍ଠିତ ହେଲା । ହଜୁର ଅନଓ୍ୱର ଅ:ବ:ଅ ନିମ୍ନଲିଖିତ ୨୯ ଜଣ ପୁଅ ଝିଅଙ୍କଠାରୁ ପବିତ୍ର କୁରଆନ୍‌ର ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୁଆ କରାଇଲେ ।

ଅଜିଜ୍ ତନ୍‌ଜିଲ୍ ଅହେମଦ୍ ମଲକ୍, ଅଜିଜ୍ ତୌହିଦ୍ ନୁରୁଦ୍ଦୀନ୍, ଅଜିଜ୍ ଶାକିବ୍ ଅହେମଦ୍ ଜାଓ୍ୱେଦ୍, ଅଜିଜ୍ ଅଦିଲ୍ ଅହେମଦ୍, ଅଜିଜ୍ ବାସିଲ୍ ଫାତେହ୍ ଅହେମଦ୍, ଅଜିଜ୍ ଅତାଉଲ୍ ଖବିର୍ ଅହେମଦ୍, ଅଜିଜ୍ ସମର ଅହେମଦ୍, ଅଜିଜ୍ ମଲକ ଆହିଲ୍ ଅହେମଦ୍, ଅଜିଜ୍ ହସାମ୍ ଅହେମଦ୍ କମର୍, ଅଜିଜ୍ ମଲକ୍ ହସିବ୍ ଖୋଖର୍, ଅଜିଜ୍ ଫଖର୍ ସରୁଶ୍ ଅହେମଦ୍, ଅଜିଜ୍ ମିର୍ଜା ମୁନୀବ୍ ଅହେମଦ୍, ଅଜିଜ୍ ମୌହିଦ୍ ଅହେମଦ୍, ଅଜିଜ୍ ଅବ୍‌ଦୁଲ୍ ଗଫୁର୍ ଅଲୀମ୍ ରାଣା, ଅଜିଜ୍ ଅର୍‌ମାନ୍ ନସିରୁଦ୍ଦୀନ୍, ଅଜିଜ୍ ସଦିଦ୍ ଅହେମଦ୍ ଏବଂ ଅଜିଜ୍ ଅଦିଲ୍ ଏହ୍‌ସାନ୍ ଖୋଖର୍ ।

ଅଜିଜାଃ ଉରୁଶ୍ ନାଦିଆ ରାଣା, ଅଜିଜାଃ ଇମାନ୍ ଅଖ୍‌ତର୍, ଅଜିଜାଃ ନୌରୁମ୍ ଜବାର୍, ଅଜିଜାଃ ସାଇରା ମଲକ୍, ଅଜିଜାଃ ସଲ୍‌ମା ଅହେମଦ୍, ଅଜିଜାଃ ଅରୁସା କମର୍, ଅଜିଜାଃ ମାହୀନ୍ ଅର୍‌ଶଦ୍, ଅଜିଜାଃ ସତ୍‌ଓ୍ୱତ୍ ଅହେମଦ୍, ଅଜିଜାଃ ମହ୍‌ଓ୍ୱିଶ୍ ଅର୍‌ଶଦ୍, ଅଜିଜାଃ ହୀରା ଚୌଧୁରୀ, ଅଜିଜାଃ ଦିଆ ଖୋଖର୍ ଏବଂ ଅଜିଜାଃ ଅବିରା କମାଲ୍ ।

ତକ୍‌ରିବେ ଆମିନ୍ ପରେ ହଜୁର ଅନଓ୍ୱର ଅ:ବ:ଅ ନମାଜ ମଗ୍‌ରିବ ଏବଂ ଇସା ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

*ଅବଶିଷ୍ଟାଂଶ ପୃଷ୍ଠା- ୨ ରେ ଦେଖନ୍ତୁ...*

## ତହ୍‌ରିକ୍-ଏ-ଜଦିଦ୍ ଚାନ୍ଦା ସମ୍ପୂର୍ଣ୍ଣ ରୂପେ ପଇଠ କରିବା ପ୍ରତି ଧ୍ୟାନ ଦିଅନ୍ତୁ

ଯେମିତି କି ଜମାତ୍‌ର ସଦସ୍ୟମାନେ ଏ କଥା ଜାଣିଛନ୍ତି ଯେ ତହ୍‌ରିକ୍-ଏ-ଜଦିଦ୍‌ର ଚଳିତ ବର୍ଷରୁ ଛଅ ମାସ ବିତିଗଲାଣି । ଓ୍ୱକାଲତେ ମାଲ୍‌ଙ୍କ ସମୀକ୍ଷା ମୁତାବକ ଏ ପର୍ଯ୍ୟନ୍ତ ଅନେକ ଓ୍ୱାଦା (ଅର୍ଥାତ ପ୍ରତିଜ୍ଞା) କରିଥିବା ଲୋକମାନଙ୍କର ଚାନ୍ଦା ପଇଠ ହେବାକୁ ବାକି ଅଛି । ହିନ୍ଦୁସ୍ଥାନର ସମସ୍ତ ଜିଲ୍ଲା ଅମୀର୍, ସ୍ଥାନୀୟ ଅମୀର ଏବଂ ସଦର୍ ସାହେବ ଓ ତହ୍‌ରିକ୍-ଏ-ଜଦିଦ୍‌ର ସେକ୍ରେଟାରୀ ସାହେବମାନଙ୍କୁ ଅନୁରୋଧ କରାଯାଉଅଛି ଯେ ସେମାନେ ସ୍ଥାନୀୟ ମୁବଲ୍ଲିଗୀନ୍ ଓ ମୁଅଲ୍ଲମୀନ୍ ସାହେବମାନଙ୍କ ସାହାଯ୍ୟ ଓ ସହଯୋଗ ନେଇ ଚାନ୍ଦା ତହ୍‌ରିକ୍-ଏ-ଜଦିଦ୍ ପଇଠ କରିବା ସମ୍ବନ୍ଧରେ ''ହଫ୍‌ତା ମାଲ୍ ତହ୍‌ରିକ୍-ଏ-ଜଦିଦ୍'' ପାଳନ କରନ୍ତୁ ଫଳତଃ ସୟଦନା ହଜୁର ଅନଓ୍ୱରଙ୍କ ତରଫରୁ ଧାର୍ଯ୍ୟ କରାଯାଇଥିବା ଲକ୍ଷ୍ୟ ମୁତାବକ ବରଂ ତା'ଠାରୁ ଅଧିକା ଅସୁଲ୍ କରିବାପାଇଁ ସାମର୍ଥ୍ୟ ପ୍ରାପ୍ତ ହୋଇପାରିବ । ଆମିନ୍ !

ସୟଦନା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ କହିଛନ୍ତି: ''ଏକଥା ଭାବ ନାହିଁ ଯେ ତହ୍‌ରିକ୍-ଏ-ଜଦିଦ୍ ମୋ ତରଫରୁ ଧାର୍ଯ୍ୟ କରାଯାଇଅଛି, ନୁହେଁ ବରଂ ଏହାର ଗୋଟିଏ ଗୋଟିଏ ଶବ୍ଦକୁ ମୁଁ ପବିତ୍ର କୁର୍‌ଆନ୍‌ରୁ ପ୍ରମାଣ କରିପାରେ ଓ ଗୋଟିଏ ଗୋଟିଏ ନିର୍ଦ୍ଦେଶକୁ ରସୁଲେ୍ କରିମ୍ ସ:ଆ:ସଙ୍କ ଆଦେଶାବଳୀରୁ ଦେଖାଇ ପାରିବି କିନ୍ତୁ ଚିନ୍ତା କରୁଥିବା ମସ୍ତିଷ୍କ ଓ ବିଶ୍ୱାସୀ ହୃଦୟର ଆବଶ୍ୟକ ରହିଛି । ଅତଏବ ଏକଥା ଭାବନାହିଁ ଯେ ଯାହା ମୁଁ କହିଲି ତାହା ମୋ ତରଫରୁ ବରଂ ସେ କହିଛି ଯାହା ହାତରେ ତୁମର ଜୀବନ ରହିଛି । ମୁଁ ଯଦି ମରି ଯାଏ, ତା'ହେଲେ ମଧ ସେ ଅନ୍ୟ ଦ୍ୱାରା ଏହା କୁହାଇବେ ଓ ତାଙ୍କ ମୃତ୍ୟୁ ପରେ ଆଉ କାହା ଦ୍ୱାରା । ଯାହା ବି ହେଉ ସେ ଛାଡ଼ିବ ନାହିଁ ଯେ ପର୍ଯ୍ୟନ୍ତ ତୁମେ ଏହାକୁ ସମ୍ପୂର୍ଣ୍ଣ ରୂପେ ଅନୁସରଣ ନ କରିଛ'' ।

**(ଖୁତ୍‌ବା ଜୁମା ପ୍ରଦତ ୧୩ ଡ଼ିସେମ୍ବର ୧୯୩୫ ଖ୍ରୀଷ୍ଟାବ୍ଦ ବହଓ୍ୱାଲା ଅଲ୍‌ଫଜଲ୍ ୨୧ ଡ଼ିସେମ୍ବର ୧୯୩୫)**

ଚାନ୍ଦା ତହ୍‌ରିକ୍-ଏ-ଜଦିଦ୍ ପ୍ରଦାନ କରୁଥିବା ନିଷ୍ଠାପର ବ୍ୟକ୍ତିମାନଙ୍କ ଧନ ଓ ଜନରେ ଅଲ୍ଲାଃ ତାଲା ଅସାଧାରଣ ବର୍‌କତ୍ ପ୍ରଦାନ କରନ୍ତୁ । ଆମିନ୍ ॥

**(ଓ୍ୱକିଲୁଲ୍ ମାଲ୍ ତହ୍‌ରିକ୍-ଏ-ଜଦିଦ୍ କାଦିୟାନ୍)**

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly **BADAR** Qadian
ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.6 Thursday 08 July 2021 Issue No. 27

**MANAGER**
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.575/- (Per Issue:Rs.10/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ସେପ୍ଟେମ୍ବର, ଅକ୍ଟୋବର ୨୦୧୯)

## ୨୩ ଅକ୍ଟୋବର ୨୦୧୯ (ବୁଧବାର)

## ରିପୋର୍ଟର ଝଲକାଂଶ

## ମେହେଦୀଆବାଦ୍‌କୁ ଯାତ୍ରା

ଆଜି ପ୍ରାଗ୍ରୋମ ମୁତାବକ ବର୍ଲିନ୍‌ରୁ ମେହେଦୀ ଆବାଦ୍ (ହେମ୍‌ବର୍ଗ) ନିମନ୍ତେ ଯାତ୍ରା କରିବାର ଥିଲା । ଠିକ୍ ୪:୨୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀରୁ ବାହାରକୁ ଆସିଲେ । ହଜୁର ଅନଓ୍ୱର ଅ:ବ:ଅଙ୍କୁ ବିଦାୟ ଦେବା ପାଇଁ ଯମାତ୍‌ର ପୁରୁଷ ଓ ମହିଳାମାନଙ୍କର ବହୁତ ବଡ଼ ସଂଖ୍ୟା ମିଶନ୍ ହାଉସ୍‌ର ବାହ୍ୟ ପ୍ରାଙ୍ଗଣରେ ଉପସ୍ଥିତ ଥିଲା । ଛୋଟ ଛୋଟ ଝିଅ ପିଲାମାନେ ଦଳଗତ ଭାବରେ ବିଦାୟମୂଳକ ଦୁଆଇୟା ନଜମ୍ ସମବେଦନା କଣ୍ଠରେ ପଢୁଥିଲେ । ପ୍ରୋଗ୍ରାମ ଅନୁଯାୟୀ ହଜୁର ଅନଓ୍ୱର ଅ:ବ:ଅ ମିଶନ୍ ହାଉସ୍‌ର ବାହ୍ୟ ପ୍ରାଙ୍ଗଣରେ ବାଦାମ ଚାରା ରୋପଣ କଲେ । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ଯମାତ୍‌ର ଲୋକମାନଙ୍କ ଗହଣକୁ ଗଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଛୋଟ ଛୋଟ ପିଲାଙ୍କୁ ଚକୋଲେଟ ପ୍ରଦାନ କଲେ । ଉପସ୍ଥିତ ସଦସ୍ୟମାନେ ନିଜ ହାତକୁ ଉପରକୁ ଉଠାଇ ପ୍ରିୟ ଆକାଙ୍କୁ ବିଦାୟ ସମ୍ବର୍ଦ୍ଧନା ଜଣାଉଥିଲେ ଓ ମହିଳାମାନେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଦର୍ଶନ କରି ଖୁସି ହେଉଥିଲେ । ଠିକ୍ ୪ଟା ୪୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ (ନୀରବ ପ୍ରାର୍ଥନା) କରାଇଲେ ଓ ହଜୁରଙ୍କ କାଫିଲାଟି ମେହେଦୀ ଆବାଦ୍ (ହେମବର୍ଗ) ନିମନ୍ତେ ଯାତ୍ରା ଆରମ୍ଭ କଲା । ମସ୍‌ଜିଦ୍ ଖଦିଜା ବର୍ଲିନଠାରୁ ମେହେଦୀ ଆବାଦ୍‌ର ଦୁରତା ହେଉଛି ୩୦୦ କିମି ।

ମେହେଦୀ ଆବାଦ୍ ଗୋଟିଏ କସ୍‌ବା ଯାହାର ନାମ ହେଉଛି Nahe ଏବଂ ଜିଲ୍ଲା Segeberg ଠାରେ ଅବସ୍ଥିତ ଏବଂ ତାହାର ରାଜ୍ୟ ହେଉଛି Schleswig Holstein ଏବଂ ଏହି ରାଜ୍ୟଟି ଉତର ଜର୍ମାନୀରେ ଅବସ୍ଥିତ । ଏହି ରାଜ୍ୟର ରାଜଧାନୀ ହେଉଛି Kiel । ଏହା ହେଉଛି ସେହି ସହର ଯେଉଁ ସହରରେ ଜଣେ ଜର୍ମାନୀ ବାସିନ୍ଦା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କୁ ତାଙ୍କ ଜୀବନରେ ହିଁ ଚିହ୍ନି ନେଇଥିଲ । ଏବଂ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଉପରେ ବିଶ୍ୱାସ ଆଣିଥିଲା ।

ପ୍ରାୟ ତିନିଘଂଟା ଯାତ୍ରା କରିବା ପରେ ସଂଧ୍ୟା ୭:୪୫ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ମେହେଦୀ ଆବାଦ୍‌ଠାରେ ପହଂଚିଲେ । ମେହଦୀ ଆବାଦ୍ ପହଂଚିବାର ସାତ ଆଠ କିମି ପୂର୍ବରୁ ପୋଲିସ୍‌ର ଗାଡ଼ିଗୁଡ଼ିକ କାଫିଲାକୁ ଏସ୍କର୍ଟ କଲା ।

ଯେଉଁ କ୍ଷଣି ହଜୁର ଅନଓ୍ୱର ଅ:ବ:ଅଙ୍କ ଗାଡ଼ି ମେହେଦୀ ଆବାଦ୍‌ର ବାହ୍ୟ ଫାଟକ ଭିତରେ ପ୍ରବେଶ କଲା ସେହି କ୍ଷଣି ମେହେଦୀ ଆବାଦ୍ ଓ ଆଖପାଖର ଜମାତ୍‌ଗୁଡ଼ିକରୁ ଆସିଥିବା ୧୧ଶହ ରୁ ଅଧିକ ଜମାତ୍‌ର ପୁରୁଷ ଓ ମହିଳାମାନେ ନିଜ ପ୍ରୀୟ ଆକାଙ୍କୁ ବହୁତ ଉତ୍ସାହିତ ହୋଇ ଭବ୍ୟ ସ୍ୱାଗତ ଜଣାଇଲେ ଏବଂ ସ୍ଲୋଗାନ ଲଗାଇ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇଲେ । ଛୋଟ ଛୋଟ ପୁଅ ଝିଅମାନେ ଅଲଗା ଅଲଗା ଦଳ ଆକାରରେ ସ୍ୱାଗତ ସମ୍ବର୍ଦ୍ଧନା ମୂଳକ ଗୀତ ଏବଂ ଦୁଆଇୟା ନଜମ୍ ଉପସ୍ଥାପନ କଲେ ।

ମେହେଦୀ ଆବାଦ୍ (Nahe) ଜମାତ୍ ବ୍ୟତୀତ

| | |
|---|---|
| Pinne Berg | Husum |
| Ditmarschen | Bad Segeberg |
| Schleshwig | Kiel |
| Lubeck Luneberg | Buxtehude |
| Vechta | Stade |
| Hamburg | Bremen |

ଏହି ଯମାତ୍ ଗୁଡ଼ିକରୁ ଯମାତ୍‌ର ସଦସ୍ୟମାନେ ନିଜ ପ୍ରୀୟ ଆକାଙ୍କୁ ସ୍ୱାଗତ କରିବାପାଇଁ ଏଠାରେ ଆସି ପହଂଚିଥିଲେ । ହଜୁର ଅନଓ୍ୱର ଅ:ବ:ଅ କିଛି ସମୟ ପାଇଁ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ହଜୁର ଅନଓ୍ୱର ଅ:ବ:ଅ ଠିକ୍ ୮:୩୦ ମିନିଟରେ ନିଜ ଆବାସସ୍ଥଳୀରୁ ବାହାରକୁ ବାହାରିଲେ । ଏ ଇଲାକାର ମେୟର Holger Fisher ସାହେବ ହଜୁର ଅନଓ୍ୱର ଅ:ବ:ଅଙ୍କୁ ସ୍ୱାଗତ ଜଣାଇବା ପାଇଁ ଏଠାରେ ଆସି ପହଂଚିଥିଲେ । ମୋକରମ୍ ଅବ୍‌ଦୁର୍ ରଉଫ୍ ସାହେବ୍ ସଦର ଯମାତ୍ ମେହେଦୀ ଆବାଦ୍ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ହାତ ମିଳାଇଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ମେୟର ସାହେବଙ୍କ ସାଥିରେ ବାର୍ତାଳାପ କଲେ ଏବଂ ହାତ ମଧ ମିଳାଇଲେ ।

ତା'ପରେ ହଜୁର ଅନଓ୍ୱର ଅ:ବ:ଅ "ମସ୍‌ଜିଦ୍ ବଇତୁଲ୍ ବସିର୍"ରେ ପଦାର୍ପଣ କରି ମଗ୍‌ରିବ ଏବଂ ଇସା ନମାଜ ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀ ଚାଲିଗଲେ ।

## ୨୪ ଅକ୍ଟୋବର ୨୦୧୯ (ଗୁରୁବାର)

ହଜୁର ଅନଓ୍ୱର ଅ:ବ:ଅ ଭୋର ୭:୦୦ରେ ମସ୍‌ଜିଦ୍ ବଇତୁଲ୍ ବସିର୍ ରେ ପଦାର୍ପଣ କରି ନମାଜ ପଢ଼ାଇଲେ । ନମାଜ ପାଠ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ । ସକାଳ ବେଳା ହଜୁର ଅନଓ୍ୱର ଅ:ବ:ଅ ଦଫ୍ତରି ଡ଼ାକ, ଚିଠି ଏବଂ ରିପୋର୍ଟସ ଇତ୍ୟାଦିର ତଦାରଖ କଲେ ଓ ସେଥିରେ ହିଦାୟତ (ନିର୍ଦ୍ଦେଶମାନ) ପ୍ରଦାନ କଲେ । ଏହିପରି ହଜୁର ଅନଓ୍ୱର ଅ:ବ:ଅ ଦଫ୍ତରି କାର୍ଯ୍ୟ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ ।

### ନମାଜ ଯନାଜାଃ ହାଜିର୍ (ଉପସ୍ଥିତ) ଏବଂ ଗାଏବ୍

ଠିକ୍ ଦିନ ବେଳେ ହଜୁର ଅନଓ୍ୱର ଅ:ବ:ଅ ମୋହତରମା କୁଲ୍‌ସୁମ୍ ଅଖ୍‌ତର୍ ସାହିବା ପତ୍ନୀ ମୋକରମ୍ ବଶିର୍ ଅହେମଦ୍ ସାହେବ ମରହୁମ୍ ଚେକ୍ ନଂ-୧୦୬ ରହିମ୍ ୟାର୍ ଖାନ୍ ପାକିସ୍ତାନୀ ନିବାସୀଙ୍କ ନମାଜ ଯନାଜାଃ ହାଜିର୍ ପଢ଼ାଇଲେ ଏବଂ ନିମ୍ନଲିଖିତ ୬ଜଣ ମର୍‌ହୁମିନ୍‌ମାନଙ୍କ ନମାଜ ଯନାଜାଃ ଗାଏବ ପଢ଼ାଇଲେ ।

ମୋହ୍‌ତରମା ସଲିମ୍ ଅଖ୍‌ତର୍ ସାହିବା ପତ୍ନୀ ରାଣା ମୁହମ୍ମଦ ଶହ୍‌ବାଜ୍ ସାହେବ ରବୁଓ୍ୱା ପାକିସ୍ତାନ, ମୋହତରମା ଅମ୍‌ତୁଲ୍ କୟୁମ ସାହିବା ପତ୍ନୀ ମୁକରମ୍ ଚୌଧୁରୀ ମୁହମ୍ମଦ୍ ଶରିଫ୍ ସାହେବ୍ (ସାବିକ୍ ନାଏବ୍ ଓ୍ୱକିଲୁଲ୍ ମାଲ୍ ସାନି ରବଓ୍ୱା), ମୋକରମ୍ ମୁହମ୍ମଦ୍ ଅନୁଓ୍ୱର ହାଶିମ୍ ସାହବ ମର୍‌ହୁମ୍, ମୋକରମ୍ ଅଶ୍‌ରଫ୍ ନଜିର୍ ଅହେମଦ୍ ସାହେବ, ମୋକରମା ଆସ୍‌ମା ମୁମ୍‌ତାଜ୍ ସାହିବା ଏବଂ ମୋକରମ୍ ଅଖ୍‌ତର୍ ହୁସୈନ୍ ସାହେବ କାଦିୟାନ୍‌ଙ୍କର ନମାଜ ଯନାଜାଃ ଗାଏବ ପଢ଼ାଇଲେ । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ବଇତୁଲ୍ ବସିର୍‌ଠାରେ ପଦାର୍ପଣ କରି ଜୋହର୍ ଏବଂ ଅସର୍ ନମାଜ ଜମା କରି ପଢ଼ାଇଲେ । ନମାଜ ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ପ୍ରୋଗ୍ରାମ ମୁତାବକ ଠିକ୍ ୬ଟା ବେଳେ ହଜୁର ଅନଓ୍ୱର ଅ:ବ:ଅ ନିଜ କାର୍ଯ୍ୟାଳୟରେ ପହଂଚିଲେ ଓ ସେଠାରେ ଫ୍ୟାମିଲି ସାକ୍ଷାତକାର ଆରମ୍ଭ ହେଲା । ଆଜି ସଂଧ୍ୟାର ଏହି ସେସନ୍‌ରେ ୩୫ଟି ଫ୍ୟାମିଲିରୁ ୧୧୪ ଜଣ ସଦସ୍ୟ ଏବଂ ବ୍ୟକ୍ତିଗତ ଭାବେ ୧୧ ଜଣ ସଦସ୍ୟ ନିଜ ପ୍ରୀୟ ଆକାଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ସାକ୍ଷାତ କରିବାକୁ ଆସିଥିବା ଏହି ଫ୍ୟାମିଲିଗୁଡ଼ିକ ଓ ଅନ୍ୟ ସଦସ୍ୟମାନେ ମେହେଦୀ ଆବାଦ୍ ବ୍ୟତିତ ଜର୍ମାନୀର ନିମ୍ନଲିଖିତ ଜମାତ୍ ଗୁଡିକରୁ ଆସିଥିଲେ ।

| | |
|---|---|
| Soltau | Hamburg |
| Kiel | Bremen |
| Pinneberg | Lubeck |
| Reheine | Jestevurg |
| Hannover | |

ଏମାନଙ୍କ ବ୍ୟତିତ ପାକିସ୍ତାନରୁ ଆସିଥିବା ଜଣେ ବନ୍ଧୁ ମଧ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ ।

ସାକ୍ଷାତ କରିଥିବା ଏହି ସମସ୍ତ ସଦସ୍ୟମାନେ ଓ ଫ୍ୟାମିଲିଗୁଡ଼ିକ ନିଜ ପ୍ରୀୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ଦେଲେ ଓ ଛୋଟ ଛୋଟି ପୁଅ ଝିଅମାନଙ୍କୁ ଚକୋଲେଟ ପ୍ରଦାନ କଲେ । ସାକ୍ଷାତକାରର ଏହି ପ୍ରୋଗ୍ରାମ ସଂଧ୍ୟା ୮ଟା ପର୍ଯ୍ୟନ୍ତ ଜାରି ରହିଲା । ତା'ପରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ବଇତୁଲ୍ ବସିର୍‌ଠାରେ ପହଂଚି ମଗ୍‌ରିବ ଏବଂ ଇସା ନମାଜ ଯମା କରି ପଢ଼ାଇଲେ ।

### ହଜୁର ଅନଓ୍ୱର ଅ:ବ:ଅଙ୍କ ଉପସ୍ଥିତିରେ ନିକାହ୍ ଘୋଷଣା

ନମାଜ ପରେ ମୋକରମ୍ ସଦାକତ୍ ଅହେମଦ୍ ସାହେବ୍ ମୁବଲିଗ୍ ଇନ୍‌ଚାର୍ଜ ଜର୍ମାନୀ ନିମ୍ନଲିଖିତ ଚାରୋଟି ନିକାହ୍ ଘୋଷଣା କଲେ । ଏହି ନିକାହ୍ ଚାଲିଥିବା ସମୟରେ ହଜୁର ଅନଓ୍ୱର ଅ:ବ:ଅଭ ସେଠାରେ ଉପସ୍ଥିତ ରହିଲେ ।

ଅଜିଜା କୁର୍‌ତୁଲ୍ ଆୟେନ୍ ମଲକ୍ ସୁପୁତ୍ରୀ ମୋକରମ୍ ହଫିଜ୍ ଅହେମଦ୍ କୁରୈଶି ସାହେବଙ୍କ ନିକାହ୍ ଅଜିଜମ୍ ରିଜଓ୍ୱାନ୍ ମଲକ୍ ସୁପୁତ୍ର ମୋକରମ୍ ଅର୍ଶଦ୍ ଅହେମଦ୍ ଶହ୍‌ବାଜ୍ ସାହେବଙ୍କ ସାହିତ ଧାର୍ଯ୍ୟ ହେଲା ।

ଅଜିଜା ନାଇଲା କଂଓ୍ୱଲ୍ ଖ୍ୱାଜା ସୁପୁତ୍ରୀ ମୋକରମ୍ ଶବିର୍ ଅହେମଦ୍ ଖ୍ୱାଜା ସାହେବଙ୍କ ନିକାହ୍ ଅଜିଜମ୍ ମିସ୍‌ବାହୁଦ୍ଦୀନ୍ ସଏଫ୍ ସୁପୁତ୍ର ମୋକରମ୍ ଫଲାହୁଦ୍ଦୀନ୍ ସଏଫ୍ ସାହେବ ମର୍‌ହୁମ୍‌ଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ଲୁବ୍‌ନା ତାରିକ୍ ସୁପୁତ୍ରୀ ମୋକରମ୍ ତାରିକ୍ ମେହମୁଦ୍ ସାହେବ୍‌ଙ୍କ ନିକାହ୍ ଅଜିଜମ୍ ୟାସିର୍ ଅହେମଦ୍ ମଲକ୍ ସୁପୁତ୍ର ମୋକରମ୍ ନାସିର୍ ମଲକ୍ ସାହେବଙ୍କ ସହିତ ଧାର୍ଯ୍ୟ ହେଲା ।

ଅଜିଜା ସଦଫ୍ ଖାନ୍ ସୁପୁତ୍ରୀ ମୋକରମ୍ ମୀର୍ ନସିରୁଲ୍ଲାଃ ଖାନ୍ ସାହେବ୍‌ଙ୍କ ନିକାହ୍ ଅଜିଜମ୍ ଅହଦ୍ ଜାନ୍ ଖାନ୍ ସୁପୁତ୍ର ମୋକରମ୍ ଗୁଲାମୁଲ୍ଲାଃ ଖାନ୍ ସାହେବଙ୍କ ସହିତ ଧାର୍ଯ୍ୟ ହେଲା ।

ଶେଷରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ । ଦୁଆ ପରେ ହଜୁର ନିଜ ଆବାସସ୍ଥଳୀକୁ ଚାଲିଗଲେ ।

ମେହଦୀ ଆବାଦ୍‌କୁ ବହୁତ ସୁନ୍ଦର ପତାକା ଏବଂ ରଙ୍ଗ ବେରଙ୍ଗର ଲିଟୁ ଲାଇଟ୍ ଦ୍ୱାରା ସଜା ଯାଇଥିଲା । ସେହିଭଳି ମସ୍‌ଜିଦ୍ ବଇତୁଲ୍ ବସିର୍ ଓ ତା'ର ଆଖପାଖ ଅଂଚଳକୁ

*ଅବଶିଷ୍ଟାଂଶ ପୃଷ୍ଠା- ୦୯ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan